୬ ଏସିଆ କପ୍ ପାଇଁ ଘୋଷଣା ହେଲା ଭାରତୀୟ ସ୍କ୍ୱାଡ୍



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹ 2.00
• ବର୍ଷ–୩୨ • ସଂଖ୍ୟା–୨୦୨ • ୨୦ ଅଗଷ୍ଟ ୨୦୨୫, ବୁଧବାର • ଭୁବନେଶ୍ୱର • Vol -32 • Issue-202 • 20th August 2025, Wednesday • Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

## ଓଡ଼ିଶାକୁ କେନ୍ଦ୍ରର ବଡ଼ ଭେଟି

# ଭୁବନେଶ୍ୱର ବାଇପାସ୍‌କୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ, ଖର୍ଚ୍ଚ ହେବ ୮୩୦୭ କୋଟି

**ନୂଆଦିଲ୍ଲୀ, ୧୯।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ କମିଟି ବୈଠକରେ ମଙ୍ଗଳବାର ୬ ଲେନ୍ ବିଶିଷ୍ଟ ଭୁବନେଶ୍ୱର ବାଇପାସ୍ ସଡ଼କ ପ୍ରକଳ୍ପକୁ ମଞ୍ଜୁର କରାଯାଇଛି । ୮୩୦୭.୭୪ କୋଟି ଟଙ୍କା ବ୍ୟୟରେ ୧୧୦.୮୭୫ କିଲୋମିଟର ଲମ୍ବ ପ୍ରବେଶ ନିୟନ୍ତ୍ରିତ ରାଜଧାନୀ କ୍ଷେତ୍ର ରିଂ ରୋଡକୁ ହାଇବ୍ରିଡ୍ ଆନୁଇଟି ମୋଡ୍ ବା ଏଚଏଏମ ମାଧ୍ୟମରେ ନିର୍ମାଣ କରାଯିବ। କ୍ୟାବିନେଟ୍ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ଏବେ ରାମେଶ୍ୱରରୁ ଟାଙ୍ଗୀ ପର୍ଯ୍ୟନ୍ତ ସଂଯୋଗ କରୁଥିବା ବର୍ତ୍ତମାନର ଜାତୀୟ ରାଜପଥ ତିନୋଟି ବଡ଼ ଜନବହୁଳ ସହର ଖୋର୍ଦ୍ଧା, ଭୁବନେଶ୍ୱର ଏବଂ କଟକ ଦେଇ ଯାଇଛି। ଅଧିକ ସଂଖ୍ୟାରେ ଯାନବାହନ ଚଳାଚଳ ଯୋଗୁ ଏହି ରାସ୍ତାରେ ପ୍ରବଳ ଭିଡ଼ ଏବଂ



ଟ୍ରାଫିକ୍ ସମସ୍ୟା ଉପୁନ୍ନ ହେଉଛି। ଏହି ସମସ୍ୟାର ସମାଧାନ ଲାଗି ଏକ ୬ ଲେନ୍ ବିଶିଷ୍ଟ ପ୍ରବେଶ ନିୟନ୍ତ୍ରିତ ଗ୍ରୀନଫିଲ୍ଡ ରାଜପଥ ପ୍ରକଳ୍ପ ବିକଶିତ କରିବା ଲାଗି ପ୍ରସ୍ତାବ ରହିଛି। ଏହି ସଡ଼କ ପ୍ରକଳ୍ପ ନିର୍ମାଣ ହେଲେ ଭାରି ବାଣିଜ୍ୟିକ ଯାନଗୁଡ଼ିକ କଟକ, ଭୁବନେଶ୍ୱର ଏବଂ ଖୋର୍ଦ୍ଧା ସହର ମଧ୍ୟରେ ପ୍ରବେଶ ନକରି ବିକଳ୍ପ ମାର୍ଗ ଦେଇ ଯାତାୟାତ କରିବେ । ଫଳରେ ଓଡ଼ିଶା ସମେତ ଅନ୍ୟ ପୂର୍ବବର୍ତ୍ତୀ ରାଜ୍ୟଗୁଡ଼ିକୁ ଗୁରୁତ୍ୱପୂର୍ଣ୍ଣ ଲାଭ ମିଳିପାରିବ। ଏହାଦ୍ୱାରା ମାଲ ପରିବହନ କ୍ଷମତା ମଧ୍ୟ ବଢ଼ିବ, ପରିବହନ ଖର୍ଚ୍ଚ ହ୍ରାସ ପାଇବ ଏବଂ ସ୍ଥାନୀୟ ଅଞ୍ଚଳରେ ସାମାଜିକ-ଆର୍ଥିକ ପ୍ରଗତି ଲାଗି ମାର୍ଗ ପ୍ରଶସ୍ତ ହେବ ବୋଲି ସେ କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ନୂତନ ରାଜମାର୍ଗ ପ୍ରକଳ୍ପକୁ ଏପରି ଭାବେ ଡିଜାଇନ୍ କରାଯାଇଛି ଯେ ଏହା ତିନୋଟି ପ୍ରମୁଖ ଜାତୀୟ ରାଜପଥ (ଏନଏଚ୍-୫୫, ଏନଏଚ୍-୫୭ ଓ ଏନଏଚ-୬୫୫) ଏବଂ ଗୋଟିଏ ରାଜ୍ୟ ରାଜପଥ (ଏସଏଚ-୬୫)କୁ (ପୃଷ୍ଠା ୭ରେ)

## ପ୍ରଧାନମନ୍ତ୍ରୀଙ୍କୁ ପ୍ରଶଂସା କଲେ ରାଜ୍ୟ ସରକାର

**ଭୁବନେଶ୍ୱର, ୧୯।୮**
**ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ର କ୍ୟାବିନେଟ୍‌ରେ ଭୁବନେଶ୍ୱର ବାଇପାସକୁ ମଞ୍ଜୁରୀ ମିଳିଥିବାରୁ ରାଜ୍ୟ ସରକାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ କେନ୍ଦ୍ର ସଡ଼କ ପରିବହନ (ପୃଷ୍ଠା ୭ରେ)

## ଓଡ଼ିଶାବାସୀଙ୍କୁ ଅଭିନନ୍ଦନ ଜଣାଇଲେ ମୋଦୀ

**ନୂଆଦିଲ୍ଲୀ, ୧୯।୮**

ଭୁବନେଶ୍ୱର-କଟକରେ ୬ ଲେନ୍ ବିଶିଷ୍ଟ ରିଂ ରୋଡ୍‌କୁ କେନ୍ଦ୍ର କ୍ୟାବିନେଟରେ ମଞ୍ଜୁରୀ ମିଳିଥିବାରୁ ପ୍ରଧାନମନ୍ତ୍ରୀ ମୋଦି ଓଡ଼ିଶାବାସୀଙ୍କୁ ଅଭିନନ୍ଦନ (ପୃଷ୍ଠା ୭ରେ)

# ବି. ସୁଦର୍ଶନ ରେଡ୍ଡି ବିରୋଧୀ ଦଳର ଉପରାଷ୍ଟ୍ରପତି ପ୍ରାର୍ଥୀ

**ନୂଆଦିଲ୍ଲୀ, ୧୯।୮**

ଇଣ୍ଡିମେଣ୍ଟ ପୂର୍ବତନ ସୁପ୍ରିମକୋର୍ଟ ବିଚାରପତି ବି. ସୁଦର୍ଶନ ରେଡ୍ଡିଙ୍କୁ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ପ୍ରାର୍ଥୀ ଭାବରେ ମନୋନୀତ କରିଛି। ଆସନ୍ତା ୨୧ ତାରିଖରେ ସେ ନାମାଙ୍କନ ଦାଖଲ କରିବେ । ମଙ୍ଗଳବାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଇଣ୍ଡିମେଣ୍ଟର ସାଂଗଠନିକ ଦଳଗୁଡ଼ିକର ବୈଠକ ପରେ ଏହା ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇଛି।

କଂଗ୍ରେସ ସଭାପତି ଖାର୍ଗେ ଏହି ଅବସରରେ କହିଛନ୍ତି ଯେ, ବି. ସୁଦର୍ଶନ ରେଡ୍ଡି ଦେଶର ଜଣେ ପ୍ରଖ୍ୟାତ ଏବଂ ପ୍ରଗତିଶୀଳ ଆଇନବିତ୍। ସେ ଆନ୍ଧ୍ର ପ୍ରଦେଶ ହାଇକୋର୍ଟରେ ବିଚାରପତି, ଗୌହାଟି ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ସୁପ୍ରିମକୋର୍ଟର ବିଚାରପତି ଭାବରେ ଦୀର୍ଘ ଏବଂ ଉତ୍କୃଷ୍ଟ କାର୍ଯ୍ୟ କରିଛନ୍ତି।

ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇଣ୍ଡି ମେଣ୍ଟର ପ୍ରାର୍ଥୀ ଘୋଷଣା ହେବା ପରେ, ବି. ସୁଦର୍ଶନ ରେଡ୍ଡି ମଙ୍ଗଳବାର ଦିଲ୍ଲୀରେ ପହଞ୍ଚିଥିଲେ। ତାଙ୍କୁ ବିମାନବନ୍ଦରରେ ବହୁ ସାଂସଦ ଏବଂ ବିରୋଧୀ ଦଳର ନେତାମାନେ



ସ୍ୱାଗତ କରିଥିଲେ। ତାଙ୍କୁ ସ୍ୱାଗତ କରିଥିବା ନେତାଙ୍କ ମଧ୍ୟରେ କଂଗ୍ରେସ ନେତା ରାଜୀବ ଶୁକ୍ଳା, ସୟଦ ନାସିର ହୁସେନ, ପ୍ରମୋଦ ତିୱାରୀ, ଡିଏମକେ ସାଂସଦ କାନିମୋଝି, କଂଗ୍ରେସ ସାଂସଦ ଇମ୍ରାନ ପ୍ରତାପଗଡ଼ି ଏବଂ ଅନେକ ନେତା ଥିଲେ। କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେଙ୍କ ବାସଭବନରେ ଇଣ୍ଡି ମେଂଟର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ସମସ୍ତ ପ୍ରମୁଖ ବିରୋଧୀ ଦଳ ଅଂଶଗ୍ରହଣ କରିଥିଲେ। ବୈଠକରେ, ବି. ସୁଦର୍ଶନ ରେଡ୍ଡୀଙ୍କୁ ସର୍ବସମ୍ମତିକ୍ରମେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମିଳିତ ପ୍ରାର୍ଥୀ ଭାବରେ ଘୋଷଣା କରାଯାଇଥିଲା। ରେଡ୍ଡି ଆସନ୍ତା ୨୧ରେ ତାଙ୍କର ନାମାଙ୍କନ ଦାଖଲ କରିବେ।

## ନିଟ୍ ପରୀକ୍ଷାରେ ସଫଳତା ପାଇଁ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୯।୮**
**ନ୍ୟୁଜ୍ ବ୍ୟୁରୋ**

ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଭାବରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବାରୁ ଚମ୍ପା ରାସପେଦାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଭାବରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମବିବିଏସ ପଢ଼ିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ମାଲକାନଗିରି ଜିଲ୍ଲାର (ପୃଷ୍ଠା ୭ରେ)

# ପୂର୍ବ ଭାରତ ସମ୍ମିଳନୀରେ ଯୋଗଦେଲେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ

**ଭୁବନେଶ୍ୱର, ୧୯।୮**
**ନ୍ୟୁଜ୍ ବ୍ୟୁରୋ**

ମହାରାଷ୍ଟ୍ର ମୁମ୍ବାଇସ୍ଥିତ ହୋଟେଲ ତାଜମହଲ ପ୍ୟାଲେସରେ ଅନୁଷ୍ଠିତ ଚତୁର୍ଥ ଭାରତୀୟ ଶିଳ୍ପ ମହାସଂଘ, ପୂର୍ବ ଭାରତ ସମ୍ମିଳନୀ ୨୦୨୫ରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଂଶଗ୍ରହଣ କରିଛନ୍ତି। ଭାରତୀୟ ଶିଳ୍ପ ମହାସଂଘର ପୂର୍ବ ଭାରତ ସମ୍ମିଳନୀ ପୂର୍ବ ଭାରତର ବିଶାଳ ଆର୍ଥିକ ସମ୍ଭାବନାକୁ ଉନ୍ମୁକ୍ତ କରିବା ଉପରେ କେନ୍ଦ୍ରିତ ଏକ ପ୍ରମୁଖ ପଦକ୍ଷେପ । ଏହି ସମ୍ମିଳନୀରେ ନିବେଶକ ଏବଂ ସରକାରୀ ପ୍ରତିନିଧିମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ରାଜ୍ୟ ଅଧିବେଶନ, ଗୋଲଟେବୁଲ ନୀତି ନିର୍ଦ୍ଧାରଣ



ଓ ଆଲୋଚନା କରାଯାଇଛି।

ଶ୍ରୀ ସିଂହଦେଓ ତାଙ୍କ ମୁଖ୍ୟ ଅଭିଭାଷଣରେ କହିଛନ୍ତି ଯେ, ଓଡ଼ିଶା ଖଣିଜ ସମ୍ପଦ, ଗଭୀର ଜଳ ବନ୍ଦର, ଦୃଢ଼ ରେଳ ଓ ରାସ୍ତା ସଂଯୋଗୀକରଣ, ଜମି, ପ୍ରାକୃତିକ ସମ୍ବଳ ସହିତ ଏକ ନିବେଶଯୋଗ୍ୟ ସ୍ଥାନ । ଏଥିସହିତ ଓଡ଼ିଶା ସମନ୍ୱିତ ଶିଳ୍ପ ଇକୋସିଷ୍ଟମ୍, ରପ୍ତାନୀମୁଖୀ ଉତ୍ପାଦନ କରିଡର ନିର୍ମାଣ କରୁଛି । ଯାହା ଲଜିଷ୍ଟିକ୍ ଏବଂ ବଜାର ପ୍ରବେଶକୁ ଆହୁରି ସୁଗମ ଓ ସହଜ କରିବ। ଉନ୍ନତ ପ୍ରଯୁକ୍ତିବିଦ୍ୟା, ଗ୍ରୀନ ଫିଲଡ଼ ପ୍ରୋଜେକ୍ଟ, ବନ୍ଦର-ନେତୃତ୍ୱାଧୀନ ଶିଳ୍ପ ଅଭିବୃଦ୍ଧିରେ ଓଡିଶା ନିବେଶ ଗ୍ରହଣ ପାଇଁ ପ୍ରସ୍ତୁତ । ପ୍ରଧାନମନ୍ତ୍ରୀଙ୍କ ଉକ୍ତିରେ, ପୂର୍ବ ଭାରତରେ ନିବେଶ କରିବାର ଏହା ସଠିକ୍ ସମୟ, ତେଣୁ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାରେ ନିବେଶ କରିବାକୁ ଶିଳ୍ପପତିମାନଙ୍କୁ ଆମନ୍ତ୍ରଣ କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ଏହା ମଧ୍ୟ (ପୃଷ୍ଠା ୭ରେ)

# ସାର, ବିରଳ ଖଣିଜ ସାମଗ୍ରୀ ଉପରୁ ରପ୍ତାନୀ କଟକଣା ଉଠାଇଲା ଚୀନ

**ନୂଆଦିଲ୍ଲୀ, ୧୯।୮**

ଭାରତକୁ ସାର, ବିରଳ ଖଣିଜ ଚୁମ୍ବକ/ଖଣିଜ ଏବଂ ସୁଡ଼ଙ୍ଗ ବୋରିଂ ମେସିନ୍ ରପ୍ତାନୀ ଉପରେ କଟକଣା ଉଠାଇଲା ଚୀନ। ଏନେଇ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ସୂଚନା ଦେଇଛନ୍ତି। ଗତ ମାସରେ ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍ ଜୟ ଶଙ୍କର ଚୀନ ଗସ୍ତ କରି ତାଙ୍କର ପ୍ରତିପକ୍ଷ ୱାଙ୍ଗ ୟିଙ୍କୁ ଭେଟି ଏନେଇ ଚିନ୍ତା ପ୍ରକଟ କରିଥିଲେ। ବର୍ତ୍ତମାନ ଭାରତ ଗସ୍ତରେ ଆସିଥିବା ଚୀନ ବୈଦେଶିକ ମନ୍ତ୍ରୀ ଏହି ଶୁଭ ଖବର ଦେଇଛନ୍ତି।

ରିପୋର୍ଟ ଅନୁସାରେ, ଦୁଇଦିନିଆ ଭାରତ ଗସ୍ତରେ ଆସିଥିବା ଚୀନ ବୈଦେଶିକ



ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି ଯେ ଏହି ୩ ସାମଗ୍ରୀ ନେଇ ଭାରତର ଅନୁରୋଧ ଉପରେ ଚୀନ କାମ କରିବା ଆରମ୍ଭ କରିଦେଇଛି। ଏହାର ରପ୍ତାନୀ ମଧ୍ୟ ଆରମ୍ଭ ହୋଇଯାଇଥିବା ଭାରତୀୟ ପକ୍ଷରୁ ଜଣାପଡ଼ିଛି। ଘଟଣା ସମ୍ପର୍କିତ ଜଡ଼ିତ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ସେପ୍ଟେମ୍ବର-ଅକ୍ଟୋବରରୁ ଓଡିଶାରେ ବିଶେଷ ଭୋଟର ତାଲିକା ପୁନଃସମୀକ୍ଷା।
- କନ୍ଧମାଳ ଜଙ୍ଗଲରୁ ୯ ଟନ୍ ବିସ୍ଫୋରକ ଓ ୪୦୦୦ ଡେଟୋନେଟର ଜବତ ।
- ମାଲକାନାଗିରିରେ ୩୦୦କିଗ୍ରା ଗଞ୍ଜେଇ ଜବତ, ୩ଗିରଫ ।
- ୪୫ଟି ବ୍ଲଡ୍ ବ୍ୟାଙ୍କ ପାଇଁ ଏନ୍‌ଏଟି ଟେଣ୍ଡରକୁ ଓଡିଶା ହାଇକୋର୍ଟର ସମର୍ଥନ ।
- ମିଶନ୍ ଆକାଂକ୍ଷା ଅଧୀନରେ ସରକାରଙ୍କ ନିଃଶୁଳ୍କ ସିଭିଲ ସର୍ଭିସ କୋଚିଂ ଆରମ୍ଭ ।
- ଷଷ୍ଠ ରାଜ୍ୟ ଅର୍ଥ କମିଶନ ସରକାରଙ୍କୁ ଅନ୍ତରୀଣ ପ୍ରତିବେଦନ ଦାଖଲ ।
- ଓଡିଶା-ଛତିଶଗଡ ସୀମାରେ ମାଓବାଦୀଙ୍କ ଆଇଇଡି ବିସ୍ଫୋରଣରେ ଡିଆରଜି ଯବାନ ଶହୀଦ ।

# ଭାରତର କୂଟନୀତି ବିକଶିତ ଭାରତ ୨୦୪୭ର ଲକ୍ଷ୍ୟ ଅନୁରୂପ ହେବା ଉଚିତ : ରାଷ୍ଟ୍ରପତି

**ନୂଆଦିଲ୍ଲୀ, ୧୯।୮**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଙ୍ଗଳବାର କହିଛନ୍ତି ଯେ ଭାରତର କୂଟନୈତିକ ପ୍ରୟାସ ଦେଶର ଘରୋଇ ଆବଶ୍ୟକତା ଓ ୨୦୪୭ ମସିହା ପର୍ଯ୍ୟନ୍ତ ଏକ ବିକାଶଶୀଳ ଭାରତ ଗଠନର ଲକ୍ଷ୍ୟ ସହ ଘନିଷ୍ଠ ଭାବେ ଜଡିତ ହେବା ଉଚିତ । ସେ ଯୁବ ଅଧିକାରୀମାନଙ୍କୁ ଅନୁରୋଧ କରିଥିଲେ ଯେ ସେମାନେ ନିଜକୁ କେବଳ ଭାରତର ହିତର ସଂରକ୍ଷକ ଭାବରେ ନୁହେଁ, ବରଂ ତାହାର ଆତ୍ମାର ରାଜଦୂତ ଭାବରେ ମଧ୍ୟ ଦେଖନ୍ତୁ। ସେ ରାଷ୍ଟ୍ରପତି ଭବନରେ ଭାରତୀୟ ବିଦେଶ ସେବା ୨୦୨୪ ବ୍ୟାଚ୍‌ର ପ୍ରଶିକ୍ଷୁ ଅଧିକାରୀମାନଙ୍କୁ ସମ୍ବୋଧନ କରିଥିଲେ । ରାଷ୍ଟ୍ରପତି ପ୍ରଶିକ୍ଷୁମାନଙ୍କୁ ଭାରତୀୟ ବିଦେଶ ସେବାରେ ଯୋଗଦେବା ପାଇଁ ଅଭିନନ୍ଦନ ଜଣାଇଥିଲେ ଓ କହିଥିଲେ ଯେ ସେମାନେ ଯେଉଁଠିକି ଯାଆନ୍ତି, ସେଠି ଭାରତର ସଭ୍ୟତାମୂଳକ ଜ୍ଞାନ ଓ ମୂଲ୍ୟବୋଧ –ଶାନ୍ତି, ବହୁଳତାବାଦ, ଅହିଂସା ଓ ସମ୍ବାଦକୁ ନିଜର ଆଚରଣରେ ପ୍ରତିବିମ୍ବିତ କରିବା ଉଚିତ। ସେ ଏହା ସହିତ କହିଥିଲେ ଯେ ପ୍ରତ୍ୟେକ ସଂସ୍କୃତିର ଧାରଣା, ଲୋକମାନେ ଓ ଭିନ୍ନ ଭିନ୍ନ ଦୃଷ୍ଟିକୋଣ ପ୍ରତି ସେମାନେ ଖୋଲା ମନ ରଖିବା ଦରକାର। ରାଷ୍ଟ୍ରପତି କହିଥିଲେ ଯେ ବିଶ୍ୱ ପରିପ୍ରେକ୍ଷ୍ୟରେ ଦ୍ରୁତ ଭାବରେ ପରିବର୍ତ୍ତନ (ପୃଷ୍ଠା ୭ରେ)

# ୪୦ ମହଲା ବିଶିଷ୍ଟ ରକେଟ୍ ନିର୍ମାଣ କରୁଛି ଇସ୍ରୋ

**ନୂଆଦିଲ୍ଲୀ, ୧୯।୮**

ଭାରତୀୟ ମହାକାଶ ଏଜେନ୍ସି ୪୦ ମହଲା ଉଚ୍ଚ ବିଶିଷ୍ଟ ରକେଟ୍ ନିର୍ମାଣ କରୁଛି। ଏହି ରକେଟ୍ ସାହାଯ୍ୟରେ ୭୫ ହଜାର କିଲୋଗ୍ରାମର ପେଲୋଡକୁ ପୃଥିବୀର ନିମ୍ନ କକ୍ଷକୁ ପଠାଯାଇପାରିବ । ଇସ୍ରୋ ମୁଖ୍ୟ ଭି ନାରାୟଣନ ଓସମାନିଆ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ସମାରୋହରେ ଏହା କହିଛନ୍ତି ।

ଇସ୍ରୋ ମୁଖ୍ୟ କହିଛନ୍ତି, ଚଳିତ ବର୍ଷ ଇସ୍ରୋ ପାଖରେ ଏନ୍‌ଏଭିଆଇସି ଉପଗ୍ରହ, ଏନ୍୧ ରକେଟ୍ ଉପରେ ପରିଯୋଜନା ରହିଛି। ଏହା ବ୍ୟତୀତ ଆମେରିକାର ୬,୫୦୦ କିଲୋଗ୍ରାମର ସଞ୍ଚାର ଉପଗ୍ରହକୁ ଭାରତୀୟ ରକେଟ୍ ଜରିଆରେ ପୃଥିବୀ କକ୍ଷକୁ



ପଠାଯିବା କାମ ମଧ୍ୟ ଏଜେନ୍ସି ପାଖରେ ରହିଛି। ନାରାୟଣନ କହିଛନ୍ତି, ଆପଣ ଜାଣନ୍ତି କି ପ୍ରଥମ ରକେଟର କ୍ଷମତା କେତେ ଥିଲା ? ଏପିଜେ ଅବଦୁଲ୍ କଲାମ ପ୍ରଥମେ ଯେଉଁ ଲଞ୍ଚର୍ ନିର୍ମାଣ କରିଥିଲେ, ତାର ଓଜନ ୧୭ ଟନ୍ ଥିଲା ଓ ତାହା ୩୫ (ପୃଷ୍ଠା ୭ରେ)

## ସେପ୍ଟେମ୍ବରରେ 'ସୁସ୍ଥ ଓଡିଶା ବିକଶିତ ଓଡିଶା' କାର୍ଯ୍ୟକ୍ରମ

**ଭୁବନେଶ୍ୱର, ୧୯।୮**
**ନ୍ୟୁଜ୍ ବ୍ୟୁରୋ**

ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଓଡିଶା ଭିଜନ ୨୦୩୬-୨୦୪୭ କୁ ଦୃଷ୍ଟିରେ ରଖି ଦୁଇଦିନିଆ 'ସୁସ୍ଥ ଓଡିଶା ବିକଶିତ ଓଡିଶା' କାର୍ଯ୍ୟକ୍ରମ ଆୟୋଜନ କରିବାକୁ ଯାଉଛି। ଆସନ୍ତା ମାସ ଅର୍ଥାତ ସେପ୍ଟେମ୍ବରରେ ଅନୁଷ୍ଠିତ ହେବ ଏହି ସମ୍ମିଳନୀ। ସମ୍ମିଳନୀରେ ଯୋଗ ଦେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହା ସହ ସ୍ୱାସ୍ଥ୍ୟମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗଙ୍କ ସମେତ ସ୍ୱାସ୍ଥ୍ୟ ସଂପର୍କିତ ବହୁ ବରିଷ୍ଠ ଅଧିକାରୀବୃନ୍ଦ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଯୋଗ ଦେବେ ରାଜ୍ୟର ବହୁ (ପୃଷ୍ଠା ୭ରେ)

## ଏକାଳ ପଖାଳ




କଟକ ଭୁବନେଶ୍ୱରବାସୀ
ଏବେ ଦିଅ ଟିକେ ହସି
ଟ୍ରାଫିକ୍ ଜାମ୍ ଭିଡ ଭିତରେ
ନିଇତି ହେଉଛ ପେସି
ରିଙ୍ଗ ରୋଡ ହେବ ହୁଅ ଖୁସି
ଅଢେଇ ବରଷେ କାମ ସରିଯିବ
ଦେଖିବା ଘଟଣା ବସି ।

# ବିବାହ କରିପାରିବେ ୧୬ ବର୍ଷୀୟା ମୁସଲିମ୍ ଝିଅ



**ନୂଆଦିଲ୍ଲୀ, ୧୯।୮**

୧୬ ବର୍ଷ ବୟସ୍କା ମୁସଲିମ ଝିଅ ବିବାହ କରିପାରିବେ। ଏଭଳି ବଡ଼ ରାୟ ସୁପ୍ରିମକୋର୍ଟ ଦେଇଛନ୍ତି । ଏହା ସହିତ ଶୀର୍ଷକୋର୍ଟ ପଞ୍ଜାବ-ହରିୟାଣା ହାଇକୋର୍ଟଙ୍କର ରାୟରେ ହସ୍ତକ୍ଷେପ କରିବାକୁ ମଧ୍ୟ ମନା କରିଦେଇଛନ୍ତି । ୨୦୨୨ ମସିହାରେ, ପଞ୍ଜାବ-ହରିୟାଣା ହାଇକୋର୍ଟ ୨୧ ବର୍ଷୀୟ ମୁସଲିମ ଯୁବକ ଏବଂ ୧୬ ବର୍ଷୀୟା ମୁସଲିମ ଝିଅଙ୍କ ପ୍ରେମ ବିବାହକୁ ମୁସଲିମ ବ୍ୟକ୍ତିଗତ ଆଇନର ବ୍ୟବସ୍ଥା ଅନୁଯାୟୀ ବୈଧ ବୋଲି ବିବେଚନା କରିଥିଲେ। ହାଇକୋର୍ଟ ବିବାହିତ ଦମ୍ପତିଙ୍କୁ ସୁରକ୍ଷା ଯୋଗାଇବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ। ହାଇକୋର୍ଟଙ୍କ ଏହି ନିଷ୍ପତ୍ତିକୁ ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।

ସୁପ୍ରିମକୋର୍ଟରେ ଦାଖଲ ଆବେଦନର ଶୁଣାଣି ସମୟରେ ଜଷ୍ଟିସ୍ ବିଭି ନାଗାରତ୍ନାଙ୍କ ଖଣ୍ଡପୀଠ କହିଥିଲେ ଯେ, ଏହି ମାମଲା ସହିତ ଏନସିପିସିଆରର ସମ୍ପର୍କ କ'ଣ ? ଯଦି ଏହି ମାମଲାରେ କମିଶନ ଏକ ପକ୍ଷ ନଥିଲେ, ତେବେ ଆବେଦନ କରିବାର ଯଥାର୍ଥତା କ'ଣ ? ପୁଅ ଏବଂ ଝିଅର ବିବାହ ଉଭୟଙ୍କ ସମ୍ମତିରେ ହୋଇଥିଲା। ରାୟ ଦେବା ସମୟରେ ଜଷ୍ଟିସ୍ ନାଗାରତ୍ନା ଟିପ୍ପଣୀ ଦେଇଥିଲେ ଯେ, ଏନସିପିସିଆରର ହାଇକୋର୍ଟଙ୍କର ରାୟକୁ (ପୃଷ୍ଠା ୭ରେ)

# ୨୫ ଯାଏଁ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା

**ଭୁବନେଶ୍ୱର, ୧୯।୮**
**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ପୁଣି ବର୍ଷା ସମ୍ଭାବନା। ପୁଣି ଲଘୁଚାପ ଯୋଗୁଁ ୨୩ ରୁ ୨୫ ତାରିଖ ଯାଏ ଓଡ଼ିଶାରେ ପ୍ରବଳ ବର୍ଷା ହୋଇପାରେ । ଏହା ସହିତ ଚଳିତ ଅଗଷ୍ଟ ମାସ ଶେଷ ପର୍ଯ୍ୟନ୍ତ ଗୋଟିଏ ପରେ ଗୋଟିଏ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବ ବୋଲି ସୂଚନା ମିଳିଛି। ମୌସୁମୀ ସମୟରେ ଜଳୀୟ ବାଷ୍ପ ଅଧିକ ରହୁଛି। ଏହା ଦ୍ୱାରା ବାୟୁମଣ୍ଡଳ ଅସ୍ଥିର ହେଉଛି। ଭର୍ଟେକ୍ସ ଶକ୍ତିଶାଳୀ ହେଲେ ଲମ୍ବା ଓ ବଡ ବର୍ଷା ହେବ। ବୁଧବାର ଆଡ଼କୁ ବର୍ଷା ପରିମାଣ କମିବ ବୋଲି ସୂଚନା ଦେଇଛନ୍ତି ପାଣିପାଗ ବିଶେଷଜ୍ଞ।



ଲଘୁଚାପ ଯୋଗୁଁ ୨୩ ରୁ ୨୫ ତାରିଖ ଯାଏ ଓଡ଼ିଶାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ୨୪ ତାରିଖରେ ଆଉ ଗୋଟିଏ ଲଘୁଚାପ କ୍ଷେତ୍ର (ପୃଷ୍ଠା ୭ରେ)

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୫ ବୁଧବାର





## ଜିଲ୍ଲା ସ୍ତରୀୟ ବାର୍ଷିକ ଯୁବ ସଂଗଠନର ଇଜତିମା ଉଦ୍‌ଯାପିତ

**ସୋର, ନ୍ୟୁଜ୍ ବ୍ୟୁରୋ**

୧୬ ଏବଂ ୧୭ ଅଗଷ୍ଟ ୨୦୨୫ ଦୁଇଦିନ ଧରି ସୋର ଅହମଦାୟା ମୁସଲିମ ମସଜିଦ୍ ପରିସରରେ ଜିଲ୍ଲା ବାଲେଶ୍ୱରର ଜିଲ୍ଲା ସ୍ତରୀୟ ବାର୍ଷିକ ଯୁବ ସଂଗଠନର ଇଜତିମା ଉଦ୍‌ଯାପିତ ହୋଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ ଅଖିଳ ଭାରତ ମଜଲିସ୍ ଖୁଦାମୁଲ୍ ଅହମଦିୟା ଯୁବ ସଂଗଠନର ସଭାପତି ଶମିମ୍ ଅହମଦ ଗୋରୀ ସାହେବ । ମୁଖ୍ୟ ଅତିଥି ଭାବେ ଉପସଭାପତି ସିଦ୍ଦିକ ଖାନ୍ ସାହେବ, ସମ୍ମାନିତ ଅତିଥି ରୂପେ ଜିଲ୍ଲା ବାଲେଶ୍ୱର ଯୁବ ସଂଗଠନର ସଭାପତି ଶେଖ ମୁଖତାର ସାହେବ ଏବଂ ଜିଲ୍ଲା ଭଦ୍ରକ ଓ ଯାଜପୁରର ଯୁବ ସଂଗଠନର ସଭାପତି ଶେଖ ସୁଲତାନ ସାହେବ ଯୋଗଦେଇଥିଲେ । ଏହା ବ୍ୟତୀତ ସମ୍ମାନିତ ଅତିଥି ରୂପେ ବାଲେଶ୍ୱର ଜିଲ୍ଲାର ଅମିର ମାନନୀୟ ଅବଦୁଲ ଜବ୍ବାର ଖାନ୍ ସାହେବ, ନିଗରାନ ତଲଲିଗ ଓଡ଼ିଶା ମୌଲାନା ନଜ୍ମୁଲ ଫଜଲ ସାହେବ ଦାସ ଏ ଖୁସ୍‌ସି ଓଡ଼ିଶା, ମୌଲାନା ଶରିଫ ଖାନ୍ ସାହେବ ମିଶନାରୀ ଇନଚାର୍ଜ ଜିଲ୍ଲା ବାଲେଶ୍ୱର, ମୌଲାନା ମାଲ ଅବଦୁଲ ହଫିଜ୍ ସାହେବ ମିଶନାରୀ ଇନଚାର୍ଜ ଜିଲ୍ଲା ଭଦ୍ରକ ଓ ଯାଜପୁର, ସୋର ଶହରର କାଏଦ ଶେଖ ଅବଦୁଲ ଅଜିଜ ସାହେବ, ଉକ୍ତ ତିନି ଜିଲ୍ଲାର ମଜଲିସ ଅନସାରୁଲ୍ଲା ଜୟସ୍ୱ ସଂଗଠନର ସଭାପତି ଅବଦୁଲ୍ ଓଦୁଦ୍ ଖାନ୍ ସାହେବ ଓ ଅନ୍ୟାନ୍ୟ ଅତିଥିମାନେ ମଞ୍ଚାସୀନ ଥିଲେ । ଉକ୍ତ ଶିକ୍ଷା ପ୍ରାପ୍ତ କରି ମାନବ ସମାଜର କଲ୍ୟାଣ ପାଇଁ ଅହମଦିୟା ଜାମାତ ସଂଗଠନକୁ ଆଗେଇ ଆସିବା ପାଇଁ ଉପଦେଶ ଦେଇଥିଲେ ସଭାପତି ଶମିମ ଅହମଦ ଗୋରୀ ସାହେବ । ଦେଶର ସେବା କରିବା ପାଇଁ ଡାକ୍ତରମାନଙ୍କର ଆବଶ୍ୟକତା ରହିଛି । ଏହିଭଳି ଅନ୍ୟାନ୍ୟ ସିଭିଲ ସର୍ଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ମାନବ ସମାଜର ସେବା କରିବା ପାଇଁ ଆଗେଇ ଆସିବାକୁ ସେ ଆହ୍ୱାନ ଦେଇଥିଲେ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ କୋରାନ ପାଠ, ନଜମ, ବକ୍ତୃତା, କୁଇଜ୍ ଇତ୍ୟାଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥିଲା । ଉତ୍ତୀର୍ଣ୍ଣ ହୋଇଥିବା ଖୁଦାମ ଏବଂ ଅତଫାଲ ମାନଙ୍କ ମଧ୍ୟରେ ମୁଖ୍ୟଅତିଥି ତଥା ସମ୍ମାନିତ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା ।

## ଉଜାଡ଼ିଥିଲା ତିତିଲି ଭୂଗୋଳରୁ ହଜିଯିବ ଆଦିବାସୀ ଗାଁ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**



ଆନ୍ଧ୍ରପ୍ରଦେଶ ସୀମାନ୍ତ ଗଞ୍ଜାମ ଜିଲ୍ଲାର ପାତ୍ରପୁର ତହସିଲର ଶତାଧିକ ଗ୍ରାମରେ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଛନ୍ତି । ଏହି ତହସିଲର ଗଜପତି ଜିଲ୍ଲା ସୀମାରେ ୧୪ ବର୍ଷ ପୂର୍ବେ ଚିହ୍ନଟ ହରଡ଼ାପାଟୁ ନୂଆସାହି ଆଦିବାସୀ ଗ୍ରାମ ପୂର୍ବରୁ ଗଜପତି ଜିଲ୍ଲା ରାଜସ୍ୱ ରେକର୍ଡ଼ରେ ରହିଛି । ତିତିଲି ବାତ୍ୟା ପରେ ଗ୍ରାମର ସମସ୍ତ ଘର ମାଟିରେ ମିଶିବା ଫଳରେ ଅଧିକାଂଶ ପରିବାର ଗ୍ରାମ ଛାଡ଼ି ଅନ୍ୟତ୍ର ଚାଲିଯାଇଥିବାରୁ ହରଡ଼ାପାଟୁ ନୂଆସାହି ଗ୍ରାମ ଭୂଗୋଳରୁ ଲିଭିଯିବା ଆଶଙ୍କା ଦେଖାଦେଇଛି । ଜିଲ୍ଲା ପୁନର୍ଗଠନ ବେଳେ ଗଞ୍ଜାମ ଜିଲ୍ଲାର ବୁରାଗାଁ ଓ ଆଙ୍କୁଲି ପଞ୍ଚାୟତର କେତେକ ଗ୍ରାମ ଗଜପତି ଜିଲ୍ଲା ରାଜସ୍ୱ ରେକର୍ଡ଼ରେ ଥିବାରୁ ଭୋଟଦାନରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ପାଇଁ ଗଜପତି ଜିଲ୍ଲା ଉପରେ ଲୋକମାନେ ନିର୍ଭର କରୁଥିଲେ । ପରବର୍ତ୍ତୀ ସମୟରେ ଗଜପତି ଜିଲ୍ଲା ଅଧୀନରେ ଥିବା କିଛି ଗ୍ରାମ ବାଦ୍ ପଡ଼ି ଗଞ୍ଜାମ ଜିଲ୍ଲାର ତିନିଟି ତହସିଲକୁ ଆସିଥିଲା । ୧୯୯୦ରେ ତିନିଟି ତହସିଲରେ ଥିବା ପାତ୍ରପୁରର ଲୋକଙ୍କ ସୁବିଧା ପାଇଁ ପାତ୍ରପୁର ଠାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ ପରେ ବୁରୁଡ଼ା ସମସ୍ତ ଗ୍ରାମ ଏହି ତହସିଲକୁ ଆସିଥିଲା । ୨୦୧୧ରେ ପାତ୍ରପୁର ତହସିଲର ଗଜପତି ଜିଲ୍ଲା ସୀମାନ୍ତ ଦୁର୍ଗମ ଜଙ୍ଗଲରେ ଥିବା ହରଡ଼ାପାଟୁ ନୂଆସାହି ଗ୍ରାମଟି ତହସିଲ ପ୍ରଶାସନର ନଜରକୁ ଆସିଥିଲା । ଏହାପରେ ଗଞ୍ଜାମ ଜିଲ୍ଲା ପ୍ରଶାସନ ଏହି ଗ୍ରାମକୁ ହସ୍ତାନ୍ତର କରିବା ପାଇଁ ଗଜପତି ଜିଲ୍ଲା ପ୍ରଶାସନକୁ ଚିଠି ଲେଖିଥିଲା । ଇତିମଧ୍ୟରେ ୧୪ ବର୍ଷ ବିତିଯାଇଥିବା ବେଳେ ଏଯାଏଁ ରାଜସ୍ୱ ରେକର୍ଡ଼ ପରିବର୍ତ୍ତନ ହୋଇପାରିନାହିଁ । ହରଡ଼ାପାଟୁ ନୂଆସାହି ଗ୍ରାମଟି ଦୁର୍ଗମ ବୁରାଗାଁ ପଞ୍ଚାୟତ ମହାଦେଇ ପର୍ବତ ପାର୍ଶ୍ୱରେ ରହିଛି । ଗ୍ରାମବାସୀଙ୍କ କହିବା ମୁତାବକ ଗ୍ରାମରେ ୨୫ ରୁ ଊର୍ଦ୍ଧ୍ୱ ପରିବାର ବସବାସ କରୁଥିଲେ । ଗ୍ରାମର ରୋଗୀଙ୍କୁ ସାଙ୍ଗି ଭାରରେ ଡାକ୍ତରଖାନା ବୋହିନେବା ସହିତ ପଡ଼ିକାର୍ଡ଼ରେ ଜିନିଷ ସଂଗ୍ରହ ଓ ବିକ୍ରି ପାଇଁ ପଞ୍ଚାୟତ ଏବଂ ବ୍ଲକକୁ ଯିବାକୁ ହେଲେ ୯ କି.ମି. ଜଙ୍ଗଲ ପଥ ଅତିକ୍ରମ କରିବାକୁ ପଡୁଛି । ପିଲାଙ୍କ ପାଠପଢ଼ା ଠାରୁ ଆରମ୍ଭ କରି ବିଭିନ୍ନ କାର୍ଯ୍ୟ ସହ ଜାତିଗତ, ଆୟ ପ୍ରମାଣ ପତ୍ର ପାଇଁ ଗଜପତି ଜିଲ୍ଲାର ଆର. ଉଦୟଗିରି ତହସିଲକୁ ଯିବାକୁ ପଡୁଛି । ଅଙ୍ଗନବାଡ଼ି କେନ୍ଦ୍ର ଗାଁ ଠାରୁ ୪ କି.ମି. ଦୂର ପାତ୍ରପୁର ବ୍ଲକର ଜେ. ବଡ଼ଗାଁରେ ଥିବାରୁ ଜଙ୍ଗଲ ରାସ୍ତାରେ ଯିବାକୁ ପଡୁଛି । ଆର. ଉଦୟଗିରି ଯିବାକୁ ହେଲେ ଜଙ୍ଗଲ ପଥରେ ବାଘୁଆ, ଗଜପତି ଜିଲ୍ଲା ବଡ଼ଗାଁ ଗାମଗିରି ଦେଇ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ କି.ମି ପଥ ଅତିକ୍ରମ କରିବାକୁ ପଡୁଛି । ଗ୍ରାମର ଲୋକମାନେ ମୁଖ୍ୟତଃ ଜଙ୍ଗଲ ବଣଡ଼ରେ ଫସଲ କାଙ୍ଗୁ, ଘଣ୍ଟିଆ, ଜହ୍ନା ପ୍ରଭୃତି ଚାଷ କରିଥାନ୍ତି । ଏପରିକି ଗ୍ରୀଷ୍ମ ଋତୁରେ ହରଡ଼ା, ବାହାଡ଼ା, ତେନ୍ତୁଳି, ଟୋଲ, ମହୁଲ ସଂଗ୍ରହ କରି ପାହାଡ଼ ତଳକୁ ଆସି ବିକ୍ରି କରୁଛନ୍ତି । ତେବେ ତିତିଲି ବାତ୍ୟାରେ ଗ୍ରାମର ସମସ୍ତ ଘର ଭାଙ୍ଗିଯିବା ସହ ଜଙ୍ଗଲରେ ଥିବା ଫଳଣି ଗଛ ମଧ୍ୟ ନଷ୍ଟ ହୋଇଯାଇଛି । ଏହା ଦେଖି ଗ୍ରାମର ବହୁ ପରିବାର ଗ୍ରାମ ଛାଡ଼ି ପାହାଡ଼ତଳ ଗ୍ରାମକୁ ଆସିଯାଇଛନ୍ତି । ଧାଡ଼ି ଆମ୍ବର, ନିକଟରେ ସେବକ ନାୟକ, ଅର୍ଜୁନ ନାୟକ ସମେତ କିଛି ପରିବାର ରହୁଥିବା ବେଳେ ତେନ୍ତୁଳି ସାହିରେ ଜାଗିଲି ନାୟକ, ନରସିଂହ ନାୟକ ସମେତ ଅନ୍ୟମାନେ ଘର କରି ରହୁଛନ୍ତି । ଗ୍ରାମକୁ ଭଲ ରାସ୍ତାଟିଏ ନଥିବାବେଳେ ପ୍ରାକୃତିକ ଉପାୟରେ ପାଇପ୍ ଯୋଗେ ଆସୁଥିବା ଝରଣା ପାଣି ଗ୍ରୀଷ୍ମ ଋତୁ ଠାରୁ ଠିକ୍ ଭାବେ ଆସୁନାହିଁ । ଗ୍ରାମରେ ଏବେ ହରିହର କାର୍ଜୀ, କୃଷ୍ଣଚନ୍ଦ୍ର କାର୍ଜୀ ସମେତ ୬ ପରିବାର ରହୁଛନ୍ତି । ଗ୍ରାମର ବିଦ୍ୟାଙ୍କ ମାଆ ଝିଅ ମଣି କାର୍ଜୀ, ସରୋଜିନୀ କାର୍ଜୀ ଆବାସ ଯୋଜନାରେ ସାମିଲ ହୋଇନଥିବାରୁ ଗ୍ରାମଠାରୁ ପ୍ରାୟ ଦୁଇ କିଲୋମିଟର ଦୂର ଯୋକର୍ଣ୍ଣ ସାହି ଠାରୁ ଏହି ଗ୍ରାମକୁ ରାସ୍ତା ନିର୍ମାଣ ସହ ଧୋବାଲିଙ୍ଗ ନାଳରେ ପୋଲ ନିର୍ମାଣ ହେଲେ ଲୋକମାନଙ୍କ ଯାତାୟାତ ସୁବିଧା ହୋଇପାରିବ । ପାର୍ଶ୍ୱରେ ଆଙ୍କୁଲି ପଞ୍ଚାୟତର ଡଗରଗା ଆଦିବାସୀ ଗ୍ରାମଟି ଗତ କିଛିବର୍ଷ ପୂର୍ବେ ସମ୍ପୂର୍ଣ୍ଣ ଭାବରେ ନିର୍ଣ୍ଣିହ୍ନ ହୋଇଯାଇଥିବା ବେଳେ ଏବେ ଗ୍ରାମର ଲୋକଙ୍କ ସମ୍ପର୍କରେ କାହା ପାଖରେ ସୂଚନା ନାହିଁ । ତେଣୁ ପ୍ରଶାସନ ଗ୍ରାମ ଲୋକଙ୍କ ବିଭିନ୍ନ ଅସୁବିଧା ପ୍ରତି ଦୃଷ୍ଟି ନଦେଲେ ଏହି ଗ୍ରାମଟି ଭୂଗୋଳରୁ ହଜିଯିବା ଆଶଙ୍କା ରହିଛି ।

## ନରଣପୁର ଗୋଡାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ଆସ ସ୍କୁଲ ଯିବା' ଅଭିଯାନ

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଅଧାରୁ ପାଠ ଛାଡ଼ିଥିବା, ଆଦୌ ସ୍କୁଲ ଯାଇନଥିବା ଓ ଅନ୍ୟ ବିଦ୍ୟାଳୟ ବାହାରେ ରହୁଥିବା ପିଲାଙ୍କୁ ଶିକ୍ଷା ମୁଖ୍ୟସ୍ରୋତରେ ସାମିଲ କରିବା ଲକ୍ଷ୍ୟରେ ସାରା ରାଜ୍ୟରେ ଆସ ସ୍କୁଲ ଯିବା ଅଭିଯାନ ଚାଲିଥିବା ବେଳେ ନରଣପୁର ପଞ୍ଚାୟତ ଅନ୍ତର୍ଗତ ଗୁରୁଦେଶ୍ୱରୀ ଗୋଡାସାହି ସରକାରୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ମାନେ ସ୍କୁଲ ପିଲାଙ୍କୁ ନେଇ ଏହି ଅଭିଯାନ ଆରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଶୋଭାଯାତ୍ରା ଏବଂ ରାଲି କାଢ଼ି ଗୁରୁଦେଶ୍ୱରୀ ଗୋଡାସାହି ପରିକ୍ରମା କରି ଘରକୁ ଘର ଯାଇ ୧୮ ବର୍ଷରୁ କମ୍ ସମସ୍ତ ପିଲାଙ୍କୁ ବିଦ୍ୟାଳୟକୁ ପଠାଇ ଶିକ୍ଷାଲାଭ କରିବା ପାଇଁ ବୁଝାଇଥିଲେ । ଏଥିରେ ସରକାରୀ ପ୍ରାଥମିକ ବିଦ୍ୟାଳୟ, ଗୋଡା ସାହିକୁ ଆସୁଥିବା ପିଲାଙ୍କ ଅଭିଭାବକଙ୍କ ଭିତରେ ସଚେତନତାର ମନ୍ତ୍ର ପ୍ରଦାନ କରିଛନ୍ତି ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଗିରି, ଶିକ୍ଷୟିତ୍ରୀ ଇନ୍ଦୁମତି ସାହୁ ଓ ବିନୋଦିନୀ ରାଉତ, ପିଲାମାନେ ହାତରେ ପ୍ଲାକାର୍ଡ ଓ ବ୍ୟାନର ଧରି ଗ୍ରାମ ପରିକ୍ରମା କରିବା ପରେ ବିଦ୍ୟାଳୟ କମିଟି ସଦସ୍ୟ ରଞ୍ଜନ ମୁଣ୍ଡା, ସବିତା ମହନ୍ତ, ଅଭିଭାବକ ସଂଜୁକତା ମହାନ୍ତ, ଯଶୋଦା ମହାନ୍ତ, ପ୍ରିୟଙ୍କା ନେକ, ଛିଣି ବାରିକ ପ୍ରମୁଖଙ୍କ ଉପସ୍ଥିତିରେ ବିଦ୍ୟାଳୟରେ ଏକ ସଭାର ଆୟୋଜନ କରାଯାଇଥିଲା । ଏଥିରେ ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଅଭିଭାବିକାମାନେ ଯୋଗଦେଇ ବିଭିନ୍ନ ଦିଗରେ ସରକାରଙ୍କ ପ୍ରତିବଦ୍ଧତା ଓ ଉଦ୍ଦେଶ୍ୟ ବିଷୟରେ ଆଲୋଚନା କରାଯାଇଥିଲା । ସମସ୍ତଙ୍କ ଉଦ୍ୟମ ରହିଲେ ଘରେ ଘରେ ଶିକ୍ଷା ପହଞ୍ଚି ପାରିବ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଲତା ଗିରି ବୁଝାଇଥିଲେ । ପିଲାଙ୍କୁ ବିଭିନ୍ନ କାମରେ ନିୟୋଜିତ ନକରାଇ ବିଦ୍ୟାଳୟରେ ଶିକ୍ଷାଲାଭ କରାଇଲେ ଭବିଷ୍ୟତରେ ସେମାନେ ଉଜ୍ଜ୍ୱଳ ଛାତ୍ର ଭାବେ ପ୍ରତିଷ୍ଠା ପାଇ ପାରିବେ ବୋଲି ସେ କହିଥିଲେ । ଏହା ସହିତ ପ୍ରତ୍ୟେକ ପିଲାଙ୍କ ଶିକ୍ଷା ପାଇବାର ଅଧିକାର ଉପରେ ମଧ୍ୟ ସରକାରଙ୍କ ଯୋଜନା ବିଷୟରେ ଆଲୋଚନା କରିଥିଲେ । ଶେଷରେ ଧନ୍ୟବାଦ ଅର୍ପଣ ସହିତ ସଭା ଶେଷ ହୋଇଥିଲା ।



## ସାଲେପୁରକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦେବା ପ୍ରତିବାଦରେ ଆଠ ଘଣ୍ଟିଆ ବନ୍ଦ ପାଳିତ



**ସାଲେପୁର, ନ୍ୟୁଜ୍**

କଟକ ଜିଲ୍ଲା ସାଲେପୁରକୁ ଏନ୍‌ଏସି ଘୋଷଣାରୁ ବାଦ୍ ଦେବା ପ୍ରତିବାଦରେ ସୋମବାର ଜେଡି ପକ୍ଷରୁ ୮ ଘଣ୍ଟିଆ ସାଲେପୁର ବନ୍ଦ ଡାକରା ଦିଆଯାଇଛି । ସାଲେପୁର ବିଜୁ ଜନତା ଦଳ ନେତା ତଥା ବିଧାୟକ ପ୍ରଶାନ୍ତ ବେହେରାଙ୍କ ନେତୃତ୍ୱରେ ଏହି ବନ୍ଦ ଡାକରା ଦିଆଯାଇଛି । ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ବିଜେଡି ଏହି ବନ୍ଦ ଡାକରା ଦେଇଛି । ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ବନ୍ଦ ନେତୃତ୍ୱ ନେଇ କୁଆଁପାଳ ଛକରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାକୁ ଅବରୋଧ କରାଯାଇଛି । ବିଧାୟକଙ୍କ ସହ ବହୁଦଳୀୟ କର୍ମୀ, ସମର୍ଥକ ଓ ଜନସାଧାରଣ ଏହି ବନ୍ଦରେ ସାମିଲ୍ ହୋଇଥିବା ଦେଖିବାକୁ ମିଳିଛି । ବିଭିନ୍ନ ଦିଗକୁ ଗାଡି ମଟର ବନ୍ଦ ରହିଥିବା ବେଳେ ଦୋକାନ ବଜାର ସରକାରୀ ଓ ବେସରକାରୀ ସ୍କୁଲ, କଲେଜ, ସରକାରୀ କାର୍ଯ୍ୟାଳୟକୁ ମଧ୍ୟ ବନ୍ଦ କରାଯାଇଛି ।

## ଓଡ଼ିଶାରେ ନଡ଼ିଆ ଉତ୍ପାଦନ କ୍ରମଶଃ ହ୍ରାସ ପାଉଛି



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ନଡ଼ିଆ ଉତ୍ପାଦନର ପ୍ରମୁଖ ସ୍ଥାନ ହେଉଛି ଓଡ଼ିଶା । ଏଠି ୪୫୦ କିଲୋମିଟର ସୁଦୀର୍ଘ ବେଳାଭୂମି ରହିଛି । ବେଳାଭୂମି ସଂଲଗ୍ନ ଅଞ୍ଚଳରେ ନଡ଼ିଆ ଓ ନଡ଼ିଆ କତା ତିଆରି ଦ୍ରବ୍ୟ ଉତ୍ପାଦନ ପାଇଁ ପର୍ଯ୍ୟାପ୍ତ ସୁଯୋଗ ମଧ୍ୟ ଅଛି । ଏହି ସୁଯୋଗର ସଦୁପଯୋଗ କରି ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଦୃଢ଼ କରାଯାଇପାରନ୍ତା । ଏଥିସହ ଚାଷୀଙ୍କ ଆୟ ବୃଦ୍ଧିରେ ମଧ୍ୟ ବିଶେଷ ସହାୟକ ହୁଅନ୍ତା । କିନ୍ତୁ ରାଜ୍ୟ ସରକାରଙ୍କର ଦୂରଦୃଷ୍ଟି ଅଭାବ ଓ ଭବିଷ୍ୟତମୁଖୀ ଯୋଜନା ନଥିବାରୁ ଏହା ସମ୍ଭବ ହୋଇପାରୁନି । ଫଳସ୍ୱରୂପ, ଭାରତରେ ନଡ଼ିଆ ଉତ୍ପାଦନ ସୂଚକାଙ୍କରେ ଓଡ଼ିଶା ଦିନକୁ ଦିନ ତଳକୁ ଖସୁଛି । ଏମିତିକି, ଆଗାମୀ ଦିନରେ ନଡ଼ିଆ ଉତ୍ପାଦନ ସଂପୂର୍ଣ୍ଣ ହ୍ରାସ ପାଇବା ନେଇ ଆଶଙ୍କା ପ୍ରକାଶ ପାଉଛି । ସମଗ୍ର ଭାରତବର୍ଷରେ ନଡ଼ିଆ ଉତ୍ପାଦନରେ କେରଳ ପ୍ରଥମ ସ୍ଥାନରେ ଅଛି । ତା' ପଛକୁ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ ରହିଛନ୍ତି । ଏହି ସୂଚକାଙ୍କରେ ଓଡ଼ିଶାର ସ୍ଥାନ ପଞ୍ଚମରେ ରହିଛି । ମାତ୍ର ଆମର ସୁଦୀର୍ଘ ବେଳାଭୂମି ରହିଛି । ଯାହା ଅନ୍ୟ ରାଜ୍ୟ ତୁଳନାରେ ନଡ଼ିଆ ଚାଷ ପାଇଁ ବେଶ ଉପଯୋଗୀ ଜମି । ପୂର୍ବରୁ ଆମ ରାଜ୍ୟ ତିନି ନମ୍ବରରେ ଥିଲା । ଗତ କିଛି ବର୍ଷ ଭିତରେ କେରଳ ମଡେଲକୁ ଆପଣାଇ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶ ଆମଠାରୁ ଅଧିକ ନଡ଼ିଆ ଉତ୍ପାଦନ କରୁଛନ୍ତି । କେରଳରେ ସର୍ବାଧିକ ୭୬୦ ହଜାର ହେକ୍ଟର ଜମିରେ ନଡ଼ିଆ ଚାଷ ହେଉଥିବା ବେଳେ ଆମ ରାଜ୍ୟରେ ମାତ୍ର ୫୩ ହଜାର ହେକ୍ଟର ଜମିରେ ଚାଷ ହେଉଛି । ବିଶେଷଜ୍ଞଙ୍କ ୧୯୯୯ ମହାବାତ୍ୟାରେ ଓଡ଼ିଶାରେ ସର୍ବାଧିକ ନଡ଼ିଆ ଗଛ କ୍ଷତିଗ୍ରସ୍ତ ହୋଇଥିଲା । ପରବର୍ତ୍ତୀ ସମୟରେ ଫନି ବାତ୍ୟାରେ ମଧ୍ୟ ପୁରୀ ଜିଲ୍ଲା ନଡ଼ିଆ ଚାଷ ସମ୍ପୂର୍ଣ୍ଣ ମୂଳପୋଛ ହୋଇଯାଇଥିଲା । ବାତ୍ୟା ଯୋଗୁଁ ଯେତିକି କ୍ଷତି ହୋଇଥିଲା, ପରବର୍ତ୍ତୀ ସମୟରେ ତା'ର କିଛି ପରିମାଣରେ ନୂଆ ଗଛ ଲଗାଇ ଭରଣା କରାଯାଇଥିଲା । ହେଲେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁଁ ପୂର୍ବଭଳି ଗଛଗୁଡ଼ିକ ବୃଦ୍ଧି ପାଇନଥିଲା ଓ ବିଭିନ୍ନ ରୋଗ ଦେଖାଦେଇଥିଲା । ଓଡ଼ିଶାରେ ନଡ଼ିଆ ଚାଷ ଓ 'କଏର୍ ଇଣ୍ଡଷ୍ଟ୍ରି' ପାଇଁ ଅନୁକୂଳ ପରିବେଶ । ଏହାକୁ ଦୃଷ୍ଟିରେ ରଖି ୫ବର୍ଷ ପୂର୍ବରୁ ୫ଟି 'କଏର୍ କ୍ଲଷ୍ଟର୍' ସ୍ଥାପନ ହୋଇଥିଲା । ପୁରୀ ଜିଲ୍ଲାରେ କୋଣାର୍କ, ଡେଲାଙ୍ଗ ଓ ସତ୍ୟବାଦୀରେ ତିନୋଟି ଖୋଲାଯାଇଥିବା ବେଳେ ବାଲେଶ୍ୱର ଭୋଗରାଇ ଓ କେନ୍ଦ୍ରାପଡ଼ା ରାଜକନିକାରେ ଗୋଟିଏ ଲେଖାଏଁ କ୍ଲଷ୍ଟର ଖୋଲାଯାଇଥିଲା । ମାତ୍ର ବର୍ଷ କେଇଟା ଭିତରେ ତିନୋଟି କ୍ଲଷ୍ଟର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି । କେବଳ ପୁରୀ ଜିଲ୍ଲାର ସତ୍ୟବାଦୀ ଓ କୋଣାର୍କରେ କ୍ଲଷ୍ଟର କାର୍ଯ୍ୟକ୍ଷମ ରହିଛି । ମାତ୍ର ଏହାର କାର୍ଯ୍ୟକାରିତା କ'ଣ ନଡ଼ିଆ ଚାଷୀମାନେ ଜାଣିପାରୁନାହାନ୍ତି । ଫଳସ୍ୱରୂପ କ୍ଲଷ୍ଟରଗୁଡ଼ିକ ଏକପ୍ରକାର ଅଚଳ ଅବସ୍ଥାକୁ ଆସିଗଲାଣି । ନଡ଼ିଆ ଚାଷ ଉପରେ ବହୁବର୍ଷ ଧରି ଗବେଷଣା କରିଥିବା ଗବେଷକ ଅମରେଶ ପଟ୍ଟନାୟକ କହିଛନ୍ତି, ସାରା ଭାରତବର୍ଷରେ ଆମ ରାଜ୍ୟର ମାଟି ଓ ଜଳବାୟୁ ନଡ଼ିଆ ଉତ୍ପାଦନ ପାଇଁ ସର୍ବୋତ୍କୃଷ୍ଟ । କେରଳ ଏବେ ସର୍ବାଧିକ ନଡ଼ିଆ ଉତ୍ପାଦନ କରୁଥିବା ରାଜ୍ୟ ହୋଇଥିବା ବେଳେ ଆମ ରାଜ୍ୟରେ ହେକ୍ଟର ପିଛା ୭୫୬୨ ଟି ନଡ଼ିଆ ଫଳୁଛି । କେରଳରେ ଏହି ସଂଖ୍ୟା ୭୪୦୨ । ଏସବୁକୁ ଦୃଷ୍ଟିରେ ଆମ ରାଜ୍ୟରେ ଏହି ନଡ଼ିଆ ଚାଷକୁ ବ୍ୟବସ୍ଥିତ କରିପାରିଲେ ଚାଷୀଙ୍କ ଆୟ ବୃଦ୍ଧି ପାଇବାରେ ବିଶେଷ ସହାୟକ ହେବ ବୋଲି ସେ କହିଛନ୍ତି । ଶ୍ରୀ ପଟ୍ଟନାୟକ ଆହୁରି କହିଛନ୍ତି, କେବଳ ପଇଡ଼ କିମ୍ବା ନଡ଼ିଆ ଚାଷ ନୁହେଁ ନଡ଼ିଆ ତେଲ, ନଡ଼ିଆ ଶାସ, ନଡ଼ିଆ ବିସ୍କୁଟ ଠାରୁ ଆରମ୍ଭ କରି ନଡ଼ିଆ କତା, ପାପୋଛ, କାର୍ପେଟ, ପୋଷାକ, ଦଉଡ଼ି, ଗୃହସଜ୍ଜା ସାମଗ୍ରୀ, କଣେଇ, ବିଞ୍ଚଣା ଆଦି ପ୍ରସ୍ତୁତ ହୋଇପାରିବ । ଏହାଦ୍ୱାରା କର୍ମନିଯୁକ୍ତି ବୃଦ୍ଧି ପାଇବ । ବର୍ତ୍ତମାନ ସରକାର ମାତ୍ରାଧିକ କର୍ମନିଯୁକ୍ତି ସୃଷ୍ଟି କରିବାକୁ ଚେଷ୍ଟା କରୁଛନ୍ତି । ତେଣୁ ଏହା ଉପରେ ବିଶେଷ ଦୃଷ୍ଟି ଦେଇ କାର୍ଯ୍ୟ କଲେ, ଏହା ଏକ ନଡ଼ିଆ ଚାଷରେ ଉନ୍ନତି ହେବା ସହ ଓଡ଼ିଶାରେ କୁଟୀର ଶିଳ୍ପ ବୃଦ୍ଧି ହେବ । ଯାହା ଗ୍ରାମାଞ୍ଚଳ ଅର୍ଥନୀତିକୁ ସୁଧାରିବାରେ ମହୌଷଧି ସାଜିବ ବୋଲି ସେ କହିଛନ୍ତି ।

## ଲୋପ ପାଇବାକୁ ବସିଲାଣି ବାଉଁଶ ପାତିଆରେ ନିର୍ମିତ ସାମଗ୍ରୀ !



**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

ବଦଳୁଛି ଯୁଗ । ତା' ସାଙ୍ଗକୁ ବଦଳୁଛି ଜୀବନଶୈଳୀ । ପାରମ୍ପରିକ କୌଳିକ ବୃତ୍ତି ଛାଡ଼ି ସମସ୍ତେ ଏବେ ପାଶ୍ଚାତ୍ୟ ଢାଞ୍ଚା ଆପଣାଇବାକୁ ପସନ୍ଦ କରୁଛନ୍ତି । ଏହିକ୍ରମରେ ପ୍ଲାଷ୍ଟିକ୍‌ରେ ପ୍ରସ୍ତୁତ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ସାମଗ୍ରୀ ଜୀବନର ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଛି । ଏଥିପାଇଁ ମାଟି, ବାଉଁଶ ଓ ପିତ୍ତଳ ଭଳି ଅନ୍ୟାନ୍ୟ ପାରମ୍ପରିକ ସାମଗ୍ରୀର ଚାହିଦା କମିବାରେ ଲାଗିଛି । ଅନେକ ପାରମ୍ପରିକ କୌଳିକ ବୃତ୍ତି ଛାଡ଼ି ସାରିଛନ୍ତି । ତେବେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ କାସିନିପଦର ପଞ୍ଚାୟତର ୩ ନମ୍ବର ଓ୍ୱାର୍ଡ ୨୦ ପରିବାର ୪ ନମ୍ବର ଓ୍ୱାର୍ଡ ୩୦ ପରିବାର ଓ ୧୦ ନମ୍ବର ଓ୍ୱାର୍ଡ ଭାଲୁରୁ ଗାଁ ଠାରେ ୧୯ରୁ ଅଧିକ ପରିବାର ନିଜ ପାରମ୍ପରିକ କୌଳିକ ବୃତ୍ତିକୁ ନଛାଡ଼ି ଏହାକୁ ଅଭିନବ ଉପାୟରେ ତଥା ନୂଆ ଢଙ୍ଗରେ କାମରେ ଲଗାଇ ନିଜର ଏକ ସ୍ୱତନ୍ତ୍ର ପରିଚିତ ସୃଷ୍ଟି କରିବା ସହ ରୋଜଗାରକ୍ଷମ ହୋଇପାରିଛନ୍ତି । ବାଉଁଶ ପାତିଆରେ ପାରମ୍ପରିକ କୁଣ୍ଡି, ଚାଙ୍ଗୁଡ଼ି, ଟାଟ, ଚାଞ୍ଚ, କୁଲା ଓ ପାଛିଆ ସହ ଘର ସାଜସଜ୍ଜା ସାମଗ୍ରୀ ପ୍ରସ୍ତୁତ କରି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟମାନଙ୍କୁ ଏଥିରେ ସାମିଲ କରିଛନ୍ତି । ସେହିପରି ବେତରେ ବି ଘରକରଣା ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି । ବାଉଁଶରେ ବିଭିନ୍ନ ସାମଗ୍ରୀ ତିଆରି କରି ପରିବାର ପ୍ରତିପୋଷଣ କରୁଛନ୍ତି । ରାତି ପାହିଲେ କାମରେ ଲାଗିପଡ଼ନ୍ତି ପୂରା ପରିବାର । ଖରା ହେଉ କି ବର୍ଷା ବୁଲି ବୁଲି ବାଉଁଶ କିଣନ୍ତି ଓ ତାକୁ କଟୁରିରେ ଚିରି ପତଳା କରି ଶୁଖାଇଥାଆନ୍ତି । ଶୁଖିଯିବା ପରେ ବାଉଁଶ ପାତିଆରେ ରଙ୍ଗ ଦେଇ ବିଭିନ୍ନ ସାମଗ୍ରୀ ତିଆରି କରାଯାଏ । ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହେତୁ ବାଉଁଶ ତିଆରି ସାମଗ୍ରୀର ଚାହିଦା କମି ଯାଉଛି । ବର୍ତ୍ତମାନ କେବଳ ପୂଜା ପାର୍ବଣ ଓ ବାହାଘର ବ୍ରତଘରକୁ ଛାଡ଼ିଦେଲେ ଅନ୍ୟ ଦିନରେ କେହି ବି ବାଉଁଶ ସାମଗ୍ରୀ ବ୍ୟବହାର କରୁନାହାଁନ୍ତି । ବାଉଁଶ ସାମଗ୍ରୀ ଧରି କାରିଗରମାନଙ୍କୁ ଏ ହାଟରୁ ସେ ହାଟ ଓ ଘର ଘର ବୁଲି ଶାଗମାଛ ଦରରେ ବିକ୍ରି କରିବାକୁ ପଡୁଛି । ପରିଶ୍ରମ ଅନୁସାରେ ପ୍ରାପ୍ୟ ମିଳୁନାହିଁ । ବାଉଁଶ କାରିଗରମାନେ ଧୀରେ ଧୀରେ କୁଳ ବେଉସାରୁ ମୁହଁ ମୋଡ଼ି ଦାଦନ ଖଟିବାକୁ ବାହାର ରାଜ୍ୟକୁ ଯାଉଛନ୍ତି । ତାଳ, ଖଜୁରି, ଶିଆଳି ଆଦି ପତ୍ରରୁ ନିର୍ମିତ ସାମଗ୍ରୀ ପାଇଁ ସରକାରଙ୍କ ପକ୍ଷରୁ ଯେପରି ବଜାର ଖୋଲି ପ୍ରୋତ୍ସାହନ ଦିଆଯାଉଛି, ବାଉଁଶ କାରିଗରଙ୍କ ପାଇଁ ସେପରି କରାଗଲେ ସେମାନେ ଉପକୃତ ହେବେ ଓ ବଞ୍ଚି ରହିବ ପରମ୍ପରା ଓ କୁଳ ବେଉସା ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

## ଡିଜିଟାଲ୍ ଫସଲ ସର୍ବେକ୍ଷଣ ନିମନ୍ତେ ପ୍ରଶିକ୍ଷଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୃଷି ବିଭାଗ ତରଫରୁ ଡିଜିଟାଲ୍ ଫସଲ ଖରିଫ - ୨୦୨୫ ସର୍ବେକ୍ଷଣ ନିମନ୍ତେ ଏକ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଜିଲ୍ଲାପାଳ ରଘୁରାମ ଆର୍ ଆୟାରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରବିନ୍ଦ୍ର କୁମାର ମଲିକ, ନବକୃଷ୍ଣ ଜେନା, ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁଶେ ଚନ୍ଦ୍ର ମଲିକ, ଉଦ୍ୟାନ କୃଷି ବିଭାଗ ଅଧିକାରୀ ଦେବଦାସ ଦତ, ଜିଲ୍ଲାର ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର, ଡିଏସ୍‌ଡବ୍ଲୁ, ଏଡିଏଓ କମଳାକାନ୍ତ ଦାସ, ହେମନ୍ତ ସାମଲ, ଆର୍‌ଆଇ ପ୍ରମୁଖ ଯୋଗଦେଇ ଜିଲ୍ଲାରେ ଡିଜିଟାଲ୍ ଫସଲ ସର୍ବେକ୍ଷଣ କିଭଳି ସୁରୁଖୁରୁରେ ହୋଇପାରିବ ସେ ସଂପର୍କରେ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ଅଧିକାରୀଙ୍କ ସମେତ ଆଲୋଚନା କରିଥିଲେ । ଏଥି ସହିତ ଜିଲ୍ଲାରେ ଥିବା ସମସ୍ତ କୃଷି ସମବାୟ ସମିତି ଗୁଡ଼ିକରେ ଏଆର୍‌ସିଏସ୍ ଓ ଡିଆର୍‌ସିଏସ୍‌ଙ୍କ ସହଯୋଗରେ ଚାଷୀ ପଞ୍ଜିକରଣକୁ ଦ୍ରୁତ ଗତିରେ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

## ସମ୍ବର୍ଦ୍ଧିତ ହେଲେ ପର୍ବତାରୋହୀ ଆଶୀର୍ବାଦ ମହାପାତ୍ର



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ଅତାବିରା ବ୍ଲକ ସ୍ଥିତ ଅଗ୍ରଣୀ ଶିକ୍ଷାକେନ୍ଦ୍ର ଲରମ୍ଭା ମହାବିଦ୍ୟାଳୟ ଠାରେ ଗଙ୍ଗାଧର ମେହେର ଜୟନ୍ତୀ ଅବସରରେ ସମ୍ବର୍ଦ୍ଧିତ ହୋଇଛନ୍ତି ଲରମ୍ଭା ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର କୁଲୁତା ଟୁକୁରା ନିବାସୀ ଆଶୀର୍ବାଦ ମହାପାତ୍ର । ଏହି ଅବସରରେ ସଭାପତି ଲରମ୍ଭା ମହାବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ କୁମାର ମହାନ୍ତି, ମୁଖ୍ୟଅତିଥି ଲରମ୍ଭା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ନେପାଳ ପ୍ରଧାନ, ମୁଖ୍ୟବକ୍ତା ପଞ୍ଚାୟତ ମହାବିଦ୍ୟାଳୟ ଇଂରାଜୀ ବିଭାଗର ସହକାରୀ ପ୍ରଫେସର ମାନଭଞ୍ଜନ ପାଣିଗ୍ରାହୀ, ଲରମ୍ଭା ମହାବିଦ୍ୟାଳୟର +୨ ଅଧିକାରୀ ଡ. ଦିଗମ୍ବର ଚାନ୍ଦ, ଓଡ଼ିଆ ବିଭାଗ ମୁଖ୍ୟ ଡ. ଶାନ୍ତିଲତା ବାରିକ ମଞ୍ଚାସୀନ ରହିଥିଲେ । ମାନପତ୍ର ଓ ଉପଢୌକନ ପ୍ରଦାନ ସହ ତାଙ୍କର ଉତ୍ତରୋତ୍ତର ଜୀବନ ସୁଖମୟ କାମନା କରାଯାଇଥିଲା । ଦକ୍ଷିଣ ଆଫ୍ରିକାର ତାଞ୍ଜାନିଆ ସ୍ଥିତ କିଲିମାଞ୍ଜାରୋ ପର୍ବତ ଆରୋହଣର ସ୍ମୃତି ଓ ଅନୁଭୂତିକୁ ପ୍ରକାଶ କରି ଆଗାମି ଦିନରେ କିପରି ଆହୁରି ଛାତ୍ରଛାତ୍ରୀ ଏ ଦିଗରେ ସଫଳତା ଆଣିବେ ସେ ଉପରେ ଶ୍ରୀ ମହାପାତ୍ର ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ପ୍ରକାଶ ଯୋଗ୍ୟ ଯେ ଏହା ପୂର୍ବରୁ ଲରମ୍ଭା କଲେଜ ଛାତ୍ରୀ ଲିପିକା ସେଟ ଉକ୍ତ ପର୍ବତ ଆରୋହଣ କରି ଗୌରବ ଆଣିପାରିଛନ୍ତି । ଗୋଟିଏ କଲେଜରୁ ଦୁଇଜଣ ସଫଳତା ପାଇଥିବାରୁ ଅଞ୍ଚଳରେ ପ୍ରଶଂସା କରାଯାଇଛି । ସମ୍ବର୍ଦ୍ଧିତ ପ୍ରତିଭାରେ କଲେଜର ଅଧ୍ୟାପକ ପବିତ୍ର କୁମାର ମାହାଣା, ବଡବାବୁ ପ୍ରମୋଦ ଚନ୍ଦ୍ର ସେଠ ସହଯୋଗ କରିଥିବା ବେଳେ ନିମନ୍ତ୍ରିତ ଅତିଥି, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମକର୍ତ୍ତା ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ପ୍ରଥମଥର କନ୍ଧମାଳରେ କଳାହଳଦୀ ଚାଷ:ଚଳିତବର୍ଷ ୪ କ୍ୱିଣ୍ଟାଲ୍ ଉତ୍ପାଦନ

**ଫୁଲବାଣୀ, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲ୍ଲାରେ କଳାଧାନ (କଳାବତୀ) ଓ କଳାଗହମ ଚାଷର ସଫଳତା ପରେ ଏବେ ପ୍ରଥମ କରି କଳାହଳଦୀ ଚାଷ ଆରମ୍ଭ ହୋଇଛି । କନ୍ଧମାଳ ଜୈବିକ ହଳଦୀ ଏହାର ଗୁଣବତ୍ତା ଓ ସ୍ୱାତନ୍ତ୍ର ଦୃଷ୍ଟିରୁ ବିଶ୍ୱବଜାରରେ ପହଞ୍ଚିପାରିଛି ଓ ଜିଆଇ ଟ୍ୟାଗ୍ ମଧ୍ୟ ହାସଲ କରିସାରିଛି । ଏବେ କଳାହଳଦୀ ଚାଷ ପ୍ରତି ଜିଲ୍ଲାର ଚାଷୀ ଆଗ୍ରହ ପ୍ରକାଶ କରିଛନ୍ତି । ପରୀକ୍ଷାମୂଳକ ଭାବେ କସମ୍ (କନ୍ଧମାଳ ଆପେକ୍ସ ସ୍ପାଇସେସ୍ ଆସୋସିଏସନ୍ ଫର୍ ମାର୍କେଟିଂ) ପକ୍ଷରୁ କଳାହଳଦୀ ଚାଷ ନିମନ୍ତେ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି । କଳାହଳଦୀର ବିହନ କେରଳରୁ ଅଣାଯାଇ କନ୍ଧମାଳର ଚାଷୀଙ୍କୁ ଯୋଗାଇ ଦିଆଯାଇଛି ବୋଲି 'କସମ୍'ର ସମ୍ପାଦକ ସଞ୍ଜିତ ପଟ୍ଟନାୟକ ସୂଚନା ଦେଇଛନ୍ତି । ଔଷଧୀୟ ଗୁଣ ଯୋଗୁଁ କଳାହଳଦୀ ଚାଷ ପ୍ରତି ଚାଷୀଙ୍କର ଆଦର ବଢ଼ିଛି । ବିଶେଷକରି ଏହି ହଳଦୀ ବିକ୍ରିବଟା ନେଇ କୌଣସି ସମସ୍ୟା ରହିବନାହିଁ । ଚଳିତବର୍ଷ ୪ କ୍ୱିଣ୍ଟାଲ କଳା ହଳଦୀ କନ୍ଧମାଳର ଚାଷୀ ଉତ୍ପାଦନ କରିଛନ୍ତି । ତେବେ ଆସନ୍ତାବର୍ଷ ଏହାର ଉତ୍ପାଦନ ଦୁଇଗୁଣ ବୃଦ୍ଧି କରାଯିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି । କଳାହଳଦୀର ବଜାର ମୂଲ୍ୟ ବର୍ତ୍ତମାନ କିଲୋ ପ୍ରତି ୧୫୦ରୁ ୨୦୦ ଟଙ୍କା ମଧ୍ୟରେ ରହିଛି । ସେହିଭଳି ଗତ ଦୁଇ ବର୍ଷ ତଳୁ କନ୍ଧମାଳ ଜିଲ୍ଲାରେ କଳା ଗହମ ଚାଷ ଆରମ୍ଭ ହୋଇଛି । କଳାଗହମର ଔଷଧୀୟ ମୂଲ୍ୟ ଯୋଗୁ ବଜାରରେ ଏହାର ଢେର୍ ଚାହିଦା ରହିଛି । ଉଚ୍ଚ ରକ୍ତଚାପ, ଡାଇବେଟିକ୍ ରୋଗୀଙ୍କ ପାଇଁ କଳାଗହମ ଅମୋଘ ଔଷଧ ହୋଇଥିବାରୁ ଦେଶରେ ଏହାର ଚାହିଦା



ରହିଛି । ବିଶେଷକରି କଳାଗହମରୁ ପ୍ରସ୍ତୁତ ଅଟା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିଥାଏ । କନ୍ଧମାଳ ଜିଲ୍ଲାର ମାଳଭୂମି, ସ୍ୱଳ୍ପ ବୃଷ୍ଟିପାତ ଓ ଉଚ୍ଚ ଗଡ଼ାଣିଆ ଜମି କଳା ଗହମ ଓ କଳା ହଳଦୀ ଚାଷ ପାଇଁ ଅନୁକୂଳ ହେବ ବୋଲି ଆଶା କରାଯାଉଛି । କଳାଗହମରୁ ପ୍ରସ୍ତୁତ ଅଟା ଗ୍ଲୁଟେନ୍ ମୁକ୍ତ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ । କଳାଗହମର ଅଟାରୁ ଔଷଧୀୟ ଦଳିଆ ପ୍ରସ୍ତୁତ କରାଯାଇ ବଜାରରେ ଉପଲବ୍ଧ ହେଉଛି । ସ୍ଥଳ ବିଶେଷରେ ଏହା କିଲୋ ପିଛା ୮୦ରୁ ୧୦୦ ଟଙ୍କା ମଧ୍ୟରେ ବିକ୍ରି ହେଉଛି । ସୂଚନାଯୋଗ୍ୟ ଯେ ଗତ କିଛି ବର୍ଷ ଧରି କନ୍ଧମାଳ ଜିଲ୍ଲାରେ 'କଳାବତୀ' ଧାନ ଚାଷ ହୋଇ ରାଜ୍ୟ ତଥା ରାଜ୍ୟ ବାହାରକୁ ଯୋଗାଣ ହେଉଛି । 'କସମ୍' କନ୍ଧମାଳ ହଳଦୀ, କଳାଧାନ, ଅଦା, ମହୁ ଭଳି ଦେଶୀ ଉତ୍ପାଦର ମାର୍କେଟିଂ କରି ସମଗ୍ର ରାଜ୍ୟରେ ଏକ ସୁପରିଚିତ ବ୍ରାଣ୍ଡ୍ ସୃଷ୍ଟି କରିପାରିଛି । ଏଥିପାଇଁ ସଂସ୍ଥା ପକ୍ଷରୁ ଚାଷୀମାନଙ୍କୁ ମଧ୍ୟ ପ୍ରୋତ୍ସାହନ ଯୋଗାଇ ଦିଆଯାଇଥାଏ । ଚାଷୀଙ୍କ ଠାରୁ ଅମଳ ହେବା ପରେ ସଂସ୍ଥା ଏହାକୁ ପ୍ରୋସେସିଂ ଏବଂ ପ୍ୟାକେଜିଂ କରି ବଜାରକୁ ଛାଡ଼ିଥାଏ । ଯଦି କଳାଧାନ, କଳାଗହମ ଭଳି କନ୍ଧମାଳରେ କଳାହଳଦୀ ଚାଷ ସଫଳ ହୁଏ ତେବେ ଏହା ସଂସ୍ଥା ପାଇଁ ଆଉ ଏକ ସଫଳ କାହାଣୀ ହୋଇପାରିବ ବୋଲି 'କସମ୍'ର ସମ୍ପାଦକ ଶ୍ରୀ ପଟ୍ଟନାୟକ କହିଛନ୍ତି । ଯଦିଓ ଚଳିତବର୍ଷ କଳାହଳଦୀର ଅମଳ ସେତେ ମାତ୍ରାରେ ଉତ୍ସାହଜନକ ହୋଇନାହିଁ, ତେବେ ଆସନ୍ତାବର୍ଷ ଅଧିକ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

### ////// ଦୁଇ ଦିନିଆ ଅନ୍ତର୍ଜାତୀୟ ଆଲୋଚନା ଚକ୍ର //////

## 'ଶକ୍ତି ଓ ପରିବେଶ ଅଙ୍ଗାଙ୍ଗୀ ଭାବେ ଜଡ଼ିତ'

**କେନ୍ଦୁଝର, ନ୍ୟୁଜ୍**



ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୂଲ୍ୟରେ "ଶକ୍ତି ଓ ପରିବେଶ" ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ ଆଇଏମ୍‌ଏମ୍‌ଟିର ନିର୍ଦ୍ଦେଶକ ଡ଼କ୍ଟର ରାମାନୁଜ ନାରାୟଣ । ସେ ତାଙ୍କ ବକ୍ତବ୍ୟରେ କହିଲେ ପରିବେଶ ଓ ଶକ୍ତି ଅଙ୍ଗାଙ୍ଗୀ ଭାବରେ ଜଡ଼ିତ ଓ ଉଭୟର ଭାରସାମ୍ୟ ରକ୍ଷା କରିବା ରସାୟନ ବିଭାଗର ପ୍ରମୁଖ କର୍ତ୍ତବ୍ୟ ହେବା ଦରକାର । ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ ଭିଏସ୍‌ଏସ୍‌ୟୁଟି ବୁର୍ଲାର ପ୍ରଫେସର ଶରତ କୁମାର ସ୍ୱାଇଁ । ସେ ତାଙ୍କ ବକ୍ତବ୍ୟରେ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇଥିଲେ । ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡକ୍ଟର ପ୍ରଭୁ ପ୍ରସାଦ ଦାସ ସଭାପତିତ୍ୱ କରି ତାଙ୍କ ବକ୍ତବ୍ୟରେ କହିଥିଲେ ବିଶ୍ୱବିଦ୍ୟାଳୟ ବର୍ତ୍ତମାନ ଗବେଷଣାକୁ ଗୁରୁତ୍ୱ ଦେଇ ବିଭିନ୍ନ ଆଲୋଚନା ଚକ୍ରମାନ କରୁଛି । ଏହା ଉଭୟ ଛାତ୍ରଛାତ୍ରୀ ଓ ଅଧ୍ୟାପକ ମାନଙ୍କର ବୌଦ୍ଧିକ ବିକାଶରେ ସହାୟତା ହୋଇପାରିବ । କୁଳସଚିବ ସୁଶ୍ରୀ ପ୍ରତିଭା ପୃଷ୍ଟି ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଦେଇଥିଲେ ଓ ସେ ଯୋଗର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ଡକ୍ଟର ଶ୍ରୀଧର ସନ୍ୟାସୀ ସ୍ୱାଗତ ଭାଷଣ ଦେଇଥିଲା ବେଳେ ଡକ୍ଟର ଯଶୋବନ୍ତ ନାରାୟଣ ସିଂ ବାବୁ ଆଲୋଚନା ଚକ୍ରର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଅତିଥି ପରିଚୟ ପ୍ରଦାନ କରିଥିଲେ ଡକ୍ଟର ଡି ଗ୍ରହାଚାର୍ଯ୍ୟ ଓ ଧନ୍ୟବାଦ୍ ଅର୍ପଣ କରିଥିଲେ ଡକ୍ଟର ଅନୁପମା ଦାସ । ହାଇବ୍ରିଡ ମୋଡରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ଦେଶବିଦେଶରୁ ବିଷୟ ବିଶେଷଜ୍ଞ ମାନେ ଏଥିରେ ଯୋଗଦାନ କରିଥିଲେ । ଯୋଗଦେଇଥିବା ବିଷୟ ବିଶେଷଜ୍ଞମାନେ ହେଉଛନ୍ତି ଡକ୍ଟର ସୁବାଷ ଚନ୍ଦ୍ର ମଲ୍ଲିକ, ଡକ୍ଟର ନସିମ କୁମାର ଧଳ, ସୁରେଶ ଚନ୍ଦ୍ର ଖୋଟୋଇ ଓ ଡକ୍ଟର ସୁଚିସ୍ମିତା ଆଚାର୍ଯ୍ୟ (ଟେକ୍ସାସ୍ ୟୁ ଏସ୍‌ଏ) । ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ରୋନିତା ନାୟକ ତଥା ବିଭାଗର ସମସ୍ତ ଅଧ୍ୟାପକ ଓ କର୍ମଚାରୀମାନେ ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୫ ବୁଧବାର





# ଅମରେଶ୍ୱର ମହାଦେବ ମନ୍ଦିର ରାସ୍ତା ଶୋଚନୀୟ



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡ଼ା ପୌରାଞ୍ଚଳ ଅନ୍ତର୍ଗତ ଗୋପ ଠାରେ ଥିବା ଅମରେଶ୍ୱର ମହାଦେବ ମନ୍ଦିର ରାସ୍ତା ଶୋଚନୀୟ ହୋଇପଡ଼ିଥିବା ପୌର ଅଧକ୍ଷା ସରିତା ସାହୁଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ମୁତାବକ ଅମରେଶ୍ୱର ମହାଦେବ ମନ୍ଦିରକୁ ଯିବାପାଇଁ ରାସ୍ତାରେ କାଦୁଅ ଓ ପାଣି ଜମି ରହିବା ଫଳରେ ମନ୍ଦିରକୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତୁରନ୍ତ ଏହି ରାସ୍ତା ନିର୍ମାଣ କରିବା ପାଇଁ ବିଜେପି ନଗର ଉପ ସଭାପତି ପଦ୍ମଲୋଚନ ମହାପାତ୍ର, ପ୍ରମୋଦ କୁମାର ନାୟକ, ରାଧାକାନ୍ତ ମାହାନ୍ତ, ଆନନ୍ଦ ପ୍ରସାଦ ମହାନ୍ତି ପ୍ରମୁଖ ଦାବି କରିଛନ୍ତି ।

## ଏସିଏଫ୍ ଓ ଫରେଷ୍ଟ ରେଞ୍ଜର ନିଯୁକ୍ତି ମାମଲା

# ଓପିଏସ୍‌ସିର ନିଷ୍ପତ୍ତିକୁ ବେଆଇନ୍ କହିଲେ ହାଇକୋର୍ଟ

**କଟକ, ନ୍ୟୁଜ୍ ବ୍ୟୁରୋ**

ସହକାରୀ ବନ ସଂରକ୍ଷକ (ଏସିଏଫ) ଏବଂ ଫରେଷ୍ଟ ରେଞ୍ଜର ନିଯୁକ୍ତି ମାମଲାରେ ଓଡ଼ିଶା ଲୋକସେବା ଆୟୋଗ (ଓପିଏସ୍‌ସି) ନେଇଥିବା ନିଷ୍ପତ୍ତି ବେଆଇନ୍ ବୋଲି କହିଛନ୍ତି ହାଇକୋର୍ଟ । ଏହି ମାମଲାର ଶୁଣାଣି କରି ଉଚ୍ଚ ନ୍ୟାୟାଳୟ ଏପରି ରାୟ ଶୁଣାଇବା ସହିତ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ପରୀକ୍ଷାର୍ଥୀ ଶାରୀରିକ ପରୀକ୍ଷାରୁ ବଞ୍ଚିତ ହୋଇପାରିବେନାହିଁ ବୋଲି ହାଇକୋର୍ଟ କହିଛନ୍ତି । ମାମଲା ବିବରଣୀରୁ ପ୍ରକାଶ ଯେ, ଏସିଏଫ୍ ଓ ଫରେଷ୍ଟ ରେଞ୍ଜର ନିଯୁକ୍ତି ପାଇଁ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା କିଛି ଆବେଦନକାରୀଙ୍କୁ ଶାରୀରିକ ପରୀକ୍ଷାରୁ ବାଦ୍ ଦେଇଥିଲା ଓପିଏସ୍‌ସି । ପରୀକ୍ଷାର୍ଥୀମାନଙ୍କର ଉଚ୍ଚ ରକ୍ତଚାପ ଥିବାରୁ ଶାରୀରିକ ପରୀକ୍ଷାରୁ ବାଦ୍ ଦିଆଯାଇଥିବା ଓପିଏସ୍‌ସି ଦର୍ଶାଇଥିଲା । ଓପିଏସ୍‌ସିର ଏହି ନିଷ୍ପତ୍ତି ବେଆଇନ୍ ବୋଲି ଦର୍ଶାଇ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇଥିଲା । ଓପିଏସ୍‌ସି ପକ୍ଷରୁ ନିଯୁକ୍ତି ବିଜ୍ଞାପନ ବେଳେ ଏଭଳି କୌଣସି ନିୟମ ଦର୍ଶାଯାଇନାହିଁ । ତେଣୁ ଉଚ୍ଚ ରକ୍ତଚାପ ଯୋଗୁ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ପ୍ରାର୍ଥୀଙ୍କୁ ଶାରୀରିକ ପରୀକ୍ଷାରୁ ବାଦ୍ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟ ଦେଇଛନ୍ତି । ଆବେଦନକାରୀଙ୍କ ପକ୍ଷରୁ ରାଜୀବ ରଥ ମାମଲା ପରିଚାଳନା କରୁଥିଲେ ।





# ଡାକ୍ତରଙ୍କୁ ଜାମିନ୍ ପରିବର୍ତ୍ତେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ନ୍ୟୁଜ୍ ବ୍ୟୁରୋ**

ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ମାମଲାରେ ଶିଶୁଭବନର ଜଣେ ଡାକ୍ତରଙ୍କ ଆଗୁଆ ଜାମିନ୍ ଆବେଦନକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ । ଡାକ୍ତରଙ୍କ ବିରୋଧରେ ଉଦ୍ଦେଶ୍ୟମୂଳକ ଭାବେ ଚିକିତ୍ସା ଅବହେଳା ଭଳି ଅଭିଯୋଗ ରହିଥିବାରୁ ହାଇକୋର୍ଟ ଆଗୁଆ ଜାମିନ୍ ପାଇଁ ମନା କରିଦେଇଛନ୍ତି । ଜାମିନ୍ ପରିବର୍ତ୍ତେ ଡାକ୍ତରଙ୍କୁ ତଳ କୋର୍ଟରେ ଆତ୍ମସମର୍ପଣ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ମାମଲା ବିବରଣୀରୁ ଜଣାପଡ଼ିଛି ଯେ, ସମ୍ପୃକ୍ତ ଡାକ୍ତର ଏବେ ଶିଶୁଭବନରେ ଥାଇ ଉଦ୍ଦେଶ୍ୟମୂଳକ ଭାବେ ଚିକିତ୍ସାରେ ଅବହେଳା କରିଥିବା ନେଇ ସଂପୃକ୍ତିର ଅଭିଯୋଗ ରହିଛି । ଏ ନେଇ ଥାନାରେ ୧୦୬(୧) ଓ ୩୧୮(୪) ବିଏନ୍ଏସ୍‌ରେ ମାମଲା ରୁଜୁ କରିଛି ପୋଲିସ । ଗତ ଜୁନ୍ ମାସରେ ଏକ ଶିଶୁର ଚିକିତ୍ସା ପାଇଁ ଶିଶୁଭବନ ଆସିଥିବାରୁ ଏହାକୁ ଏକ ଘରୋଇ ହସ୍ପିଟାଲ୍‌କୁ ଯିବାକୁ କହିଥିଲେ ଡାକ୍ତର । ଘରୋଇ ହସ୍ପିଟାଲ୍‌ରେ ଶିଶୁଟିର ମୃତ୍ୟୁ ପରେ ପରିବାର ସଦସ୍ୟ ଥାନାରେ ଅଭିଯୋଗ କରିଥିଲେ ।

# ସୃଜନୀର ୩୯ତମ ବାର୍ଷିକ ଉତ୍ସବ ଓ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ଅଗ୍ରଣୀ ସାହିତ୍ୟ କଳା, ସାଂସ୍କୃତିକ ଓ ସମାଜସେବାର ଉତ୍ସର୍ଗୀକୃତ ଅନୁଷ୍ଠାନ ସୃଜନୀର ୩୯ ତମ ବାର୍ଷିକ ଉତ୍ସବ ସ୍ଥାନୀୟ ଜୟଦେବ ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୂଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭୁବନେଶ୍ୱର ମଧ ବିଧାୟକ ଅନନ୍ତ ନାରାୟଣ ଜେନା, ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ ଯୋଗ ଦେଇଥିଲେ । ଓଡ଼ିଶା ସଂସ୍କୃତି ଜଗତର ବିଶିଷ୍ଟ ନିର୍ଦ୍ଦେଶକ, ଲେଖକ, ନାଟ୍ୟକାର, କଳାକାର କବି ଓ ସମାଜସେବୀ ଏହି ଉତ୍ସବରେ ଯୋଗଦାନ କରିଥିଲେ । ଏହି ଉତ୍ସବରେ ସୃଜନୀର କଳାକାରମାନଙ୍କ ଦ୍ୱାରା ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯାଇଥିଲା ଏବଂ କୁନି କୁନି ଶିଶୁକଳାର ମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା କରାଯିବା ସହିତ ପୁରସ୍କାର ବିତରଣ କରାଯାଇଥିଲା । ସୃଜନୀର ସମ୍ପାଦକ ଦ୍ୱାରା ଆଗାମୀ ଦିନରେ ହେବାକୁଥିବା ନାରାୟଣ ନାଟ୍ୟ ମହୋତ୍ସବ ଓ ଶିଶୁ ନାଟକ ମହୋତ୍ସବରେ ତାରିଖ ଘୋଷଣା କରିବା ସହିତ ସୃଜନୀ ଅନୁଷ୍ଠାନର ଆଗାମୀ ଦିନରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବିଷୟରେ ଘୋଷଣା କରିଥିଲେ । ସ୍ୱାଧୀନତାର ୭୯ତମ ଅମୃତ ମହୋତ୍ସବ ପାଇଁ ଦେଶାତ୍ମବୋଧକ ସଙ୍ଗୀତ ପରିବେଷଣ ସହିତ କୁନି କୁନି ପିଲାମାନଙ୍କୁ ପୁରସ୍କୃତ କରାଯାଇଥିଲା । ସୃଜନୀର ପ୍ରତିଷ୍ଠା ପବିତ୍ର ଗହ୍ମା ପୂର୍ଣ୍ଣିମା ଦିନ ହୋଇଥିବାରୁ ସୃଜନୀ ଅନୁଷ୍ଠାନ ତରଫରୁ ବିଭିନ୍ନ ବିଦ୍ୟାଳୟ ଓ ଆଶ୍ରମରେ ରକ୍ଷାବନ୍ଧନ ଉତ୍ସବ ପାଳିତ କରାଯାଇଥିଲା । ଏହି ଉତ୍ସବରେ ସୃଜନୀର ସମ୍ପାଦକ ଚିତ୍ତରଞ୍ଜନ ରାୟ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିବା ସହିତ ସୃଜନୀର ଆଗାମୀ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସଂସ୍କୃତି ବିଭାଗ ଓ ସରକାରଙ୍କ ସହଯୋଗ ଲୋଡ଼ିଥିଲେ । ସୃଜନୀର ସଭାପତି ଶରତ ରାଉତ ସୃଜନୀର ସୃଜନୀର ସମାଜସେବାରେ ଉତ୍ସର୍ଗୀକୃତ କାର୍ଯ୍ୟଗୁଡ଼ିକ ବର୍ଣ୍ଣନା କରିବା ସହିତ ଆଗାମୀ ଦିନରେ ସୃଜନୀ ଏହିପରି ତାର ସମାଜସେବା ଓ ସାଂସ୍କୃତିକ ସେବା ଜାରି ରଖିବ ବୋଲି ଘୋଷଣା କରିଥିଲେ । ସମସ୍ତ ଅତିଥିମାନେ ସୃଜନୀର ପ୍ରତିଷ୍ଠାତା ବିଶିଷ୍ଟ କବି, ନାଟ୍ୟକାର, ନିର୍ଦ୍ଦେଶକ, କଳାକାର ଓ ସମାଜସେବୀ ସ୍ୱର୍ଗତଃ ନାରାୟଣ ଚନ୍ଦ୍ର ରାୟ ମହାପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି ଉତ୍ସବରେ ସମ୍ମାନୀୟ ଅତିଥି ଅନନ୍ତ ନାରାୟଣ ଜେନା ଅନେକ ଶିଶୁ କଳାକାର, ନୃତ୍ୟଶିଳ୍ପୀ ଓ କଣ୍ଠଶିଳ୍ପୀଙ୍କୁ ପୁରସ୍କୃତ କରିଥିଲେ ଏବଂ ସୃଜନୀର କାର୍ଯ୍ୟକୁ ଭୂୟସୀ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ସୃଜନୀର ଅନୁଷ୍ଠାନକୁ ସବୁବେଳେ ତାଙ୍କର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଉତ୍ସବର ଅନ୍ୟତମ ସମ୍ମାନୀୟ ଅତିଥି ପୂର୍ବତନ ସଂସ୍କୃତି ମନ୍ତ୍ରୀ ଭୂପିନ୍ଦର ସିଂ ସଭାରେ ଯୋଗଦେଇ ସୃଜନୀର ଶିଶୁ ମହୋତ୍ସବ, ନାଟ୍ୟ ମହୋତ୍ସବ, ନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଓ ସମାଜସେବା କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ସଂସ୍କୃତି ବିଭାଗର ସହଯୋଗ ଓଡ଼ିଶାର କଳା ସଂସ୍କୃତିର ଉନ୍ନତି ପାଇଁ ସବୁବେଳେ ସୃଜନୀ ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି କହିଥିଲେ । ପରିଶେଷରେ ସୃଜନୀର ଉପସଭାପତି ମାନସ ରଞ୍ଜନ ରାୟମହାପାତ୍ର ଧନ୍ୟବାଦ ଦେଇଥିଲେ । ଏହି ଉତ୍ସବରେ ବରିଷ୍ଠ ଅଧିବକ୍ତା ସୂର୍ଯ୍ୟନାରାୟଣ ଦାସ ସୃଜନୀ ବିଷୟରେ ତାଙ୍କ ଅଭିଭାଷଣ ରଖିଥିଲେ । ଏହି ସଭାରେ ସୃଜନୀର ବରିଷ୍ଠ ସଭ୍ୟ ପ୍ରଶନ୍ନ ମିଶ୍ର, ନୃସିଂହ ମହାପାତ୍ର, ସୁଧାକର ମହାନ୍ତି, ଶଶିପ୍ରଭା ଦାସ, ପ୍ରଜ୍ଞା ରଥ, ଅନିଲ କୁମାର ପଣ୍ଡା, ବଳରାମ, ଅରୁଣ ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ ।

# ନିରୂପଣ ହେଲା ନୂଆଁଖାଇ ଲଗ୍ନ:ନିଶାର୍ଦ୍ଧ ପରେ ସମଲେଇଙ୍କ ପୀଠରେ ଲାଗିବ ନବାନ୍ନ



**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ପଶ୍ଚିମ ଓଡ଼ିଶାର କୃଷିଭିତ୍ତିକ ଗଣପର୍ବ ନୂଆଖାଇ ପାଇଁ ବରଗଡ଼ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ପୀଠରେ ରବିବାର ସାରେ ଲଗ୍ନ ନିର୍ଦ୍ଧାରୀତ ହୋଇଛି । ପଣ୍ଡିତ ଚୂଡ଼ାମଣି ରଥ, ପଣ୍ଡିତ ବିଘ୍ନରାଜ ଦାଶ, ପଣ୍ଡିତ ସୁଧାଂଶୁ ଚରଣ ଦାଶ, ପଣ୍ଡିତ ବିଷ୍ଣୁଦୟାଲ ଦାଶ, ପଣ୍ଡିତ ଆୟୁଷ୍ମନ୍ତ ଷଡ଼ଙ୍ଗୀ, ମନ୍ଦିରର ପୂଜକ କ୍ଷୀରୋଦ୍ର ଝାଙ୍କର ପ୍ରମୁଖ ଲଗ୍ନ ନିର୍ଦ୍ଧାରଣ କରିଥିଲେ । ଆଗାମୀ ଅଗଷ୍ଟ ୨୭ ତାରିଖ ବୁଧବାର ନିଶାର୍ଦ୍ଧ ପରେ ୨୮ ତାରିଖ ଗୁରୁବାର ପାହାନ୍ତିଆ ହେବା ପୂର୍ବରୁ ମାଁ ସମଲେଶ୍ୱରୀଙ୍କ ଠାରେ ନବାନ୍ନ ଭୋଗର ସମସ୍ତ କାର୍ଯ୍ୟ ସମ୍ପାଦନ କରାଯିବ ବୋଲି ପଣ୍ଡିତମାନେ ସୂଚନା ଦେଇଥିଲେ । ସୂଚନା ମୁତାବକ ବରଗଡ଼ ସମଲେଶ୍ୱରୀ ମନ୍ଦିରର ଏକ ନିଆରା ପରମ୍ପରା ରହିଛି । ମାଁଙ୍କଠାରେ କେତେବେଳେ ନବାନ୍ନ ଭୋଗ ଲାଗି କରାଯାଏ, ତାହା ଲୋକଲୋଚନକୁ ଅଣାଯାଏନାହିଁ । ସେଥିପାଇଁ ନିଶାର୍ଦ୍ଧରେ ମାଁଙ୍କଠାରେ ନବାନ୍ନ ଭୋଗ ଲାଗି କରାଯାଏ । ସେହିପରି ଅଗଷ୍ଟ ୨୮ ତାରିଖ ଗୁରୁବାର ଭାଦ୍ରବ ଶୁକ୍ଳ ପଞ୍ଚମୀ ସିଂହ ୧୨ ଦିନ ବିଶୁଦ୍ଧ ତୁଳା ଲଗ୍ନେ ତୁଳା ଚନ୍ଦ୍ରେ ସ୍ୱାତୀ ନକ୍ଷତ୍ରେ ଶୁକ୍ଳ ଯୋଗେ ମୀନ ନବାଂଶେ ପୂର୍ବାହ୍ନ ୧୦ ଘଣ୍ଟା ୨୩ ମିନିଟ୍‌ରୁ ୧୦ ଘଣ୍ଟା ୩୭ ମିନିଟ୍ ମଧ୍ୟେ ସର୍ବସାଧାରଣ ନିଜ ଇଷ୍ଟ ଦେବାଦେବୀଙ୍କ ଠାରେ ନବାନ୍ନ ଭୋଗ ଲାଗିକରି ନବାନ୍ନ ଭକ୍ଷଣ କରିବା ଶୁଭପ୍ରଦ ଅଟେ ବୋଲି ଲଗ୍ନ ସ୍ଥିରିକୃତ ହୋଇଥିଲା । ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀଙ୍କ ସମେତ ହାଟପଦା ଦୁର୍ଗା ମନ୍ଦିର, ମା' ଶ୍ୟାମାକାଳୀ ମନ୍ଦିରର କର୍ମକର୍ତ୍ତା ତଥା ବରଗଡ଼ ସମଲେଶ୍ୱରୀ ମନ୍ଦିର ପରିଚାଳନା କମିଟିର ସଦସ୍ୟ ଏବଂ ସହରର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ ।

# 'ଆତ୍ମହତ୍ୟା ସମସ୍ୟା ସମାଧାନର ପନ୍ଥା ନୁହେଁ'

**ଧାମନଗର, ନ୍ୟୁଜ୍ ବ୍ୟୁରୋ**

ଧାମନଗର ମହାବିଦ୍ୟାଳୟ ପରିସରରେ ଭଦ୍ରକ ଜିଲ୍ଲା ପୋଲିସ ତରଫରୁ ଆତ୍ମହତ୍ୟା ପ୍ରତିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଧାମନଗର ଏସ୍‌ଡିପିଓ ତ୍ରିଲୋଚନ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଧାମନଗର ମହାବିଦ୍ୟାଳୟର ଇଂରାଜୀ ବିଭାଗ ଅଧ୍ୟାପିକା ବାସ୍ତବିକା ଦାସ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ । ଆତ୍ମହତ୍ୟା କୌଣସି ସମସ୍ୟାର ସମାଧାନର ପନ୍ଥା ନୁହେଁ । ଜୀବନରେ ସମସ୍ୟା ଆସିବ, ତା'କୁ ସାହସ ଓ ଧର୍ଯ୍ୟର ସହ ମୁକାବିଲା କରିବାର ଆବଶ୍ୟକତା ରହିଛି, ନିଜ ଭିତରେ କିଛି ଅସୁବିଧା ହେଲେ ନିଜର ସାଥିକୁ କୁହନ୍ତୁ ପରେ ଘରେ ବାପା ମା'କୁ ସୂଚନା ଦିଅନ୍ତୁ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏସ୍‌ଡ଼ିପିଓ ଶ୍ରୀ ସେଠୀ ଛାତ୍ରଛାତ୍ରୀଙ୍କୁ ସ୍କୁଲ୍ କଲେଜରେ ହେଉଥିବା ର୍ୟାଗିଂ, ଛାତ୍ରୀ ଓ ମହିଳା ନିର୍ଯାତନା, ସାଇବର ଅପରାଧ ଆଦିରେ ପୋଲିସର ସହାୟତା ସମ୍ପର୍କରେ ତଥ୍ୟ ପ୍ରଦାନ କରିଥିଲେ । ଆଇନଜୀବୀ ବନ୍ଧୁମାନେ ଭାରତୀୟ ନ୍ୟାୟ ସଂହିତାର ନୂତନ ଆଇନ୍ ପ୍ରଣୟନ ସମ୍ପର୍କରେ ସମ୍ୟକ୍ ତଥ୍ୟ ପ୍ରଦାନ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଧାମନଗର ମହାବିଦ୍ୟାଳୟର ଅଧକ୍ଷ ଅଜୟ କୁମାର ବେଜ୍, ବରିଷ୍ଠ ସାମ୍ବାଦିକ ବାସୁଦେବ ତ୍ରିପାଠୀ, ଆଇନଜୀବୀ ଅଜିତ କୁମାର ଦାସ, ଅମରେନ୍ଦ୍ର ମହାନ୍ତି, ରଞ୍ଜିତ କୁମାର ମହାନ୍ତି, ଡିଏସ୍‌ପି ଦୀପିକା ପ୍ରିୟଦର୍ଶିନୀ ସାହୁ, ଜିଲ୍ଲା ଫେମିଲି କାଉନ୍‌ସେଲିଂ ଅଧିକାରୀ ସ୍ନେହଲତା ପଣ୍ଡା, ଧାମନଗର ଥାନା ଆଇଆଇସି ଗୋପାଳକୃଷ୍ଣ ଜେନା ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ । ଧାମନଗର ଥାନାର ଏସ୍‌ଆଇ ପ୍ରଦୀପ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ବାସ୍ତବିକା ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଧାମନଗର ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଛାତ୍ରଛାତ୍ରୀ ଓ କର୍ମଚାରୀ ଯୋଗଦେଇଥିଲେ ।





# ଦୁଇ ସୁନା ଲୁଟେରାଙ୍କୁ ଧରିବା ପାଇଁ ପୋଲିସର ଅନୁସନ୍ଧାନ ଜାରି



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ବିଭିନ୍ନ ସ୍ଥାନରେ ଘରକୁ ଆସି ସୁନା ସଫା କରିବା ଆଳରେ ଘରକୁ ପଶି ସୁନା ଅଳଙ୍କାର ନେଇ ଛୁ ମାରୁଥିବା ଖବର କିଛିଦିନ ତଳେ ଚର୍ଚ୍ଚାକୁ ଅସିଥିବା ବେଳେ, ସେହି ଦୁଇଜଣ ଲୁଟେରା ପୁରୀ ବଡ଼ବିଲ୍ ଏକ୍ସପ୍ରେସ୍‌ରେ ଆସି ନରଣପୁର ରେଲୱେ ଷ୍ଟେସନ୍‌ରେ ଓହ୍ଲାଇଥିବା ସୂଚନା ମିଳିଥିଲା । ଟ୍ରେନ୍ ନରଣପୁର ଷ୍ଟେସନ୍‌ରେ ଲାଗିବା ବେଳେ ସେମାନଙ୍କୁ କିଛି ଯାତ୍ରୀ ଚିହ୍ନି ଭିଡିଓ କରିଦେଇଥିଲେ । ଏହି ଦୁଇ ସୁନା ସଫା ନାମରେ ସୁନା ଲୁଟେରା ଗ୍ୟାଙ୍ଗ ଦିନ ୧୨ଟା ୨୫ ମିନିଟ୍ ସମୟରେ ନରଣପୁର ଷ୍ଟେସନ୍‌ରେ ଟ୍ରେନ୍‌ରୁ ଓହ୍ଲାଇ କେନ୍ଦୁଝର ସହର ଅଭିମୁଖେ ଯାଇଥିବା ସୂଚନା ମିଳିଥିଲା । ପରେ ଏ ବିଷୟରେ କେନ୍ଦୁଝର ପୋଲିସ ଖବର ପାଇ ପିସିଆର୍ ଭ୍ୟାନ୍ ଯୋଗେ ବିଭିନ୍ନ ସ୍ଥାନରେ ଖୋଜା ଖୋଜି ଚଳାଇଛି । ସନ୍ଧ୍ୟା ପର୍ଯ୍ୟନ୍ତ ସେମାନଙ୍କର କିଛି ଖୋଜ୍ ଖବର ମିଳିନଥିଲା । ସେମାନଙ୍କର କିଛି ସ୍ଥାନୀୟ ସମ୍ପର୍କ ଥାଇପାରେ ବୋଲି ସନ୍ଦେହ କରି ପୋଲିସ ଅନୁସନ୍ଧାନ ଚଳାଇଥିବା ଜଣାପଡିଛି । ଏହି ସୁନା ଅଳଙ୍କାର ଲୁଟେରା ଯଦି କୌଣସି ଗ୍ରାମ ବା ସହରକୁ ଯାଇ ଅଳଙ୍କାର ସଫା କରିବା ପାଇଁ ପହଞ୍ଚନ୍ତି ତେବେ ଲୋକେ ସେମାନଙ୍କ ଠାରୁ ଦୂରେଇ ରହିବା ସହିତ ତୁରନ୍ତ ପୋଲିସକୁ ସୂଚନା ଦେବା ଉଚିତ୍ ଯାହାଦ୍ୱାରା ଏହି ସୁନା ଲୁଟେରାଙ୍କ କବଳରୁ ଅନ୍ୟ କାହାକୁ ଲୁଟ୍ ହେବାରୁ ବଞ୍ଚାଇପାରିବା ।

# ପାର୍ବତୀପୁରମ-ସୀତାନଗରମ-ବୋବିଲି ଡୋଙ୍କିନାଭାଲସା ମଧ୍ୟରେ ସୁରକ୍ଷା କାର୍ଯ୍ୟ ପାଇଁ ଟ୍ରେନ୍ ଚଳାଚଳରେ ପରିବର୍ତ୍ତନ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ୱାଲଟିୟର ରେଳମଣ୍ଡଳ ଅନ୍ତର୍ଗତ ପାର୍ବତୀପୁରମ-ସୀତାନଗରମ-ବୋବିଲି-ଡୋଙ୍କିନାଭାଲସା ମଧ୍ୟରେ ତୃତୀୟ ଲାଇନ୍ କମିଶନିଂ ସହିତ ଜଡିତ ପ୍ରି-ନନ୍ ଇଣ୍ଟରଲକିଂ ଏବଂ ନନ୍ ଇଣ୍ଟରଲକିଂ କାର୍ଯ୍ୟ ପାଇଁ ଟ୍ରାଫିକ୍ ଅବରୋଧ ଯୋଗୁ, ନିମ୍ନଲିଖିତ ଟ୍ରେନ୍ ସେବାଗୁଡ଼ିକୁ ବାତିଲ୍/ସଂକ୍ଷିପ୍ତ-ଅବଧି /ସଂକ୍ଷିପ୍ତ-ଉତ୍ପତ୍ତି/ପୁନଃନିର୍ଦ୍ଧାରିତ କରାଯିବ : **-ଟ୍ରେନ୍‌ଗୁଡିକ ବାତିଲ୍:** ବିଶାଖାପାଟଣାରୁ ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୨୮ ବିଶାଖାପାଟଣା-ରାୟପୁର ପାସେଞ୍ଜର ୧୯.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ୍ କରାଯିବ । ରାୟପୁରରୁ ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୨୭ ରାୟପୁର-ବିଶାଖାପାଟଣା ପାସେଞ୍ଜର ୨୦.୦୮.୨୦୨୫ ରୁ ୨୮.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ୍ କରାଯିବ । ବିଶାଖାପାଟଣାରୁ ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୩୮ ବିଶାଖାପାଟଣା-କୋରାପୁଟ ପାସେଞ୍ଜର ୧୯.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ୍ କରାଯିବ । କୋରାପୁଟରୁ ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୩୭ କୋରାପୁଟ-ବିଶାଖାପାଟଣା ପାସେଞ୍ଜର ୨୦.୦୮.୨୦୨୫ ରୁ ୨୮.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ୍ କରାଯିବ । ବିଶାଖାପାଟଣାରୁ ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୦୪ ବିଶାଖାପାଟଣା-ଭବାନୀପାଟଣା ପାସେଞ୍ଜର ୧୯.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ୍ କରାଯିବ । ଭବାନୀପାଟଣା ଛାଡୁଥିବା ଟ୍ରେନ୍ ନମ୍ବର ୫୮୫୦୩ ଭବାନୀପାଟଣା-ବିଶାଖାପାଟଣା ପାସେଞ୍ଜର ୨୦.୦୮.୨୦୨୫ ରୁ ୨୮.୦୮.୨୦୨୫ ପର୍ଯ୍ୟନ୍ତ ବାତିଲ କରାଯିବ । **ଟ୍ରେନ୍‌ର ଗନ୍ତବ୍ୟସ୍ଥଳ ଆଗରୁ ବାତିଲ୍/ଉତ୍ପତ୍ତି :** ଗୁଂଟୁର ଠାରୁ ଛାଡୁଥିବା ଟ୍ରେନ୍ ନମ୍ବର ୧୭୨୪୩ ଗୁଂଟୁର-ରାୟଗଡା ଏକ୍ସପ୍ରେସ୍ ୧୯.୦୮.୨୦୨୫ରୁ ୨୬.୦୮.୨୦୨୫ ପର୍ଯ୍ୟନ୍ତ ରାୟଗଡା ପରିବର୍ତ୍ତେ ବିଜୟନଗରମ୍‌ରେ ଯାତ୍ରା ଶେଷ କରିବ । ଟ୍ରେନ୍ ନମ୍ବର ୧୭୨୪୪ ରାୟଗଡା-ଗୁଂଟୁର ଏକ୍ସପ୍ରେସ୍ ୨୦.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ରାୟଗଡ଼ । ପରିବର୍ତ୍ତେ ବିଜୟନଗରମରୁ ଛାଡିବ । **ଟ୍ରେନ୍‌ଗୁଡ଼ିକର ପୁନଃନିର୍ଦ୍ଧାରିତ ସମୟ:** ଦୁର୍ଗ ଠାରୁ ଛାଡୁଥିବା ଟ୍ରେନ୍ ନମ୍ବର ୨୦୮୨୯ ଦୁର୍ଗ-ବିଶାଖାପାଟଣା ବନ୍ଦେ ଭାରତ ଏକ୍ସପ୍ରେସ୍ ୨୨.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ୦୫.୪୫ ଘଟିକା ପରିବର୍ତ୍ତେ ୦୮.୪୫ ଘଟିକାରେ ଛାଡିବା ପାଇଁ ପୁନଃନିର୍ଦ୍ଧାରିତ କରାଯାଇଛି । ବିଶାଖାପାଟଣାରୁ ଛାଡୁଥିବା ଟ୍ରେନ୍ ନମ୍ବର ୨୦୮୩୦ ବିଶାଖାପାଟଣା-ଦୁର୍ଗ ବନ୍ଦେ ଭାରତ ଏକ୍ସପ୍ରେସ୍ ୨୨.୦୮.୨୦୨୫ ରୁ ୨୭.୦୮.୨୦୨୫ ପର୍ଯ୍ୟନ୍ତ ୧୪.୫୦ ଘଟିକା ପରିବର୍ତ୍ତେ ୧୭.୨୦ ଘଟିକାରେ ଛାଡିବା ପାଇଁ ପୁନଃନିର୍ଦ୍ଧାରିତ କରାଯାଇଛି । ନାନ୍ଦେଦରୁ ଛାଡୁଥିବା ଟ୍ରେନ୍ ନମ୍ବର ୨୦୮୧୦ ନାନ୍ଦେଦ-ସମ୍ବଲପୁର ନାଗାବଳୀ ଏକ୍ସପ୍ରେସ୍ ୧୯.୦୮.୨୦୨୫ରେ ୧୬:୩୦ ଘଟିକା ପରିବର୍ତ୍ତେ ୨୦:୩୦ ଘଟିକାରେ ଛାଡିବା ପାଇଁ ପୁନଃନିର୍ଦ୍ଧାରିତ କରାଯାଇଛି । ବିଶାଖାପାଟଣାରୁ ଛାଡୁଥିବା ଟ୍ରେନ୍ ନମ୍ବର ୧୨୮୦୭ ବିଶାଖାପାଟଣା-ନିଜାମୁଦ୍ଦିନ ସମତା ଏକ୍ସପ୍ରେସ୍ ୨୦.୦୮.୨୦୨୫, ୨୧.୦୮.୨୦୨୫, ୨୩.୦୮.୨୦୨୫, ୨୪.୦୮.୨୦୨୫ ଏବଂ ୨୬.୦୮.୨୦୨୫ରେ ୦୯:୨୦ ଘଟିକା ପରିବର୍ତ୍ତେ ୧୪:୨୦ ଘଟିକାରେ ଛାଡିବା ପାଇଁ ପୁନଃନିର୍ଦ୍ଧାରିତ କରାଯାଇଛି । ଜନସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ, ଏହି ପରିବର୍ତ୍ତନଗୁଡିକୁ ପ୍ରତି ଧ୍ୟାନ ଦିଅନ୍ତୁ ।





# ଓଟିଇଟି ପ୍ରଶ୍ନପତ୍ର କେଳେଙ୍କରୀ ମାମଲା:ଆଉ ୨ ଜଣଙ୍କୁ ରିମାଣ୍ଡରେ ନେବ କ୍ରାଇମ୍‌ବ୍ରାଞ୍ଚ

**କଟକ, ନ୍ୟୁଜ୍ ବ୍ୟୁରୋ**

ଓଟିଇଟି ପ୍ରଶ୍ନପତ୍ର କେଳେଙ୍କରୀ ମାମଲାର ତଦନ୍ତ କରୁଥିବା କ୍ରାଇମ୍‌ବ୍ରାଞ୍ଚ ଆଉ ଦୁଇ ଜଣଙ୍କୁ ରିମାଣ୍ଡରେ ନେବ । ସେମାନେ ହେଲେ ଅଭିଯୁକ୍ତ ରାମଜୀ ପ୍ରସାଦ ଗୁପ୍ତା ଏବଂ ସନାତନ ବିଷୋୟୀ । ଉଭୟଙ୍କୁ ୨ ଦିନି ପାଇଁ ରିମାଣ୍ଡରେ ନେଇ ଅଧିକ ପଚରାଉଚରା କରିବା ଲାଗି କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଜେଏମ୍‌ଏଫସି-୩ କୋର୍ଟରେ ଆବେଦନ କରାଯାଇଥିଲା । କୋର୍ଟ ରିମାଣ୍ଡ ପାଇଁ ଅନୁମତି ପ୍ରଦାନ କରିଛନ୍ତି । ଅନ୍ୟପଟେ ଏହି ମାମଲାରେ କେସ୍ ଡାଏରୀ ଦାଖଲ ପାଇଁ ସମୟ ନେଇଛି କ୍ରାଇମ୍‌ବ୍ରାଞ୍ଚ । ସୋମବାର ଏହି ମାମଲାରେ ଶୁଣାଣି ବେଳେ କ୍ରାଇମ୍‌ବ୍ରାଞ୍ଚ ସମୟ ମାଗିଥିଲା । ସମସ୍ତ ଅଭିଯୁକ୍ତଙ୍କ ଜାମିନ୍ ଆବେଦନର ଶୁଣାଣି ମଧ୍ୟ ଘୁଞ୍ଚିଛି । ଆସନ୍ତା ୨୨ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୧୦ / ୧୧ ବୃହ | ୯ | ଶୁ ୮ / ରା ୭ |
| ୧୨ ବୁ | ୭ / ୩ | ୬ |
| କେ ରବି / ୨ ମ | ୩ | ୫ / ୪ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୦।୮।୨୦୨୫, ଭାଦ୍ରବ ଦି୪ନ, ବୁଧବାର**

**ସୂର୍ଯ୍ୟୋଦୟ- ଘ୫।୨୮।୧୭ ଚନ୍ଦ୍ରୋଦୟ- ରାଘ ୩।୨୧।୦୬**

**ଦ୍ୱାଦଶୀ-** ଦିଘ ୧।୫୯ ପର୍ଯ୍ୟନ୍ତ । **ପୁନର୍ବସୁ ନକ୍ଷତ୍ର-** ରାଘ ୧୨।୨୮ ପର୍ଯ୍ୟନ୍ତ । **ମିଥୁନ ଚନ୍ଦ୍ର-** ସଂଘ ୬।୩୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ମେଷ, ମିଥୁନ, କର୍କଟ, ସିଂହ, ଧନୁ, ମକର ଓ ମୀନ ରାଶିର । ସଂଘ ୬।୩୫ ଗତେ ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ସଂଘ ୬।୩୫ ମଧ୍ୟେ କନ୍ୟା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ଏବଂ ତ୍ରୟୋଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ପୋଇ ଦିଘ ୧।୫୯ ପରେ ବାଇଗଣ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୨ ଗତେ ଘ ୭।୧୩ ମଧ୍ୟେ । ଦିଘ ୧।୫୬ ଗତେ ଘ ୫।୧୭ ମଧ୍ୟେ । **ପର୍ବୋତ୍ସବ-** ଦ୍ୱାପର ଯୁଗାଦି ଶ୍ରାଦ୍ଧ । ରାଜୀବ ଗାନ୍ଧୀ ଜୟନ୍ତୀ ।

**ମେଷ:** ଶାରୀରିକ ପୀଡ଼ା ଉପୁଜିପାରେ । ଶତ୍ରୁ ଆପଣଙ୍କୁ ପରାସ୍ତ କରିବେ । ଯାନବାହାନ କ୍ରୟ କରିବେ । ଅର୍ଥ ଲାଭ ହେବ । ବ୍ୟବସାୟରେ ଲାଭ କମ୍ ହେବ । ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।

**ବୃଷ:** ଏକାଧିକ କାମ ହାତକୁ ନେଇ ବ୍ୟସ୍ତ ହେବେ । ମାଲିମୋକଦ୍ଦମାରେ ଶୁଣାଣି ବିଳମ୍ବ ହେବ । ସତ କଥା କହି ବିବାଦରେ ପଡ଼ିବେ । ରୋଜଗାରରେ ଉନ୍ନତି ହେବ । ଗୃହରେ ଆନନ୍ଦ ଲାଭ ।

**ମିଥୁନ:** କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିବେ । ମାନସିକ ସ୍ଥିତି ଭଲ ରହିବ ନାହିଁ । ସୁଖ ଓ ନିରାମୟ ଜୀବନଯାପନ କରିବେ । ଆୟ ଓ ବ୍ୟୟ ସମାନ ରହିବ । ମହିଳାମାନେ ସୁଖୀ ହେବାର ସୂଚନା ।

**କର୍କଟ:** ପରିବାରରେ ସମସ୍ୟା ଦେଖାଦେବ । ଯାନବାହାନ ଠାରୁ ସତର୍କ ରହିବେ । ଧର୍ମ କାର୍ଯ୍ୟ କରିବା ପାଇଁ ମନ କରିବେ । ପରାକ୍ରମଶାଳୀ ହେବେ । ବିଳାସ ସାମଗ୍ରୀ ପାଇବାର ସୂଚନା ମଧ୍ୟ ରହିଛି ।

**ସିଂହ:** ଧୈର୍ଯ୍ୟର ସହ କାମ କରିବେ । ଚାକିରି କ୍ଷେତ୍ରରେ ସହକର୍ମୀଙ୍କ ସହଯୋଗ ମିଳିବ । ରୋଜଗାରର ପରିମାଣ ବଢ଼ିବ । ଶତ୍ରୁଙ୍କ ଠାରୁ ଦୂରେଇ ରହିବେ । ବ୍ୟବସାୟରେ ସୁଯୋଗ ହାତଛଡ଼ା ହେବ ।

**କନ୍ୟା:** ଆଜି ଆପଣଙ୍କ ପାଇଁ ଦିନଟି ସେତେ ଆନନ୍ଦଦାୟକ ନୁହେଁ । ଅଯଥାରେ ପରିଶ୍ରମର ମାତ୍ରା ବଢ଼ିବ । ଅପରିଚିତ ବ୍ୟକ୍ତିଙ୍କ ପାଇଁ ହଇରାଣରେ ପଡ଼ିପାରନ୍ତି । ଆୟ ଠାରୁ ବ୍ୟୟର ମାତ୍ରା ଅଧିକ ହେବ ।

**ତୁଳା:** ସତ୍ ମାର୍ଗରେ ପରିଚାଳିତ ହେବେ । ପୁଣ୍ୟ କାର୍ଯ୍ୟ କରିବେ । ଜନପ୍ରିୟତା ହାସଲ ହେବ । ବ୍ୟବସାୟରେ ମାନମନାନ୍ତର ଦେଖାଦେବ । ରୋଜଗାର ମଧ୍ୟମ ଧରଣର ହେବ । ପାରିବାରିକ ସୁଖ ଅବ୍ୟାହତ ରହିବ ।

**ବିଛା:** କୌଶଳକ୍ରମେ କାର୍ଯ୍ୟ ହାସଲ କରିବେ । ବନ୍ଧୁଙ୍କ ଦ୍ୱାରା ସମ୍ମାନିତ ହେବେ । ଖର୍ଚ୍ଚର ପରିମାଣ ବଢ଼ିବ । ପରିବାରରେ ଅଶାନ୍ତି ଓ କଳହ ସୃଷ୍ଟି ହେବ । ମହିଳାମାନେ ସୁଖୀ ହେବେ । ମନ ଅସ୍ଥିର ରହିବ ।

**ଧନୁ:** ଆପଣଙ୍କର ଅନିଷ୍ଟ କଥା ଚିନ୍ତା କରୁଥିବା ଲୋକ ହାର ମାନିବେ । ଶତ୍ରୁ ହାନୀ କରି କର୍ମ ପଥରେ ଆଗେଇ ଚାଲିବେ । ପାରିବାରିକ ଶାନ୍ତି ଲାଭ ହେବ । ପ୍ରତ୍ୟୁଷର ଯାତ୍ରା ସଫଳ ହେବ । ଦେହ ଭଲ ରହିବ ।

**ମକର:** ସତ୍ ପଥରେ ଚାଲିବେ । ଦୟାଳୁ ହେବେ । ଲୋକପ୍ରିୟତା ବଢ଼ିବ । କର୍ମକ୍ଷେତ୍ରରେ ଆଶାବାଦୀ ହେବେ । ପାରିବାରିକ ସମସ୍ୟାର ସମାଧାନ ହେବ । ବ୍ୟୟର ପରିମାଣ ବଢ଼ିବାର ସୂଚନା ।

**କୁମ୍ଭ:** ଆନନ୍ଦ ଉଲ୍ଲାସରେ ଦିନଟି କଟିବ । ବ୍ୟବସାୟରେ ଉନ୍ନତି ହେବ । ଆୟ ଓ ବ୍ୟୟ ସମାନ ରହିବ । ପରିବାରରେ ଦ୍ୱନ୍ଦ୍ୱ ସୃଷ୍ଟି ହେବ । ଉଚ୍ଚ ସ୍ତରରେ ସମ୍ପର୍କ ବଢ଼ିବାର ସୂଚନା । ମନ ଭଲ ରହିବ । ବନ୍ଧୁ ଦର୍ଶନ ।

**ମୀନ:** ଦୂରକୁ ଯାତ୍ରା କରିବେ । ମାଙ୍ଗଳିକ କାର୍ଯ୍ୟରେ ସଫଳତା ମିଳିବ । କର୍ମକ୍ଷେତ୍ରରେ ସଫଳତା ମିଳିବ । ରୋଜଗାରରେ ଅଗ୍ରଗତି । ଅନ୍ୟମାନଙ୍କ ପାଖରେ ସମ୍ମାନିତ ହେବେ । ମହିଳାମାନେ ସୁଖୀ ହେବେ ।

# ବ୍ରାହ୍ମଣୀ ନଦୀକୁ ଡେଇଁ ଜେଜେ ନାତୁଣୀକୁ ବଞ୍ଚାଇଲେ

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

୫୩ନଂ ଜାତୀୟ ରାଜପଥର ବ୍ରହ୍ମଣୀ ବ୍ରିଜ୍ ଉପରୁ ନାତୁଣୀ ଡେଇଁବା ପରେ ନାତୁଣୀକୁ ଉଦ୍ଧାର କରବା ପାଇଁ ଜେଜେ ମଧ୍ୟ ନଦୀ ପାଣିକୁ ଡେଇଁ ପଡ଼ିଲେ । ସୂଚନାଅନୁଯାୟୀ ସୋମବାର ଅପରାହ୍ନରେ ଜଖପୁରାଥାନା ପଂକପାଳ ପଞ୍ଚାୟତ ମନୋହରପୁର ଗ୍ରାମର ମିଞ୍ଜା ଦଳାଇଙ୍କ କଲେଜଙ୍କ ପଢୁଆ ଝିଅ ବର୍ଷା ଦଳାଇ (୧୬) ମୋବାଇଲ ନଦେବାରୁ ସୋରେଇ ନିଜ ବନ୍ଧୁଘରୁ ଫେରୁଥିବା ସମୟରେ ନଦୀକୁ ଡେଇଁ ପଡ଼ିଥିଲେ । ନାତୁଣୀ ଡେଇଁବା ଦେଖି ଜେଜ ଶତ୍ରୁଘ୍ନ ଦଳାଇ (୫୭) ମଧ୍ୟ ପାଣିକୁ ଡେଇଁଲେ ନାତୁଣୀକୁ ଉଦ୍ଧାର କରିବା ପାଇଁ । ଭାଗ୍ୟବଶତଃ ଦୁହେଁ ବଞ୍ଚିଯାଇଛନ୍ତି । ଖବରପାଇ ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ଉଭୟଙ୍କୁ ନଦୀରୁ ଉଦ୍ଧାର କରି ଦାନଗଦି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା । ଉଭୟଙ୍କ ଅବସ୍ଥା ଭଲଅଛି ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୨୧।୮।୨୦୨୫, ଭାଦ୍ରବ ଦି୫ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୫।୨୮।୩୩ ଚନ୍ଦ୍ରୋଦୟ- ରାଘ ୪।୨୨।୧୩**

**ତ୍ରୟୋଦଶୀ-** ଦିଘ ୧୨।୪୫ ପର୍ଯ୍ୟନ୍ତ । **ପୁଷ୍ୟା ନକ୍ଷତ୍ର-** ରାଘ ୧୨।୦୯ ପର୍ଯ୍ୟନ୍ତ । **କର୍କଟ ଚନ୍ଦ୍ର-** ଅହୋରାତ୍ର । **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, କର୍କଟ, ସିଂହ, କନ୍ୟା, ତୁଳା, ମକର ଓ କୁମ୍ଭ ରାଶିର । **ଘାତ ଚନ୍ଦ୍ର-** ନାସ୍ତି । **ଶ୍ରାଦ୍ଧନିର୍ଣ୍ଣୟ-** ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବାଇଗଣ ଦିଘ ୧୨।୪୫ ପରେ ବିରି ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୨ ଗତେ ଘ ୭।୧୩ ମଧ୍ୟେ । ଦିଘ ୧୦।୩୫ ଗତେ ଘ ୧।୦୫ ମଧ୍ୟେ । **ପର୍ବୋତ୍ସବ-** ଶିବୋପାସ ବେଢ଼ା ପରିକ୍ରମା, ବିଶ୍ୱ ବରିଷ୍ଠ ନାଗରିକ ଦିବସ ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଆମେରିକା ଏକ ବାଣିଜ୍ୟ ଯୁଦ୍ଧ ପରିଣତ କରୁଛି

'ମେକ୍ ଇନ୍ ଇଣ୍ଡିଆ' VS 'ମେକ୍ ଇନ୍ ଆମେରିକା'। ଉଭୟ ଦେଶର ଗୋଟିଏ ଭଲ ପଦକ୍ଷେପ। ନିଜ ନିଜ ଦେଶରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଆତ୍ମନିର୍ଭରଶୀଳତାକୁ ସୁଦୃଢ଼ କରିବା ପାଇଁ ଆରମ୍ଭ କରାଯାଇଛି ଯୋଜନା । ଏହି ଉଭୟ ଯୋଜନାର ଲକ୍ଷ୍ୟ, ଘରୋଇ ଶିଳ୍ପକୁ ପ୍ରୋତ୍ସାହିତ କରିବା। ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଓ ନିଯୁକ୍ତି ସୃଷ୍ଟି କରିବା। ଏପର୍ଯ୍ୟନ୍ତ ଏହାକୁ ନେଇ କୌଣସି ସମସ୍ୟା ନାହିଁ ବୋଲି ଚର୍ଚ୍ଚା ହୁଏ । କିନ୍ତୁ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମହତ୍ୱାକାଂକ୍ଷୀ 'ମେକ୍ ଇନ୍ ଆମେରିକା'କୁ ଆମେରିକାର ଏକ ବାଣିଜ୍ୟ ଯୁଦ୍ଧରେ ପରିଣତ କରିଛି । ସେ ଶୁଳ୍କ ଯୁଦ୍ଧ ମାଧ୍ୟମରେ 'ମେକ୍ ଇନ୍ ଆମେରିକା'ର ଉଦ୍ଦେଶ୍ୟ ହାସଲ କରିବାକୁ ଚାହୁଁଛନ୍ତି। ଯଦି 'ମେକ୍ ଇନ୍ ଆମେରିକା' କେବଳ ଆମେରିକାର ବାଣିଜ୍ୟ ଏଜେଣ୍ଡା ହୋଇଥାନ୍ତା, ତେବେ ଏହା ଠିକ୍ ହୋଇଥାନ୍ତା । କିନ୍ତୁ ଟ୍ରମ୍ପ ଏହାକୁ ଏକ ଭୂ-ରଣନୀତିକ ଏଜେଣ୍ଡାରେ ପରିଣତ କରିଛନ୍ତି ଏବଂ ଏହି ଲକ୍ଷ୍ୟ ହାସଲ କରିବା ପାଇଁ । ସେ ବିଶ୍ୱର ଦେଶଗୁଡ଼ିକର ବୈଦେଶିକ ନୀତିକୁ ତାଙ୍କ ଇଚ୍ଛା ଅନୁଯାୟୀ ଚଳାଇବାକୁ ଚାହୁଁଛନ୍ତି। ଭାରତ ଦ୍ୱାରା ରୁଷଠାରୁ ଅଶୋଧିତ ତୈଳ କ୍ରୟକୁ ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶର ଆବଶ୍ୟକତାର ପ୍ରିଜ୍ମରୁ ଦେଖିବା ପରିବର୍ତ୍ତେ ୟୁକ୍ରେନ୍ ଯୁଦ୍ଧର ପ୍ରିଜ୍ମରୁ ଦେଖିବା ଟ୍ରମ୍ପଙ୍କ ଏହି ନୀତିର ଏକ ଅଂଶ। ଟ୍ରମ୍ପ୍ ଅନୁଭବ କରନ୍ତି ଯେ ଗତ କିଛି ବର୍ଷ ମଧ୍ୟରେ ଆମେରିକା ଏହାର ବାଣିଜ୍ୟ ଅଂଶୀଦାରମାନଙ୍କୁ ଅନାବଶ୍ୟକ ରିହାତି ଦେଇଛି। ଏଥିପାଇଁ ସେ ପୂର୍ବତନ ରାଷ୍ଟ୍ରପତି ଏବଂ ଡେମୋକ୍ରାଟିକ୍ ନେତା ଜୋ ବାଇଡେନଙ୍କ ନୀତିକୁ ଦାୟୀ କରନ୍ତି। ସେ ଯେକୌଣସି ମୂଲ୍ୟରେ ଏହାକୁ ଓଲଟାଇ ଦେବାକୁ ଚାହାଁନ୍ତି। ଟ୍ରମ୍ପ୍ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ୨୦୧୭ରେ 'ମେକ୍ ଇନ୍ ଆମେରିକା' ନୀତି ଆରମ୍ଭ କରିଥିଲେ। କିନ୍ତୁ ୨୦୨୫ରେ ଦ୍ୱିତୀୟ କାର୍ଯ୍ୟକାଳ ସହିତ, ଟ୍ରମ୍ପ ଏହି ନୀତି ପ୍ରତି ଆକ୍ରମଣାତ୍ମକ ଏବଂ ଜିଦଖୋର ହୋଇଗଲେ। ଏହି ନୀତିର ଲକ୍ଷ୍ୟ ହେଉଛି 'ଚିପ୍ସ ଠାରୁ ଜାହାଜ ପର୍ଯ୍ୟନ୍ତ' ସବୁକିଛି ଆମେରିକାରେ ତିଆରି କରିବା । ୨୧ ଟ୍ରିଲିୟନ ଅର୍ଥନୀତି ଏବଂ ୪୧,୦୭୧ ଡଲାର ପ୍ରତି ମୁଣ୍ଡପିଛା ଆୟ ସହିତ, ଉନ୍ନତ ପ୍ରଯୁକ୍ତିବିଦ୍ୟା, ବିଶ୍ୱସ୍ତରୀୟ ଭିତ୍ତିଭୂମି ଏବଂ ନବସୃଜନ ଆମେରିକାର ଶକ୍ତି । ଏହି ଶକ୍ତି ଆମେରିକାକୁ ଅନ୍ତର୍ଜାତୀୟ ଚୁକ୍ତି, ଅନ୍ତର୍ଜାତୀୟ ପ୍ରତିଷ୍ଠାନ ଓ ପ୍ରଚଳିତ ବାଣିଜ୍ୟ ମାନଦଣ୍ଡକୁ ଅନୁସରଣ ନ କରି ଅହଂକାରୀ ଭାବରେ କାର୍ଯ୍ୟ କରିବାର ଅଧିକାର ମଧ୍ୟ ଦିଏ । ଏହି କାରଣରୁ ଟ୍ରମ୍ପ ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଲାଗୁ କରିଥିଲେ। ଏହା ବ୍ୟତୀତ, ସେ ରୁଷରୁ ତେଲ କିଣିବା ପାଇଁ ଭାରତ ଉପରେ ଦଣ୍ଡ ଲାଗୁ କରିବା ବିଷୟରେ ମଧ୍ୟ କଥା ହୋଇଥିଲେ। ଯାହାଦ୍ୱାରା ଭାରତରୁ ଆମେରିକାକୁ ଆମଦାନୀ ହେଉଥିବା ଉତ୍ପାଦ ମହଙ୍ଗା ହୋଇଯାଏ ଏବଂ କମ୍ପାନୀଗୁଡ଼ିକୁ ସ୍ଥାନୀୟ ଭାବରେ ଉତ୍ପାଦନ କରିବାକୁ ବାଧ୍ୟ କରାଯାଏ।

# ଗଣତନ୍ତ୍ରରେ ରାଜତନ୍ତ୍ର



ଡ. ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ
ମୋ : ୯୩୩୭୧୦୨୫୫୩
Email ID: prafulla1941@gmail.com

୧୯୪୭ ମସିହାରେ ଭାରତବର୍ଷ ସ୍ୱାଧୀନତା ପାଇବା ପୂର୍ବରୁ ତାହା ଥିଲା ବ୍ରିଟିଶ୍ ରାଜଶକ୍ତିର ଏକ ଉପନିବେଶ। ବ୍ରିଟେନ୍‌ରେ ରାଜତନ୍ତ୍ର ଥାଇ ମଧ୍ୟ ତାହା ସେଠାରେ ପ୍ରଚଳିତ ଗଣତନ୍ତ୍ର ଉପରେ କୌଣସି ପ୍ରଭାବ ପକାଇ ପାରିନାହିଁ ବରଂ ତାହା ସୁପ୍ରତିଷ୍ଠିତ। ଭାରତୀୟ ସମ୍ବିଧାନ ଭଳି ସେଠାରେ ଲିଖିତ ସମ୍ବିଧାନର ଆବଶ୍ୟକତା ନଥାଏ ଯାହାକି କେଉଁ ଇତିହାସ ଯୁଗରୁ ପ୍ରଚଳିତ ହୋଇଆସୁଛି। ଭାରତବର୍ଷ ସେମାନଙ୍କଠାରୁ ସ୍ୱାଧୀନତା ହାସଲ କରିବା ପରେ ସଂପୂର୍ଣ୍ଣ ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ଦେଶର ଶାସନ ପରିଚାଳିତ ହେବାର ସ୍ଥିରୀକୃତ ହୋଇ ସମ୍ବିଧାନ ପ୍ରବର୍ତ୍ତିତ ହେଲା। ଯେଉଁମାନେ ଏପରି ଗଣତନ୍ତ୍ର ପ୍ରତିଷ୍ଠାର ନେତୃତ୍ୱ ନେଇ ରାମ ରାଜ୍ୟର ସ୍ୱପ୍ନ ଦେଖୁଥିଲେ ସେମାନେ ସମ୍ଭବତଃ ଭାବିନଥିଲେ ଯେ ଆଜି ଦେଶରେ ପ୍ରଚଳିତ ଗଣତନ୍ତ୍ର ଶାସନର ଅବ୍ୟବସ୍ଥା। ଭାରତରେ ଆଜିର ଗଣତନ୍ତ୍ର ଶାସନର ଅବସ୍ଥା ଓ ତାହା ଯେଉଁଭଳି ରାଜତନ୍ତ୍ର ଆଡ଼କୁ ଗତିକରି ଚାଲିଛି ଏହାର ଶେଷ ପରିଣାମ କ'ଣ ହେବ ତାହା କେବଳ ଭବିଷ୍ୟତ ହିଁ କହିବ। ଭାରତବର୍ଷରେ ବର୍ତ୍ତମାନର ଗଣତନ୍ତ୍ର ଶାସନ କହିଲେ ସ୍ୱେଚ୍ଛାଚାରିତାକୁ ହିଁ ବୁଝାଇଥାଏ। ସମୀକ୍ଷା କଲେ ଦେଖାଯାଏ ଯେ ଏପରି ଗଣତନ୍ତ୍ରରେ ନିର୍ବାଚିତ ପ୍ରତିନିଧିମାନଙ୍କଦ୍ୱାରା ପ୍ରକୃତ ଶାସନ ଚାଲେନାହିଁ। ଭାରତର ଏପରି ଗଣତନ୍ତ୍ରରେ ବହୁ ଦଳ ସେମାନଙ୍କର ପ୍ରତିନିଧି ବାଛି ନିର୍ବାଚନକୁ ପଠାଇଥାନ୍ତି ଓ ସେମାନେ ଲୋକମାନଙ୍କଦ୍ୱାରା ନିର୍ବାଚିତ ହେବାପରେ ସଂଖ୍ୟାଗରିଷ୍ଠ ଦଳ ହିଁ ଶାସନଭାର ସମ୍ଭାଳିଥାନ୍ତି। ଦେଖିବାକୁ ଗଲେ ସେହି ଦଳର ଦଳପତି ଓ ତାଙ୍କର କେତେଜଣ ହାତଗଣତି ଅନୁଗତ ହିଁ ପ୍ରକୃତ ଶାସନ ଚଳାଇଥାନ୍ତି। ସେମାନେ ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନଙ୍କୁ ବାଛନ୍ତି ଓ ବହୁ ସଂଖ୍ୟାରେ ଜିତିଗଲେ ଦଳର ନେତୃତ୍ୱ ସେ ନିଜେ ବା ତାଙ୍କ ଲୋକ ନେଇଥାନ୍ତି। ସେଥିରେ ଯଦି କେହି କିଛି ପରିବର୍ତ୍ତନ ଆଣିବା ପାଇଁ କହିଲା ତେବେ ତାହାର ସେହି ଦଳରେ ସ୍ଥାନ ପ୍ରାୟଶଃ ନଥାଏ। ମୁଖ୍ୟତଃ ଦଳପତି ହିଁ ଦଳର କାର୍ଯ୍ୟ ବୁଝିଥାନ୍ତି ଓ ତାଙ୍କୁ ଘେରି ରହିଥାନ୍ତି ତାଙ୍କର ପାର୍ଶ୍ୱଚରମାନେ। ଇଂରାଜୀ ଭାଷାରେ ସେହି ଦଳପତିଙ୍କୁ କୁହାଯାଏ ହାଇକମାଣ୍ଡ।

ପ୍ରତି ବିଧାନସଭାମାନଙ୍କ ଦ୍ୱାରା ରାଜ୍ୟସଭାର ସଭ୍ୟ ନିର୍ବାଚିତ ହୋଇଥାନ୍ତି। ଦଳର ହାଇକମାଣ୍ଡ ଯେଉଁମାନଙ୍କୁ ରାଜ୍ୟସଭା ନିମନ୍ତେ ବାଛନ୍ତି ସେହିମାନେ ହିଁ ଦଳୀୟ ପ୍ରାର୍ଥୀ ଭାବରେ ନାମାଙ୍କନ ପତ୍ର ଦାଖଲ କରିଥାନ୍ତି। ମୁଖ୍ୟତଃ ଏପରି ନିର୍ବାଚନରେ ସଂଖ୍ୟାଗରିଷ୍ଠ ଦଳର ପ୍ରାର୍ଥୀମାନେ ହିଁ ନିର୍ବାଚିତ ହୁଅନ୍ତି। ଏପରି ଚୟନରେ ଥାଏ ପ୍ରାର୍ଥୀମାନଙ୍କର ଦଳ ତଥା ହାଇକମାଣ୍ଡଙ୍କ ପ୍ରତି ଆନୁଗତ୍ୟ। ସେମାନଙ୍କ ମଧ୍ୟରେ କିଏ ବିଶେଷ ଆନୁଗତ୍ୟ ପ୍ରଦର୍ଶନ କରିଛନ୍ତି ଓ ଯୋଗ୍ୟ ସେପରି ପ୍ରାର୍ଥୀମାନଙ୍କୁ ହାଇକମାଣ୍ଡ ବାଛିଥାନ୍ତି। ସେହି ଆନୁଗତ୍ୟର ଫଳ ସ୍ୱରୂପ ତାଙ୍କୁ ରାଜ୍ୟସଭା ଟିକେଟ ମିଳେ। ସଭ୍ୟ ଭାବରେ ନିର୍ବାଚିତ ହେବାପରେ ରାଜ୍ୟସଭାରେ ସେମାନେ ରାଜ୍ୟର ଉନ୍ନତି ସଂପର୍କୀୟ ତଥ୍ୟ ବା ଯୋଜନାମାନ ଉପସ୍ଥାପନ କରିଥାନ୍ତି। ସେହିଭଳି ଲୋକସଭାର ନିର୍ବାଚିତ ପ୍ରତିନିଧିମାନେ ସାଧାରଣ ଲୋକମାନଙ୍କଦ୍ୱାରା ନିର୍ବାଚିତ ହୋଇଥାନ୍ତି। ସଚ୍ଚରିତ୍ର ଓ କର୍ମଦକ୍ଷ ଲୋକମାନଙ୍କୁ ପରିହାସ କରି କେବଳ ହାଇକମାଣ୍ଡଙ୍କୁ ଆନୁଗତ୍ୟ ଦେଖାଉଥିବା କେତେକ ଲୋକଙ୍କୁ ଦଳୀୟ ଟିକେଟ ମିଳିଯାଉଛି ଓ ଦଳର କାରାନାମାରେ ସେମାନେ ନିର୍ବାଚିତ ହୋଇ ଆସିପାରୁଛନ୍ତି ବୋଲି ଯୁକ୍ତି ରହିଛି। ଯେଉଁମାନଙ୍କ ନାମରେ ଫୌଜଦାରି ମାମଲାମାନ ବିଚାରାଳୟରେ ବିଚାରାଧୀନ ଅଛି ସେମାନେ ମଧ୍ୟ ଦଳୀୟ ଟିକେଟ ପାଇବାରେ ସକ୍ଷମ ହେଉଛନ୍ତି। ପ୍ରଶ୍ନ କଲେ ଉତ୍ତର ମିଳେ ଯେ ସେମାନେ ବିଚାରାଳୟରେ ଦଣ୍ଡିତ ହୋଇନାହାନ୍ତି ତ ? ସେମାନଙ୍କର ଏକମାତ୍ର ଯୋଗ୍ୟତା ହେଲା ହାଇକମାଣ୍ଡଙ୍କ ପ୍ରତି ଆନୁଗତ୍ୟ। ତେଣୁ କେବଳ ଦଳୀୟ ହାଇକମାଣ୍ଡଙ୍କୁ ସନ୍ତୁଷ୍ଟ କରିଦେଲେ ହିଁ ପ୍ରତିଷ୍ଠିତ ରାଜନୈତିକ ବ୍ୟକ୍ତି ଭାବରେ ଗଣତି ହୋଇଯିବା ବର୍ତ୍ତମାନର ରାଜନୀତି। ଯଦି ଜଣେ ସରକାରୀ କର୍ମଚାରୀ କୌଣସି ପ୍ରକାରର ନିୟମ ବହିର୍ଭୂତ କାର୍ଯ୍ୟ କରିଥାଏ ଓ ସେପରି ଅଭିଯୋଗକୁ ନେଇ ସେମାନଙ୍କ ନାମରେ କୌଣସି ତଦନ୍ତ ଚାଲୁ ରହିଛି ତେବେ ସେମାନେ ପଦୋନ୍ନୋତି ପାଇପାରନ୍ତି ନାହିଁ। ହୁଏତ ଫୌଜଦାରି ମାମଲାର ବହୁ ଦଫାରେ ଜଡ଼ିତ ରାଜନେତାମାନେ ହାଇକମାଣ୍ଡଙ୍କଦ୍ୱାରା ଦଳୀୟ ନିର୍ବାଚନ ଟିକେଟ ପାଇ ପାରୁଛନ୍ତି। ସେହିପରି ବିଧାନସଭା ନିର୍ବାଚନରେ ମଧ୍ୟ ପ୍ରାର୍ଥୀ ଚୟନବେଳେ ଏକା ଅବସ୍ଥା। ବହୁ ସ୍ଥାନରେ ବଂଶାନୁଗତିକ ଶାସନ ମଧ୍ୟ ଆରମ୍ଭ ହେଲାଣି। ଯାହାକି ଦେଶର ଗଣତନ୍ତ୍ରକୁ ରାଜତନ୍ତ୍ର ଆଡେ କ୍ରମଶଃ ଟାଣି ନେଉଛି। କହିବାକୁ ଗଲେ ଦେଖାଯାଉଛି ଯେ ଗଣତନ୍ତ୍ରର ଆଢୁଆଳରେ ବଂଶାନୁକ୍ରମିକ ଶାସନ କ୍ରମଶଃ ମୁଣ୍ଡଟେକି ଆଗେଇ ଚାଲିଛି ଯାହାକି ଦେଶବାସୀ ପୁନର୍ବାର ରାଜତନ୍ତ୍ରକୁ ଆପଣେଇ ନେବାରେ ଦ୍ୱିଧା କରୁନାହାନ୍ତି।

ଆପଣ ଯଦି ରାଜନୀତିରେ ପ୍ରବେଶ କରିନାହାନ୍ତି ତେବେ ପ୍ରଥମେ ହାଇକମାଣ୍ଡ ବା ତାଙ୍କର ତଳ ସ୍ତରର ନେତାମାନଙ୍କ ପାଖକୁ ଯିବାକୁ ପଡ଼ିବ। ସେମାନଙ୍କୁ ଖୋସାମତ୍ ବା ଅର୍ଥ ଦେଇ ସନ୍ତୁଷ୍ଟ କରିପାରିଲେ ତାଙ୍କର ପ୍ରିୟପାତ୍ର ହୋଇପାରିବେ। ପୁଣି ଆପଣଙ୍କର ସମ୍ବାଦପତ୍ରରେ ଦୁଇ ବା ତିନୋଟି ବିବୃତ୍ତି ବାହାରିବା ସହ କୌଣସି ସଭାସମିତିରେ ନେତା ବା ମନ୍ତ୍ରୀମାନେ ଯିବାର ଥିଲେ ଆପଣ ସେଠାରେ ଯାଇ ଆଗରୁ ପହଞ୍ଚିଯିବେ। ନେତାମାନେ ଆସିଲେ ଆପଣ ଲୋକଦେଖାଣିଆ ଢଙ୍ଗରେ ସେମାନଙ୍କୁ ଫୁଲମାଳ ଦେବା ସହ ତାଙ୍କ ସହିତ ପାଦ ମିଳାଇ ପଛରେ ଯିବେ। ଏହି ଯିବାବେଳେ ଆପଣଙ୍କର ହାତ ଓ ଗୋଡ଼ ସେମାନଙ୍କ ସହ ଠିକ୍ ତାଳ ଅନୁସାରେ ରହିଥିବ ନଚେତ୍ ନେତା ହେବାର ଗୋଟିଏ ପାହାଚ ଖସିଯିବ। ପ୍ରଥମେ ମାଇକ୍ ପାଖରେ ଠିଆ ହୋଇ ଦଳ, ହାଇକମାଣ୍ଡ ତଥା ନେତାମାନଙ୍କର ପ୍ରଶଂସା ଗାନ କରି ସଭାରେ ଗମ୍ଭୀର ପରିସ୍ଥିତି ସୃଷ୍ଟି କରିପାରିବାର ଆପଣଙ୍କର ଦକ୍ଷତା ଥିବ। ଏଥିପାଇଁ ଛାତ୍ରାବସ୍ଥାରୁ ରାଜନୀତିରେ ପଶିବା ସବୁଠାରୁ ଅଧିକ ସୁବିଧା ବାଟ। କଲେଜର ବିଭିନ୍ନ ୟୁନିୟନ୍‌ରେ ପଶି ଛାତ୍ରନେତାଟିଏ ହୋଇସାରିଲା ପରେ ବଡ଼ ନେତାମାନଙ୍କ ପାଖକୁ ଯିବାରେ ଆପଣଙ୍କର କୌଣସି ଅସୁବିଧା ନଥିବ। ଉପରୋକ୍ତ ଫର୍ମୁଲା ଆପଣେଇ ପାରିଲେ ଭବିଷ୍ୟତରେ ନେତାଟିଏ ହୋଇପାରିବା ସହ ହାଇକମାଣ୍ଡଙ୍କ ଦୃଷ୍ଟିକୁ ନିଶ୍ଚିତ ଆସିପାରିବେ।

ଲୋକପ୍ରତିନିଧି ହେବା ପାଇଁ ବର୍ତ୍ତମାନର ପ୍ରଚଳିତ ପ୍ରଥାରେ ଯେଉଁମାନେ ଲଢୁଥିବା ପାର୍ଥୀମାନଙ୍କ ମଧ୍ୟରେ ଅଧିକ ଭୋଟ୍ ପାଇଥାନ୍ତି ସେମାନେ ହିଁ ନିର୍ବାଚିତ ହୁଅନ୍ତି। ଏଠାରେ ଗୋଟିଏ ଦୃଷ୍ଟାନ୍ତ ପାଠକମାନଙ୍କ ବିଚାର ନିମନ୍ତେ ଉପସ୍ଥାପିତ କରାଯାଉଛି। ଧରନ୍ତୁ ୧୦୦ ଭୋଟର୍ ଥିବା ଗୋଟିଏ ନିର୍ବାଚନ ମଣ୍ଡଳୀରେ ପାଞ୍ଚ ଜଣ ପ୍ରାର୍ଥୀ ରହିଛନ୍ତି। ଏହି ପାଞ୍ଚଜଣ ମଧ୍ୟରୁ ପ୍ରତ୍ୟେକ କୋଡ଼ିଏ କି ଉଣେଇଶି ଖଣ୍ଡ ଭୋଟ ପାଇଥିଲାବେଳେ ଜଣେ ୨୧ଟି ଭୋଟ ପାଇଗଲେ। ତେଣୁ ୨୧ଟି ଭୋଟ ପାଇଥିବା ଲୋକଟି ନିର୍ବାଚିତ ପ୍ରତିନିଧି ଭାବେ ବିବେଚିତ ହେଲେ। ତେବେ ସେହି ୨୧ଟି ଭୋଟ ପାଇଥିବା ଲୋକଟି କ'ଣ ପ୍ରକୃତ ପ୍ରତିନିଧି ? ବିଜୟୀ ହୋଇଥିବା ପ୍ରାର୍ଥୀ ପ୍ରତି କମ୍ ଭୋଟ ପାଇଥିବା ପ୍ରାର୍ଥୀମାନଙ୍କର ସମର୍ଥନ ରହିଛି କି ? ଯଦି ସମର୍ଥନ ନାହିଁ, ତେବେ ସେ କିପରି ଲୋକପ୍ରତିନିଧି ଆସନ ପାଇପାରିଲେ ତାହା ବିଚାର କରିବାର କଥା। ତେଣୁ ୫୦ରୁ ଅଧିକ ଭୋଟ ପାଇନଥିବା ବ୍ୟକ୍ତିଟି କେବେହେଲେ ଲୋକପ୍ରତିନିଧିର ହିସାବକୁ ଆସିବ ନାହିଁ। ଏହାକୁ ବର୍ତ୍ତମାନ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି।

ବର୍ତ୍ତମାନ ଦେଖିବାକୁ ହେବ ଯେ ଯେଉଁ ଦଳପତିମାନେ ଦଳକୁ ଆବୋରି ବସିଛନ୍ତି ସେମାନେ ସେହି ଦଳର ତୃଣମୂଳ କର୍ମୀମାନଙ୍କଦ୍ୱାରା ନିର୍ବାଚିତ ହୋଇଛନ୍ତି କି ? ଉତ୍ତର ଯଦି ହଁ, ତେବେ ସେହି ନିର୍ବାଚନ ବିଧି ଅନୁଯାୟୀ କରାଯାଇଛି କି ନାହିଁ ତାହା ମଧ୍ୟ ସମୀକ୍ଷା କରିବାର ଆବଶ୍ୟକତା ରହିଛି। ଦଳରେ ଯେଉଁ ଅନ୍ୟ ତଳ ପଦବୀମାନ ହାଇକମାଣ୍ଡ ବା ଦଳପତିଙ୍କ ପରେ ରହିଛି ତାହା ମଧ୍ୟ ଦଳର ଅନୁମୋଦିତ ପ୍ରାର୍ଥୀମାନେ ନିର୍ବାଚନ ପଦ୍ଧତିରେ ପାଇପାରିବେ। ମାତ୍ର ସେପରି ବ୍ୟବସ୍ଥା କୌଣସି ଦଳୀୟ ସଙ୍ଗଠନ ମଧ୍ୟରେ ଦେଖିବାକୁ ମିଳେନାହିଁ। ଦଳପତିଙ୍କଠାରୁ ଦଳର ଅନ୍ୟ ସମସ୍ତ କର୍ମକର୍ତ୍ତାମାନଙ୍କୁ ଏପରି ନିର୍ବାଚନ ପ୍ରକ୍ରିୟାରେ ନିର୍ବାଚିତ କରିବା ବିଧେୟ। ବିଧାନସଭା ବା ଲୋକସଭା ପ୍ରାର୍ଥୀ ରୂପେ କୌଣସି ଲୋକକୁ ନିର୍ବାଚନରେ ଠିଆ କରିବାକୁ ହେଲେ ଦଳର ସେହି ଅଞ୍ଚଳରେ ଥିବା କର୍ମୀମାନେ ଏକାଠି ବସି ନିର୍ବାଚନ ଦ୍ୱାରା ସେପରି ଜଣେ ପ୍ରାର୍ଥୀକୁ ବାଛିବା ଉଚିତ୍।

ତେଣୁ ରାଜ୍ୟ ନିର୍ବାଚନ କମିଶନଙ୍କର ଦଳମାନଙ୍କ ମଧ୍ୟରେ ହେଉଥିବା ବିଶୃଙ୍ଖଳା ଜନିତ ଦଳୀୟ କାର୍ଯ୍ୟସବୁକୁ ତଦାରଖ କରିପାରିବାର କ୍ଷମତା ରହିବାର ଆବଶ୍ୟକତା ରହିଛି। ସେହିପରି ଦଳୀୟ କର୍ମକର୍ତ୍ତା ପ୍ରଭୃତିଙ୍କୁ ନିର୍ବାଚିତ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନରଙ୍କ ପକ୍ଷରୁ ଆଇନ କରାଯାଇ ସଂପୃକ୍ତ ଜିଲ୍ଲାପାଳ ବା ସରକାରଙ୍କର ଅନୁମୋଦିତ ଜଣେ ମାଜିଷ୍ଟ୍ରେଟ ସ୍ତରୀୟ ଅଫିସର ଏହି ଦଳୀୟ ନିର୍ବାଚନ ବେଳେ ଉପସ୍ଥିତ ରହିବାର ବ୍ୟବସ୍ଥା ରହୁ। ସେମାନଙ୍କଦ୍ୱାରା ଏପରି ନିର୍ବାଚନ ପରିଚାଳନା ଯୋଗୁ ରାଜନୈତିକ ଦଳମାନଙ୍କ ମଧ୍ୟରେ ଏକ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ଓ ଏପରି ହେଲେ ଦେଶରେ ମଧ୍ୟ ଏକ ସୁସ୍ଥ ଗଣତନ୍ତ୍ର ପରମ୍ପରା ରହିବା ସହ ଉତ୍ତମ ଶାସନ ପ୍ରତିଷ୍ଠା ହୋଇପାରିବ।

# ମାନସିକ ଅବସାଦ



ଡକ୍ଟର ତ୍ରିନାଥ ପଟ୍ଟନାୟକ
ନିଆଳୀ,
ମୋ-୯୯୩୭୮୪୦୭୮୭

ମନ ଯେତେବେଳେ ଉଦାସ ହୋଇଉଠେ, ହତାଶ ଭାବ ଆସେ, କୌଣସି ବିଶେଷ କାରଣ ନ ଥାଇ ସୁଧା ମନରେ ଅଭାବ ବୋଧ ସୃଷ୍ଟି ହୁଏ , ମନ ଅଶାନ୍ତ ହୋଇଉଠେ । କୌଣସି ସଫଳତାର ଶୀର୍ଷରେ ପହଞ୍ଚି ନ ପାରିବାର ଅନୁତାପ ଆସେ, ଫଳରେ ଶୋଇଲେ ଆଖିକୁ ନିଦ ଆସେନି, ଭୋକ ହୁଏ ନାହିଁ, ପେଟରେ ଅମ୍ଳ ବଢିଯାଏ, ମୁଣ୍ଡ ବଥାଏ, ଅଣ୍ଟାରେ ଯନ୍ତ୍ରଣା ଅନୁଭବ ହୁଏ । ହାତ ଓ ଗୋଡରେ ବ୍ୟଥାର ଲକ୍ଷଣ ଦେଖାଦିଏ। କୌଣସି ସାମାନ୍ୟ କଥାକୁ ଗୁରୁତର ଭାବେ, ଅଜାଣତରେ ଗ୍ରହଣ କରିନିଏ, ଚିନ୍ତା ବଢିଯାଏ। ପତି ହରା ପତ୍ନୀ, ପ୍ରେମରେ ବିଫଳ ହୋଇଥିବା ଝିଅ କିମ୍ବା ପୁଅ, ପ୍ରିୟଜନକୁ ହରାଇଥିବା ବ୍ୟକ୍ତିର ମନ ଅଶାନ୍ତ ହୋଇ ମାନସିକ ଅବସାଦଗ୍ରସ୍ତ ହୋଇଉଠେ। ଯାହାକୁ ଇଂରାଜୀରେ ଡିପ୍ରେସନ କୁହାଯାଏ ।

ଯେଉଁସବୁ କାରଣରୁ ଡିପ୍ରେସନ ହେଉଛି ତାର ସୂତ୍ରକୁ ଧରି ସମାଧାନ କରିନେଲେ, କିଛି ମାତ୍ରାରେ ମନରୁ ଅବସାଦ(ଡିପ୍ରେସନ)କମିଯାଏ। ପୁରୁଷମାନଙ୍କ ଅପେକ୍ଷା ସ୍ତ୍ରୀ ମାନଙ୍କ ପକ୍ଷେ ମାନସିକ ଅବସାଦ ବେଶି ଦେଖାଯାଇଥାଏ ।

ରାତି ପାହିଥିଲେ ଶ୍ରୀରାମ ଅଯୋଧ୍ୟାର ରାଜା ହୋଇଥାନ୍ତେ, ସୀତା ହୋଇଥାନ୍ତେ ପାଟରାଣୀ । କିନ୍ତୁ ନିୟତିର ନିର୍ଦ୍ଦେଶରେ ପତ୍ନୀ ଓ ଭାଇଙ୍କୁ ସାଥିରେ ଧରି ରାମ ହେଲେ ରାଜ୍ୟ ତ୍ୟାଗୀ ବନବାସୀ। ଘୋର ଅରଣ୍ୟକୁ ଯାତ୍ରା କଲେ, ତଥାପି ସୀତାଙ୍କ ମନରେ ତିଳେ ସୁଧା ଦୁଃଖ ନଥିଲା, ଯେହେତୁ ସୁଖ ଦୁଃଖର ସାଥୀ ଶ୍ରୀରାମ ତାଙ୍କ ପାଖରେ ଅଛନ୍ତି। ମାତ୍ର ରାବଣ ଦ୍ୱାରା ଅପହୃତ ହୋଇ ସାତ ସମୁଦ୍ରପାର ଲଙ୍କା ଦ୍ୱୀପରେ ସୀତା ବନ୍ଦିନୀ ହେବା ପରେ ତାଙ୍କର ଅବସ୍ଥା କେମିତି ଥିବ ଅନୁମାନ କରନ୍ତୁ, ରାକ୍ଷସୀମାନଙ୍କ ଗହଣରେ ଅଛନ୍ତି, ସେମାନଙ୍କ ଭାଷା ସୀତାଙ୍କୁ ଜଣା ନାହିଁ, ଭାବର ବିନିମୟ ମଧ୍ୟ ସମ୍ଭବ ନୁହେଁ, ସେମାନଙ୍କର ଭୟଙ୍କର ହିଂସାତ୍ମକ ଅଭିନୟରୁ ଯାହାକିଛି ସୀତା ଅନୁଭବ କରିପାରୁଛନ୍ତି, ବାରମ୍ବାର ରାବଣ ଅଶୋକବନକୁ ଆସି ଆର୍ଯ୍ୟଭାଷାରେ ସୀତାଙ୍କୁ ଧମକ ପୂର୍ଣ ବାକ୍ୟ କହି ଫେରି ଯାଉଥାଏ। ସୀତା ଚିନ୍ତିତ ଥିଲେ, ଶୋକାକୁଳନଥିଲେ, ମାତ୍ର ମାତ୍ରାଧିକ ଚିନ୍ତାଗ୍ରସ୍ତ ହୋଇ ମାନସିକ ଅବସାଦ ପ୍ରାପ୍ତ ହୋଇ ନ ଥିଲେ । ଏ ସବୁ ବିଡମ୍ବନା ଜଣେ ଅସହାୟା ନାରୀ ପକ୍ଷେ ଅସହ୍ୟ ହୋଇ ସୁଧା, ତେବେ ସେ କାହିଁକି ମାନସିକ ଅବସାଦ ବା ଡିପ୍ରେସନରେ ଶିକାର ହେଲେ ନାହିଁ, ତାର ଏକମାତ୍ର କାରଣ ହେଉଛି, ସେ ଯେଉଁ ବୃକ୍ଷ ମୂଳେ ବାସ କରୁଥିଲେ ତାହା ଥିଲା ଅଶୋକ ବୃକ୍ଷ । ଶୋକରୁ ଦୂର କରିବା ଶକ୍ତି ତାରି ଠାରେ ଅଛି ବୋଲି ସେ ଅଶୋକ ବୃକ୍ଷ ।

ଅଶୋକ ବୃକ୍ଷର ଅସରନ୍ତି ଗୁଣ, ଅଶେଷ ମହତ୍ତ୍ୱ ଅଛି । ଅଶୋକ ବୃକ୍ଷ ପତର ପବନ ଦେହରେ ଶିହରଣ ସୃଷ୍ଟି କରେ । ଅଶୋକ ଫୁଲର ମନୋରମ ଶୋଭା ମନରେ ଆନନ୍ଦ ଓ ପୁଲକ ସୃଷ୍ଟି କରେ। ଏହାର ଛାଲିରୁ ଅଶୋକାରିଷ୍ଟ ଔଷଧ ପ୍ରସ୍ତୁତ ହୁଏ । ସ୍ତ୍ରୀମାନଙ୍କର ବିବିଧ ରୋଗ ଦୂରିକରଣ ପାଇଁ ଅଶୋକ ବୃକ୍ଷର ଚେର, ଛେଲି, ମୂଳ, ପତ୍ର ପୁଷ୍ପ ଅତ୍ୟନ୍ତ ଉପକାରୀ, କେବଳ ସେତିକି ନୁହେଁ, ନାରୀ ମାନଙ୍କର ମାସିକ ଋତୁସ୍ରାବ ସମ୍ବନ୍ଧୀୟ ଅନିୟମିୟତାକୁ ଅଶୋକ ବୃକ୍ଷରୁ ନିର୍ମିତ ଔଷଧ ଉପଶମ କରିପାରିଥାଏ ।

ଅଶୋକ ଗଛର ମୂଳରୁ କିଛି ଅଂଶ ଆଣି ଉତ୍ତମ ଜଳରେ ସିଝାଇ, ସେହି ଜଳ ସହିତ ମହୁ ମିଶାଇ ଦିନକୁ ତିନିପାନ କରି ସାତ ଦିନ ଖାଇଲେ ସବୁ ପ୍ରକାର ଋତୁରୋଗ ଦୂର ହୋଇପାରିଥାଏ । ଅଶୋକ ବୃକ୍ଷର ପବନ, ସ୍ପର୍ଶ ଓ ବାସ୍ନା ବନ୍ଧ୍ୟା ନାରୀକୁ ବନ୍ଧ୍ୟାତ୍ୱରୁ ମୁକ୍ତି କରିଦେଇଥାଏ । ମାଆ ସୀତାଙ୍କ ଠାରେ ବନ୍ଧ୍ୟା ଦୋଷ ଥିବାରୁ ସେ ସନ୍ତାନବତୀ ହୋଇପାରିନଥିଲେ । ୧୪ମାସ ଅଶୋକ ମୂଳେ ବାସ କରିଥିବାରୁ ତାରି ପ୍ରଭାବରୁ ସେ ପରବର୍ତ୍ତୀ ସମୟରେ ଜନନୀ ହେବା ସମର୍ଥ ହୋଇଥିଲେ । ମହାପଣ୍ଡିତ ଶାସ୍ତ୍ରଜ୍ଞ ରାବଣ ଏକଥା ଜାଣିଥିବାରୁ ନିଜ କନ୍ୟାସମ ସୀତାଙ୍କୁ ଦଣ୍ଡକାରଣ୍ୟରୁ ସସମ୍ମାନେ ପୁଷ୍ପକ ବିମାନରେ ବସାଇ ସ୍ୱର୍ଣ୍ଣମୟୀ ଲଙ୍କାକୁ ଘେନି ଆସିଥିଲା ।

ପୁରୁଷମାନଙ୍କ ଅପେକ୍ଷା ନାରୀମାନେ କୌଣସି ନା କୌଣସି ପାରିବାରିକ ସମସ୍ୟାକୁ ନେଇ ହଠତ୍ ନିରାଶ ହୋଇ ଉଠନ୍ତି, ସେମାନେ ଏତେଦୂର ମାନସିକ ଭାରସାମ୍ୟ ହରାଇ ବସିଥାନ୍ତି ଯେ ଡିପ୍ରେସନରେ ପଡନ୍ତି । ପୁରୁଷମାନେ ଋଣଗ୍ରସ୍ତ ହେବା ଯୋଗୁଁ, କର୍ମ କ୍ଷେତ୍ରରେ ସଫଳତା ପ୍ରାପ୍ତ ନହେଲେ, ପ୍ରମୋଶନ ନ ପାଇଲେ କିମ୍ବା ଉପରିସ୍ଥ ଅଫିସରଙ୍କଠାରୁ କଟୁକ୍ତି ଶୁଣିଲେ, ମାନସିକ ଭାରସାମ୍ୟ ହରାଇ ବିଷାଦଗ୍ରସ୍ତ ହୋଇଯାଆନ୍ତି। ଆତ୍ମହତ୍ୟା କରନ୍ତି କି ପ୍ରତିଶୋଧ ପରାୟଣ ହୋଇ ଅନ୍ୟକୁ ମାରିପକାନ୍ତି । ଏଣୁ ଅବସାଦ ଗ୍ରସ୍ତ ବ୍ୟକ୍ତିଙ୍କୁ ଚିକିତ୍ସକଙ୍କ ଠାରୁ କିମ୍ବା ମନୋବିଜ୍ଞାନୀଙ୍କ ଠାରୁ ଉପଯୁକ୍ତ ପରାମର୍ଶ ବହୁ ପୂର୍ବରୁ ପ୍ରାପ୍ତ ହେବା ଉଚିତ୍ ।


ପୁଅ ଝିଅମାନେ ଆଧୁନିକତାର ଆଳରେ ସହଜରେ ପ୍ରେମରେ ପଡୁଛନ୍ତି, ବିଭିନ୍ନ କାରଣ ଯୋଗୁଁ ପ୍ରେମରେ ବିଫଳ ହେଉଛନ୍ତି । ଆର୍ଥିକ କାରଣରୁ ହେଉ ବା ସମାଜ ସ୍ୱୀକୃତି ନଦେବା କାରଣରୁ ହେଉ, ବିଷାଦଗ୍ରସ୍ତ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରୁଛନ୍ତି କିମ୍ବା ପାଗଳ ହୋଇ ବୁଲୁଛନ୍ତି, ସେମାନଙ୍କୁ ସଚେତନ ମାତା ପିତା ଓ ଅଭିଭାବକ, ସମାଜସେବୀ, ଗୁରୁବର୍ଗ ଉଚିତ ପଥ ପ୍ରଦର୍ଶନ କରାନ୍ତୁ । ଫଳରେ ସେମାନଙ୍କର ଜୀବନରକ୍ଷା ହୋଇଯିବ।

ମଠ ମନ୍ଦିର ପ୍ରତି ଶ୍ରଦ୍ଧା, ଆଧ୍ୟାତ୍ମିକ ମାର୍ଗଦର୍ଶନ, ଉପଯୁକ୍ତ ସଦଗୁରୁଙ୍କ ସାନିଧ ଅବସାଦଗ୍ରସ୍ତ ବ୍ୟକ୍ତିମାନଙ୍କୁ ଆତ୍ମସନ୍ତୋଷ ଦେଇଥାଏ। ଡିପ୍ରେସନରୁ ରକ୍ଷା ପାଇବା ପାଇଁ ରୋଗୀକୁ ପ୍ରାକୃତିକ ପରିବେଶରେ ରଖନ୍ତୁ, ପ୍ରାତଃ ଭ୍ରମଣ କରାଇବା ସହିତ ପ୍ରାକୃତିକ ଦୃଶ୍ୟ ଦେଖାନ୍ତୁ, ରୋଗୀର ମନରେ ସରସତା ସୃଷ୍ଟି ହେବ । ଡିପ୍ରେସନଗ୍ରସ୍ତ ରୋଗୀ ଆଧାତ୍ମିକ,ଶାସ୍ତ୍ରୀୟ କିମ୍ବା ଓଡିଶୀ ଛାନ୍ଦ, ଚୌପଦୀ ଭଳି ସଂଗୀତ ଶୁଣିବା ସହିତ ଅନ୍ୟାନ୍ୟ ଜୀବନତତ୍ତ୍ୱ ସମ୍ବନ୍ଧିୟ ସଂଗୀତ ଶୁଣନ୍ତୁ, ମାତ୍ର ଉତ୍ତେଜନା ସୃଷ୍ଟି କରୁଥିବା ସଂଗୀତ ଶୁଣନ୍ତୁ ନାହିଁ କି ବାଦ୍ୟଯନ୍ତ୍ରର କର୍କଶ ଶବ୍ଦରୁ ଦୂରେଇ ରୁହନ୍ତୁ । ଡିପ୍ରେସନଗ୍ରସ୍ତ ରୋଗୀକୁ କଦାପି ଏକା ଛାଡି ଦିଅନ୍ତୁ ନାହିଁ। ତା ପାଖରେ କୌଣସି ଛୁରୀ, କଟୁରୀ କିମ୍ବା ଅନ୍ୟାନ୍ୟ ମାରଣାସ୍ତ୍ର ରଖନ୍ତୁ ନାହିଁ । ଉଚ୍ଚ କୋଠା, ଡ୍ୟାମ୍, ନିକଟରେ ଏକା ଛାଡି ଦିଅନ୍ତୁ ନାହିଁ । ଯେତେଦୂର ପାରୁଛନ୍ତି ପରିବାରରେ ହସଖୁସି ପରିବେଶରେ ରୋଗୀକୁ ରଖନ୍ତୁ । ନିଜେ ହସନ୍ତୁ, ରୋଗୀକୁ ମଜାକଥା କହି ହସାନ୍ତୁ । ଲଘୁ ସଂଗୀତ ଶୁଣାଇବା ସହ ଗଳ୍ପ, ଉପନ୍ୟାସ, ମହାପୁରୁଷଙ୍କ ଜୀବନୀ ପାଠକରିବାକୁ ଦିଅନ୍ତୁ, ଜଟିଳ ତତ୍ତ୍ୱ ଥିବା ପୁସ୍ତକକୁ ଆଦୌ ଦିଅନ୍ତୁ ନାହିଁ। ଭୂତପ୍ରେତ କଥା ବର୍ଣ୍ଣିତଥିବା କିମ୍ବା ରହସ୍ୟ ଉପନ୍ୟାସ ପଢିବାକୁ ଦିଅନ୍ତୁ ନାହିଁ।

ଡିପ୍ରେସନଗ୍ରସ୍ତ ରୋଗୀକୁ ପ୍ରାତଃ କାଳରୁ ଉଠିବା ନିମନ୍ତେ ପରାମର୍ଶ ଦିଆଯାଉ । ପ୍ରାତଃ ଭ୍ରମଣରେ ସକାଳର ସୁଶୀତଳ ପବନ, ପକ୍ଷୀମାନଙ୍କର ମଧୁର ସଂଗୀତ(କାକଳୀ)ଉଦିତ ସୂର୍ଯ୍ୟଙ୍କର କୋମଳ ନରମ କିରଣ ତନୁ ମନରେ ଶିହରଣ ସୃଷ୍ଟି କରେ। କେବଳ ସେତିକି ନୁହେଁ ପ୍ରାଣାୟମ, ଯୋଗ, ବ୍ୟାୟାମ ନିୟମିତ କରିବା ଉଚିତ ଫଳରେ ଡିପ୍ରେସନ ଭଲ ହୋଇଯିବ। ସକାରାତ୍ମକ ପ୍ରଭାବ ପଡିଲେ ରୋଗୀ ମନରୁ ଉଦାସ ଭାବ ଦୂର ହେବାସହ ମାନସିକ ବିଷାଦ ଦୂର ହୋଇଯିବ। ସର୍ବଦା ସାତ୍ତ୍ୱିକ ଆହାର ଗ୍ରହଣ କରନ୍ତୁ, ତାମସିକ ଠାରୁ ଦୂରରେ ରୁହନ୍ତୁ। ଯେଉଁମାନେ ଉନ୍ମାଦ ପରିସ୍ଥିତିକୁ ଆସିଯାଇଛନ୍ତି ସେମାନେ ମଧ୍ୟ ସେଥିରୁ ମୁକ୍ତ ହୋଇଯିବେ ।

## ୨୦୨୫ରେ ଓଡ଼ିଶାର ଅର୍ଥନୈତିକ ବିକାଶ

# ଏକ ନୂତନ ଅଧ୍ୟାୟ ଯାହା ରାଜ୍ୟ ଓ ଦେଶ ଉଭୟଙ୍କ ପାଇଁ ଲାଭାନ୍ୱିତ ହେବ



ଶେଖ୍ ଅବଦୁଲ ହନିଫ୍

୨୦୨୫ ମସିହାରେ ଓଡ଼ିଶା ଭାରତର ଏକ ଦ୍ରୁତ ଗତିରେ ବିକାଶ ହେଉଥିବା ରାଜ୍ୟ ଭାବରେ ପ୍ରମାଣିତ ହୋଇଛି। ଏହି ବର୍ଷ ରାଜ୍ୟର ସମ୍ପୂର୍ଣ୍ଣ ଗ୍ରସ୍ ଡୋମେଷ୍ଟିକ୍ ପ୍ରୋଡକ୍ଟ (GDP) ୮ ଲକ୍ଷ କୋଟି ଟଙ୍କା କୁ ଅତିକ୍ରମ କରିଛି, ଯେଉଁଥିରେ ବୃଦ୍ଧି ହାର ୯.୫% ରହିଛି, ଯାହା ଜାତୀୟ ଅର୍ଥନୈତିକ ବୃଦ୍ଧି ହାର ୭.୮% ଠାରୁ ଅଧିକ। ପୂର୍ବବର୍ଷଗୁଡ଼ିକୁ ତୁଳନା କଲେ, ଯେଉଁଠାରେ ବୃଦ୍ଧି ହାର ୫.୫% ରୁ ୬.୫% ଥିଲା, ବର୍ତ୍ତମାନର ତଥ୍ୟଗୁଡ଼ିକ ଏକ ଅସାଧାରଣ ଓ ମୂଲ୍ୟବାନ ପରିବର୍ତ୍ତନକୁ ପ୍ରତିବିମ୍ବିତ କରୁଛି। ଏହି ଉନ୍ନତି କେବଳ ଅଙ୍କ ନୁହେଁ, ଏହା ଏକ ପ୍ରକୃତ ଅର୍ଥନୈତିକ ବିକାଶ ଏହି ବିକାଶର ମୂଳକାରଣ ହେଉଛି ରାଜ୍ୟର ନୂତନ ଶାସନ ବ୍ୟବସ୍ଥା, ଶିଳ୍ପ ଅନ୍ତର୍ଗତୀକରଣ ଓ ଢ଼ାଞ୍ଚା ଉନ୍ନତି, ବିଶେଷକରି ନୂତନ ବିଜେପି ନେତୃତ୍ୱାଧୀନ ସରକାର ଗଠିତ ହେବା ପରେ ଏହାର ଲାଭ ସ୍ପଷ୍ଟ ହୋଇଛି।

ଦୀର୍ଘ ବର୍ଷର ବିଜେଡି ଶାସନ ପରେ ନୂତନ ନେତୃତ୍ୱ ଆସିବା ସହିତ ନୂତନ ନୀତି ଓ ପ୍ରାଥମିକତା ଆସିଛି। ଶିଳ୍ପ ଉନ୍ନତି, ତ୍ୱରିତ ଅନୁମତି ଓ ନିବେଶକ-ପ୍ରେମୀ ନୀତିଗୁଡ଼ିକ ଅନୁସୃତ ହୋଇଛି। ଓଡ଼ିଶାର ଖଣିଜ ଆଧାରିତ ଅର୍ଥନୀତି, ଯାହା ପୂର୍ବରୁ କେବଳ ଖଣି ଉପରେ ନିର୍ଭର କରୁଥିଲା, ବର୍ତ୍ତମାନ ଏହା ଇସ୍ପାତ, ଏଲୁମିନିଅମ୍, ଗ୍ରୀନ୍ ଏନର୍ଜି, କୃଷି ରୂପାନ୍ତରଣ, ବସ୍ତ୍ର ଶିଳ୍ପ ଓ ଡିଜିଟାଲ୍ ସେବା ମଧ୍ୟରେ ବିସ୍ତାର ପାଇଛି। ଓଡ଼ିଶା ଇସ୍ପାତ ଓ ଆଲୁମିନିଅମ୍ ଉତ୍ପାଦନରେ ଦେଶର ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ପାଲଟି ଯାଇଛି। ପାରାଦୀପ ବନ୍ଦର ରେକର୍ଡ ରପ୍ତାନି କରୁଛି ଓ ନୂତନ ଶିଳ୍ପ ଉପତ୍ୟକାଗୁଡ଼ିକ ତ୍ୱରିତ ଗତିରେ ବିକାଶ ହେଉଛି। ଓଡ଼ିଶା ଶିଳ୍ପ ନୀତି ୨୦୨୫ ଅନୁଯାୟୀ ଶିଳ୍ପଗୁଡ଼ିକୁ ଏବେ ମଧୁର କର ରିହାତି , ତ୍ୱରିତ ଅନୁମୋଦନ ଓ ସରଳ ଆବେଦନ ପ୍ରକ୍ରିୟା ମିଳୁଛି। ଏହା ସହ ରାଜ୍ୟ ସରକାର ଗ୍ଲୋବାଲ୍ ଇନଭେଷ୍ଟର୍ ମିଟ୍ ମାଧ୍ୟମରେ ଓଡ଼ିଶାକୁ ନିବେଶ ଗନ୍ତବ୍ୟ ଭାବରେ ପ୍ରଚାର କରିଛନ୍ତି।

୨୦୨୫ ରେ ଏହି ବୃଦ୍ଧି କେବଳ ସହର ମଧ୍ୟରେ ସୀମିତ ରହିନାହିଁ। ଗ୍ରାମୀଣ ଓଡ଼ିଶା ମଧ୍ୟ ବିକାଶ ହେଉଛି । ବିଜେପି ନେତୃତ୍ୱାଧୀନ ସରକାର କୃଷି ଓ ଗ୍ରାମୀଣ ଉନ୍ନତି ଉଦ୍ୟୋଗକୁ ଗୁରୁତ୍ୱ ଦେଇଛନ୍ତି । ଅନେକ ନୂତନ ଜଳସେଚନ ଯୋଜନା, ରପ୍ତାନି ପାଇଁ କୋଲ୍ଡ ଷ୍ଟୋରେଜ୍ ସଂସ୍ଥା, ଧାନ, ଡାଲି ଓ ମାଣ୍ଡିଆ ପାଇଁ ନିଶ୍ଚିତ ନ୍ୟୁନତମ ସମର୍ଥନ ମୂଲ୍ୟ ଦେଇଥିବାରୁ ଚାଷୀମାନେ ବର୍ତ୍ତମାନ ଅଧିକ ଆୟ କରୁଛନ୍ତି। ଏହା ଗ୍ରାମ ଅର୍ଥନୀତିରେ ନୂତନ ଚେତନା ଆଣିଛି। ସ୍କିଲ୍ ଡେଭଲପମେଣ୍ଟ କେନ୍ଦ୍ର ମାଧ୍ୟମରେ ଯୁବକ ଯୁବତୀମାନେ ନୂତନ ଚାକିରି ପାଇଁ ପ୍ରସ୍ତୁତ ହେଉଛନ୍ତି ଓ ମହିଳା ଉଦ୍ୟମୀଙ୍କୁ ଛୋଟ ଉଦ୍ୟମ ଖୋଲିବାକୁ ସରକାରୀ ସହଯୋଗ ମିଳୁଛି। ରାଜ୍ୟର ପ୍ରତିବ୍ୟକ୍ତିର ଆୟ ୨୦୨୩ ରେ ୧.୨୦ ଲକ୍ଷ ଟଙ୍କାରୁ ବୃଦ୍ଧି ପାଇ ବର୍ତ୍ତମାନ ୧.୫୫ ଲକ୍ଷ ଟଙ୍କା ହୋଇଛି, ଯାହା ସାରା ଜନସାଧାରଣଙ୍କ ଜୀବନ ମାନକୁ ଉନ୍ନତ କରିଛି।

ପଡ଼ୋଶୀ ରାଜ୍ୟଗୁଡ଼ିକୁ ଯଥା ଝାରଖଣ୍ଡ, ଛତିଶଗଡ଼ ଓ ବିହାରକୁ ତୁଳନା କଲେ ଓଡ଼ିଶା ବର୍ତ୍ତମାନ ସ୍ପଷ୍ଟ ଭାବେ ଅଗ୍ରଗତି କରିଛି। ମହାରାଷ୍ଟ୍ର ଓ ଗୁଜରାଟ ଭଳି ରାଜ୍ୟ ଆଜି ବି ଦେଶର ଅର୍ଥନୈତିକ ଦାୟାଦ ଥିଲେ ବି, ଓଡ଼ିଶା ମଧ୍ୟ ଏବେ ଗୁରୁତ୍ୱପୂର୍ଣ୍ଣ ନିବେଶ କେନ୍ଦ୍ର ଭାବରେ ଉଭୟ ଜାତୀୟ ଓ ଆନ୍ତର୍ଜାତୀୟ କ୍ଷେତ୍ରରେ ଅନ୍ୟତମ ରାଜ୍ୟ ହୋଇଯାଇଛି। ମହାରାଷ୍ଟ୍ର ସହ ଓଡ଼ିଶାର ଇସ୍ପାତ କରିଡୋର ଯୋଜନା ଏହି ଉଦ୍ୟମକୁ ଆଉ ଏକ ପଦକ୍ଷେପ ଆଗକୁ ନେଇଛି ଯାହା ଦେଶର ଉତ୍ପାଦନ କ୍ଷମତାକୁ ସମୃଦ୍ଧ କରୁଛି।

ଓଡ଼ିଶାର ଏହି ଉନ୍ନତି ଦେଶର ସାଧାରଣ ଅର୍ଥନୀତିକୁ ମଧ୍ୟ ଲାଭବାନ କରାଉଛି। ଏବେ ଓଡ଼ିଶା ଦେଶର ମୋଟ ଇସ୍ପାତ ଉତ୍ପାଦନର ୨୦% ହେଉଛି, ଯାହା ଭାରତର ଉତ୍ପାଦନ ଓ ରପ୍ତାନି କ୍ଷମତାକୁ ବଢ଼ାଇଛି । ଏହାର ଖଣିଜ ରପ୍ତାନି ବୃଦ୍ଧି ପାଇଛି ଓ ଦେଶର ଟ୍ରେଡ୍ ଡିଫିସିଟ୍‌କୁ କମାଇଛି। ଏହି ବିକାଶ ପୂର୍ବ ଭାରତକୁ ଏକ ନୂତନ ଅର୍ଥନୈତିକ କେନ୍ଦ୍ର ଭାବରେ ଗଠିତ କରୁଛି, ଯାହା ଦେଶର ସମୁଚିତ ଆଞ୍ଚଳିକ ଉନ୍ନତି ପାଇଁ ଗୁରୁତ୍ୱପୂର୍ଣ୍ଣ।

ଓଡ଼ିଶାର ସାଧାରଣ ଲୋକଙ୍କ ଜୀବନ ଧାରାକୁ ଏହି ବୃଦ୍ଧି ରୂପାନ୍ତର କରିଛି । ଚାକିରି ଅବସର ବଢ଼ିଛି, ଆରୋଗ୍ୟ ସେବା ବିକାଶ ହେଉଛି, ରାସ୍ତା ଓ ବିଦ୍ୟାଳୟ ବଢ଼ିଛି। AIIMS ଭୁବନେଶ୍ୱର ଏବେ ବିସ୍ତାର ହୋଇଛି ଓ ଜିଲ୍ଲା ହସ୍ପିଟାଲଗୁଡ଼ିକୁ ନୂତନ ଆଧୁନିକ ସୁବିଧା ମିଳିଛି। ତେବେ ଏହି ବୃଦ୍ଧି ସହ ଆସୁଥିବା ଦାୟିତ୍ୱ, ପରିବେଶ ସୁରକ୍ଷା, ଜନଜାତି ଅଧିକାର ଓ ପ୍ରକୃତି ସଂରକ୍ଷଣକୁ ସ୍ଥିର ରଖି ଏହି ଉନ୍ନତିକୁ ଅଗ୍ରସର କରିବା ଆବଶ୍ୟକ।

ଏହି ଭାବେ ଓଡ଼ିଶାର ୨୦୨୫ ର ଅର୍ଥନୈତିକ ବୃଦ୍ଧି କେବଳ ଗଣନା ନୁହେଁ, ଏହା ଏକ ମୁଖ୍ୟ ଅଧ୍ୟାୟ ରଚିଛି। ଯଦି ଏହି ଗତି ଚାଲିରହେ ତେବେ ଉନ୍ନତିର ଚରମ ସୀମା ଛୁଇଁବ ଏବଂ ଓଡ଼ିଶା ଖୁବ ଶୀଘ୍ର ଦକ୍ଷିଣ ଓ ପଶ୍ଚିମ ଭାରତ ପାଖରେ ବିରାଟ ଅର୍ଥନୈତିକ କେନ୍ଦ୍ର ଭାବରେ ଉଭୟ ଦେଶ ଓ ରାଜ୍ୟକୁ ଲାଭ କରାଇପାରିବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଅଗଷ୍ଟ ୨୦୨୪ ବୁଧବାର



# ଦୂର ହେଲା ଭ୍ରାନ୍ତି, ଅଳ୍ପ ମଦ୍ୟପାନ ବି ହାନିକାରକ !

ଦଶନ୍ଧି ଦଶନ୍ଧି ଧରି ଏକ ଧାରଣା ରହି ଆସିଥିଲା ଯେ ମଧ୍ୟମ ଧରଣର ମଦ୍ୟପାନ ଲୋକଙ୍କୁ ସୁସ୍ଥ ତଥା ଦୀର୍ଘଜୀବୀ କରିଥାଏ। ଏପରିକି ଫ୍ରାନ୍ସରେ 'ଫ୍ରେଞ୍ଚ ପାରାଡକ୍ସ' ନାମକ ଏକ ଦୃଢ଼ ଧାରଣା ରହିଛି କି, ରେଡ୍ ୱାଇନ୍ ସେବନ କରୁଥିବା ଲୋକଙ୍କର ହୃଦ୍‌ରୋଗ ହାର କମ୍ ରହିଥାଏ। ମାତ୍ର ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଯେକୌଣସି ପରିମାଣର ହେଉ ପଛେ, ମଦ୍ୟପାନ ଆଦୌ ସ୍ୱାସ୍ଥ୍ୟପ୍ରଦ ନୁହେଁ। ଏପରିକି ଅଳ୍ପରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ବହୁବିଧ କର୍କଟ ହେବାର ଆଶଙ୍କା ରହିଛି। ସେଥିପାଇଁ ମଦ୍ୟପାନ ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କଦାପି ନିରାପଦ ନୁହେଁ ବୋଲି ଗତବର୍ଷ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ପକ୍ଷରୁ ଘୋଷଣା କରାଯାଇଛି। ମଧ୍ୟମ ଧରଣର ମଦ୍ୟପାନ ସ୍ୱାସ୍ଥ୍ୟପ୍ରଦ ବୋଲି ରହିଥିବା ଭ୍ରାନ୍ତ ଧାରଣାର ଆଧାର ହେଉଛି ଅତୀତରେ ହୋଇଥିବା କେତେକ ବୈଜ୍ଞାନିକ ଅଧ୍ୟୟନ। କିନ୍ତୁ ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ 'କାଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଫର ସବ୍‌ଷ୍ଟାନ୍ସ ୟୁଜ୍ ରିସର୍ଚ୍ଚ'ର ଗବେଷକମାନେ ପୂର୍ବରୁ ପ୍ରକାଶିତ ୧୦୭ ପ୍ରକାର ତଥ୍ୟଭିତ୍ତିକ ଅନୁସନ୍ଧାନକୁ ତର୍ଜମା କରି ଉକ୍ତ ଗବେଷଣାଗୁଡ଼ିକ ତ୍ରୁଟିକୁ ଠାବ କରି ସେଗୁଡ଼ିକର ନିଷ୍କର୍ଷ ଭ୍ରମାତ୍ମକ ବୋଲି ପ୍ରମାଣିତ କରିଛନ୍ତି। ମଦ୍ୟପାନଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଲୋକଙ୍କ ତୁଳନାରେ ଦିନକୁ ଦୁଇଥର ଅଥବା ସପ୍ତାହକୁ ଥରେ ମଦ୍ୟପାନ କରୁଥିବା ଲୋକଙ୍କର ମୃତ୍ୟୁ ଆଶଙ୍କା ୧୪ ପ୍ରତିଶତ କମ୍ ବୋଲି ପୂର୍ବ ଗବେଷଣାରୁ ନିଷ୍କର୍ଷ ମିଳିଥିଲା। ମାତ୍ର ସେସବୁ ତଥ୍ୟଭିତ୍ତିକ ଅନୁଧ୍ୟାନ କେବଳ ବୟସ୍କ ଲୋକଙ୍କ ମଧ୍ୟରେ ସୀମିତ ରହିଥିଲା। ସେଥିରେ ଜୀବନ ତମାମ ମଦ



ପିଉଥିବା ଲୋକଙ୍କୁ ସାମିଲ କରାଯାଇ ନଥିଲା। ଅର୍ଥାତ୍ ସେଥିରେ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କ ସହିତ ମଦଠାରୁ ସଂପୂର୍ଣ୍ଣ ଦୂରେଇ ରହିଥିବା ଓ କୌଣସି ସ୍ୱାସ୍ଥ୍ୟ ସମସ୍ୟା ପରେ ମଦ୍ୟପାନ କମାଇ ଦେଇଥିବା ଅଥବା ତ୍ୟାଗ କରିଥିବା ଲୋକଙ୍କ ସହ ତୁଳନା କରାଯାଇଥିଲା। ସୁତରାଂ ତୁଳନାତ୍ମକ ଭାବେ ମଦ୍ୟପାନ ଜାରି ରଖିଥିବା ଲୋକେ ଅଧିକ ସୁସ୍ଥ ବୋଲି ସେଥିରୁ ନିଷ୍କର୍ଷ ବାହାରିଥିଲା। ମାତ୍ର ଭିକ୍ଟୋରିଆ ବିଶ୍ୱବିଦ୍ୟାଳୟର ଏହି ଗବେଷକମାନଙ୍କ ସଦ୍ୟତମ ଅନୁଧ୍ୟାନରେ ୫୫ ବର୍ଷରୁ କମ୍ ବୟସ୍କ ଲୋକଙ୍କୁ ସାମିଲ କରାଯାଇଥିଲା। ଏଥି ସହିତ ପୂର୍ବରୁ ମଦ ପିଇ ଏବେ ଛାଡ଼ିଦେଇଥିବା ଏବଂ ବେଳେ ବେଳେ ମଦ ପିଉଥିବା ଲୋକଙ୍କୁ ମଦ୍ୟନିବୃତ୍ତ ଶ୍ରେଣୀରେ ରଖାଯାଇନଥିଲା। ଏଥିରୁ ମଧ୍ୟମ ଧରଣର ମଦ୍ୟପାନ କରୁଥିବା ଲୋକଙ୍କର ଜୀବନଧାରଣ କ୍ଷମତା ଉନ୍ନତ ଥିବା କଥା ଆଦୌ ନିରୂପିତ ହୋଇନଥିଲା। ସେହିପରି ରେଡ୍‌ୱାଇନ୍‌ରେ 'ରେସଭେରାଟ୍ରଲ୍' ନାମକ ଏକ ପ୍ରକାର ଆଣ୍ଟିଅକ୍ସିଡାଣ୍ଟ ରହିଛି ଯାହା ରକ୍ତରେ କୋଲେଷ୍ଟ୍ରୋଲ୍ ସ୍ତର ଓ ରକ୍ତଚାପ କମାଇବାରେ ସହାୟକ ହୋଇଥାଏ। ତେଣୁ ରେଡ୍‌ୱାଇନ୍ ହୃଦ୍‌ରୋଗ କମାଇଥାଏ ବୋଲି ବିଶ୍ୱାସ ରହିଛି। ମାତ୍ର କେତେ ପରିମାଣର 'ରେସଭେରାଟ୍ରଲ୍' ଆମ ପାଇଁ ନିରାପଦ, ସେ ସମ୍ପର୍କରେ କିଛି ସୂଚନା ମିଳିପାରିନାହିଁ। ଅପରପକ୍ଷେ, ମଦ ପିଉଥିବା ଲୋକଙ୍କ କ୍ଷେତ୍ରରେ ମୁଖଗହ୍ୱର କର୍କଟ, ଗଳା କର୍କଟ, ସ୍ତନ କର୍କଟ ଓ ଅନ୍ତ୍ରାଶୟ କର୍କଟ ପରି ସାତ ପ୍ରକାରର କର୍କଟ ରୋଗର ଆଶଙ୍କା ଅଧିକ ବୋଲି ଜଣାଯାଇଛି।

## ଦୀର୍ଘଜୀବୀ ହେବାକୁ ବଢ଼ାନ୍ତୁ ସାଙ୍ଗସାଥୀ



ସାଧାରଣତଃ ଦୀର୍ଘଜୀବୀ ହେବା ପଛରେ ସୁଷମ ଖାଦ୍ୟ, ବ୍ୟାୟାମ ଓ ସୁସ୍ଥ ଜୀବନଶୈଳୀ ଗୁରୁତ୍ୱପୂର୍ଣ୍ଣ ବୋଲି ସମସ୍ତଙ୍କର ଏକ ବଦ୍ଧମୂଳ ଧାରଣା ରହିଆସିଛି। ମାତ୍ର ଏକ ନୂତନ ଅନୁଧ୍ୟାନ ଅନୁଯାୟୀ, ଏଥିପାଇଁ ଜଣଙ୍କର ସାମାଜିକ ସମ୍ପର୍କର ମଧ୍ୟ ପ୍ରମୁଖ ଭୂମିକା ରହିଛି। ନିୟମିତ ବ୍ୟାୟାମ ଜଣକୁ ଯେତିକି ସୁସ୍ଥ ରଖିପାରିବ, ସାଙ୍ଗସାଥୀ ବା ବନ୍ଧୁବାନ୍ଧବମାନଙ୍କ ଗହଣରେ ଅଧିକ ସମୟ ବିତାଉଥିବା ବ୍ୟକ୍ତି ମଧ୍ୟ ସେତିକି ସୁସ୍ଥ, ନିରାମୟ ଓ ଦୀର୍ଘଜୀବୀ ହୋଇପାରିବେ।
ଲେଖକ ତଥା ବିବିସି ସାମ୍ବାଦିକ ଡେଭିଡ୍ ରବ୍‌ସନ୍ ତାଙ୍କର ନୂତନ ପୁସ୍ତକ ''ଦି ଲ'ଜ୍ ଅଫ୍ କନେକ୍ସନ୍''ରେ ଏ ବାବଦରେ ପ୍ରମାଣ ସହ ଦର୍ଶାଇଛନ୍ତି ଯେ, ନିଜକୁ ନିଃସଙ୍ଗ ମନେ କରୁଥିବା ଲୋକଙ୍କ ତୁଳନାରେ ସାମାଜିକ ସମ୍ପର୍କରେ ରହୁଥିବା ବ୍ୟକ୍ତି ଅଧିକ ସୁସ୍ଥ ଓ ଦୀର୍ଘ ଜୀବନଯାପନ କରିଥା'ନ୍ତି। ମନୁଷ୍ୟର ସ୍ୱାସ୍ଥ୍ୟ ଉପରେ ଏପରି ଜୈବ-ମନସ୍ତାତ୍ତ୍ୱିକ-ସାମାଜିକ ପ୍ରଭାବ ସଂପର୍କରେ ତର୍ଜମା କରି ରବ୍‌ସନ୍ ସ୍ପଷ୍ଟ କରିଛନ୍ତି ଯେ, ବନ୍ଧୁତା ଆମ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ଠାରୁ ଆରମ୍ଭ କରି ହୃଦ୍‌ରୋଗରେ ମୃତ୍ୟୁ ହେବା ଆଶଙ୍କାକୁ ମଧ୍ୟ ଦୂର କରିଥାଏ। ତେଣୁ ଦୀର୍ଘଦିନ ବଞ୍ଚିବାର ଅଭିଳାଷ ଥିଲେ, ଲୋକଙ୍କ ସହ ସମ୍ପର୍କକୁ ପ୍ରାଥମିକତା ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଦୀର୍ଘଜୀବୀ ହେବା ପଛର କାରଣ ଖୋଜିବାକୁ ଯାଇ ୧୯୬୦ ଦଶକରେ ଆମେରିକାର ପ୍ରସିଦ୍ଧ ଚିକିତ୍ସକ ଲେଷ୍ଟର ବ୍ରିସ୍ଲୋ 'ଆଲମେଡା ୭' ନାମରେ ଏକ ସୂତ୍ର ବାହାର କରିଥିଲେ। ସେହି ସାତଟି ଉପାଦାନ ହେଲା: ଧୂମପାନ ବର୍ଜନ, ମଦ୍ୟପାନ ତ୍ୟାଗ, ରାତିରେ ୭ରୁ ୮ ଘଣ୍ଟା ଶୟନ, ନିୟମିତ ବ୍ୟାୟାମ, କାମଚଳା ଆହାର ବାରଣ, ମଧ୍ୟମ ଧରଣର ଓଜନ ଓ ନିଶ୍ଚିତ ପ୍ରାତଃଭୋଜନ। ତେବେ ୧୯୭୯ ମସିହାରେ ଲେଷ୍ଟରଙ୍କ ସହଯୋଗୀମାନେ ଏଥିରେ ଅଷ୍ଟମ ଉପାଦାନଟି ଯୋଡ଼ିଥିଲେ, ତାହା ହେଲା ସାମାଜିକ ସଂଯୋଗ। ବିଭିନ୍ନ ଅଧ୍ୟୟନରୁ ଏକଥା ପ୍ରମାଣିତ ଯେ ଖୁବ୍ କମ୍ ସାମାଜିକ ସମ୍ପର୍କ ରଖୁଥିବା ଲୋକଙ୍କ ତୁଳନାରେ ଅଧିକ ଯୋଗାଯୋଗରେ ଥିବା ଲୋକଙ୍କର ମୃତ୍ୟୁ ହାର ପ୍ରାୟ ଅଧା। ସୁତରାଂ ଘନିଷ୍ଠ ବନ୍ଧୁତା ପରି ସାମାଜିକ ସମ୍ପର୍କ ଉପରେ ଗୁରୁତ୍ୱାରୋପ କରିବା ଦୀର୍ଘଜୀବୀ ହେବାର ଏକ ସରଳ କିନ୍ତୁ ପ୍ରଭାବଶାଳୀ ଉପାୟ କହିବା ଭୁଲ୍ ହେବ ନାହିଁ।

## ବାରମ୍ବାର ୟୁଟିଆଇ ହୋଇପାରେ କର୍କଟ ରୋଗର ସଙ୍କେତ

୫ଜି ଇଣ୍ଟରନେଟ ଯୁଗରେ ରୋଗ ମଧ୍ୟ ଖୁବ୍ ଶୀଘ୍ର ବଢ଼ିବାରେ ଲାଗିଛି । ଏହାରି ଭିତରେ ୟୁଟିଆଇ ବା ୟୁରିନାରି ଟ୍ରାକ୍ ଇଂଫେକ୍ସନ ଏବେ ବହୁ ମାତ୍ରାରେ ବଢ଼ିବାରେ ଲାଗିଛି । ପ୍ରତ୍ୟେକ ମହିଳା ନିଜ ଜୀବନରେ ଥରେ ବା ତାଠାରୁ ଅଧିକ ଥର ଏହି ରୋଗର ଶିକାର ହୋଇଥାନ୍ତି । ୟୁଟିଆଇ ମହିଳାମାନଙ୍କଠାରେ ବାରମ୍ବାର ଦେଖାଯାଏ । ଏହା ଏକ ସାଧାରଣ ସଂକ୍ରମଣ ଯାହା ଖାଦ୍ୟ ଏବଂ ଔଷଧ ମାଧ୍ୟମରେ ଆରୋଗ୍ୟ ହୋଇପାରିବ । କିନ୍ତୁ ଏହା ମହିଳାମାନଙ୍କର ରୋଗ ପ୍ରତିରୋଧକ ଶକ୍ତି ଅତ୍ୟନ୍ତ ଦୁର୍ବଳ କରିଦେଇଥାଏ । ପରିଷ୍କାର ପରିଚ୍ଛନ୍ନତା ଅଭାବରେ ୟୁଟିଆଇ ହୋଇବାର ସମ୍ଭାବନା ବଢ଼ିଥାଏ । ଏହି ରୋଗରେ ଏକାଧିକ ଥର ସଂକ୍ରମିତ ହେବା କୌଣସି ସାଧାରଣ କଥା ନୁହେଁ। ଏହା ଦ୍ୱାରା କର୍କଟ ଭଳି ଗମ୍ଭୀର ରୋଗ ହେବାର ଆଶଙ୍କା ରହିଥାଏ ।

## ଖାଦ୍ୟରେ ସାମିଲ କରନ୍ତୁ ୭ରୁ ୮ଟି ଭୃସଙ୍ଗ ପତ୍ର

ଖାଦ୍ୟରେ ଭୃସଙ୍ଗ ପତ୍ର ସ୍ୱାଦ ବଢ଼ାଇଥାଏ। ପୂର୍ବରୁ ଏହା ପ୍ରାୟତଃ ଦକ୍ଷିଣ ଭାରତରେ ବ୍ୟବହୃତ ହେଉଥିଲା, କିନ୍ତୁ ରୋଷେଇ ପାଇଁ ବର୍ତ୍ତମାନ ଏହା ଭାରତର ପ୍ରାୟ ପ୍ରତ୍ୟେକ ରାଜ୍ୟରେ ବ୍ୟବହୃତ ହେଉଛି । ଏହା କେବଳ ଖାଦ୍ୟର ସ୍ୱାଦ ବଢ଼ାଏ ନାହିଁ ବରଂ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଖୁବ୍ ଲାଭଦାୟକ । ଆୟୁର୍ବେଦ ବିଶେଷଜ୍ଞ କହିବାନୁସାରେ, ପ୍ରତିଦିନ ଅତି କମ୍‌ରେ ୭ରୁ ୮ ଟି ଭୃସଙ୍ଗ ପତ୍ରକୁ ନିଜ ଖାଦ୍ୟରେ ସାମିଲ କରିବା ଉଚିତ୍ । ଯଦି ଆପଣ ଏହାକୁ ତରକାରୀରେ ଖାଇବାକୁ ପସନ୍ଦ କରନ୍ତି ନାହିଁ, ତେବେ ଆପଣ ଏହାର ପତ୍ରକୁ ଚୋବାଇ ଖାଇପାରିବେ କିମ୍ବା ଆପଣ ଏହାକୁ ପାଣିରେ ଫୁଟାଇ ମଧ୍ୟ ଏହାର ପାଣିକୁ ପିଇପାରିବେ । ଆସନ୍ତୁ ଭୃସଙ୍ଗ ପତ୍ର ଖାଇବାର ଲାଭ କ'ଣ ? ବିଶେଷଜ୍ଞ ମତରେ, ଯେଉଁମାନଙ୍କର ହଜମ ପ୍ରକ୍ରିୟା ସହ ଜଡ଼ିତ କୌଣସି ପ୍ରକାରର ସମସ୍ୟା ଅଛି ସେମାନେ ନିଶ୍ଚିତ ଭାବରେ ଭୃସଙ୍ଗ ପତ୍ର ଖାଇବା ଉଚିତ୍ । ଏହା ଖାଇବା ଦ୍ୱାରା ଆମର ହଜମ ପ୍ରକ୍ରିୟା ଭଲ ଭାବରେ କାମ କରିଥାଏ । ଭୃସଙ୍ଗ ପତ୍ର ଖାଇବା ଦ୍ୱାରା ଗ୍ୟାସ୍, ବଦହଜମି ଏବଂ ଏସିଡିଟି ମଧ୍ୟ କମିଯାଏ ।

## କରୋନା ପରେ ହିପ୍ ଜଏଣ୍ଟ ବଢ଼ିଛି


ଚାଲିବା, ଦୌଡ଼ିବା, ନାଚିବା, ବ୍ୟାୟାମ କରିବା ଆଦି ଆମ ଦୈନନ୍ଦିନ କାର୍ଯ୍ୟକଳାପ। ଆପଣ ଜାଣିଛନ୍ତି କି ଏସବୁ କରିବାକୁ ଆମ ଶରୀରର 'ହିପ୍ ଜଏଣ୍ଟ' ହିଁ ଆମକୁ ସକ୍ଷମ କରିଥାଏ। ଥରେ ଭାବନ୍ତୁ, ଦୁର୍ଘଟଣା ହେଉ ଅବା କୌଣସି ରୋଗ କାରଣରୁ ହିପ୍ ଜଏଣ୍ଟରେ ଯଦି କିଛି ଆଘାତ ଲାଗେ ବା ଅସୁବିଧା ହୁଏ, ତେବେ କ'ଣ ହେବ ଚାଲିବା, ବସିବା, ଉଠିବାଠାରୁ ଅତି ସାଧାରଣ ଅଥଚ ଗୁରୁତ୍ୱପୂର୍ଣ୍ଣ କାମ ସବୁ ବନ୍ଦ ହୋଇଯିବ। ଗୋଟିଏ ମୁହୂର୍ତ୍ତରେ ଆମେ ଭିନ୍ନକ୍ଷମ ହୋଇ ଅନ୍ୟ ଉପରେ ନିର୍ଭରଶୀଳ ହୋଇଯିବା। ହେଲେ ଆଧୁନିକ ଚିକିତ୍ସା ବିଜ୍ଞାନ ଏ ସମସ୍ୟାର ସମାଧାନ ଖୋଜିସାରିଛି। 'ହିପ୍ ଜଏଣ୍ଟ'ର ଗୁରୁତ୍ୱ ଓ ହିପ୍ ପ୍ରତିରୋପଣ ସମ୍ପର୍କରେ ମଣିପାଲ ହସ୍‌ପିଟାଲ୍‌ର ହିପ୍ ସର୍ଜନ ଡାକ୍ତର କିଶୋର କୁମାର ପଣ୍ଡାଙ୍କ ସହ ଏହି ସଂକ୍ଷିପ୍ତ ଆଲୋଚନା।

### ଶରୀରରେ ହିପ୍ ଜଏଣ୍ଟର କାମ କ'ଣ ?

ଅଣ୍ଟାର ତଳ ଭାଗକୁ ହିପ୍ ଜଏଣ୍ଟ କୁହାଯାଇଥାଏ। ପେଲ୍‌ଭିକ୍ ହାଡ଼, ଜଂଘ ହାଡ଼ ଓ ମେରୁଦଣ୍ଡ 'ହିପ୍ ଜଏଣ୍ଟ'ରେ ମିଳିତ ହୋଇଥାନ୍ତି। ଏହି ଜଏଣ୍ଟ ଯୋଗୁଁ ଆମ ଶରୀରର ଭାର ମେରୁଦଣ୍ଡକୁ ସ୍ଥାନାନ୍ତର ହୋଇଥାଏ ଓ ଆମେ ଚାଲିବାକୁ ସକ୍ଷମ ହୋଇଥାଉ। 'ହିପ୍ ଜଏଣ୍ଟ'ର ଦୁଇଟି ଭାଗ ଥାଏ। ଗୋଟିଏ ହେଉଛି ଏସେଟାବୁଲମ୍ (ସକେଟ୍) ଓ ଅନ୍ୟଟି ହେଉଛି ଫିମର ହେଡ୍ (ବଲ୍)।

### କେଉଁ ଅବସ୍ଥାରେ ହିପ୍ ପ୍ରତିରୋପଣ ହୁଏ ?

ସକେଟ୍‌ରେ ଆଘାତ ଲାଗିଲେ ବା ଭାଙ୍ଗିଗଲେ, ହିପ୍ ଜଏଣ୍ଟ ବୁଲିବା ବା ସଂଚାଳନ



ବନ୍ଦ ହୋଇଗଲେ ସକେଟ୍‌କୁ ପୂର୍ବାବସ୍ଥାକୁ ଆଣିବାକୁ ଚେଷ୍ଟା କରାଯାଏ। ଏଥିପାଇଁ ହିପ୍ ସର୍ଜନମାନେ ପ୍ଲେଟିଂ କରି ବୋନ୍ ହିଲିଂ କରିଥା'ନ୍ତି। ବେଳେବେଳେ ସକେଟ୍ ସହ ହିପ୍ ହେଡ୍ ମଧ୍ୟ ଆଘାତ ପାଇ ଭାଙ୍ଗି ବା ଫାଟି ଯାଇଥାଏ। ଯଦି ଏହି ହାଡ଼ ପୁନଃନିର୍ମିତ ହୋଇପାରିବ ତେବେ ଏହାକୁ ପୁଣି ଥରେ ନିର୍ମାଣ କରାଯାଏ। ଯଦି ହିପ୍ ହେଡ୍ ଭାଙ୍ଗି ଗୁଣ୍ଡ ହୋଇଯାଇଥାଏ, ତେବେ ପ୍ରତିରୋପଣ କରିବାକୁ ପଡ଼େ।

### କରୋନା ଯୋଗୁଁ 'ହିପ୍ ଜଏଣ୍ଟ' ପ୍ରଭାବିତ ହୋଇଛି କି ?

ଆମେ ଏବେ କରୋନା ପରବର୍ତ୍ତୀ ଯୁଗରେ ଅଛୁ। କରୋନା ପରବର୍ତ୍ତୀ ସମୟରେ ହିପ୍ ଜଏଣ୍ଟ ସମସ୍ୟାରେ ଭିନ୍ନତା ଦେଖାଦେଇଛି। କରୋନାରେ ଆକ୍ରାନ୍ତ ହୋଇଥିବା ଲୋକମାନଙ୍କର ଫିମର ହେଡ୍ ବା ବଲ୍‌କୁ ରକ୍ତ ସଞ୍ଚାଳନ ବାଧାପ୍ରାପ୍ତ ହେଉଛି। ଏହାକୁ ଆଭାସ୍କୁଲାର ନେକ୍ରୋସିସ୍ କୁହାଯାଏ। ଫଳରେ ହିପ୍‌ର ସେହି ସ୍ଥାନର ଛୋଟ ଛୋଟ ରକ୍ତ ଚ୍ୟାନେଲ୍ ସବୁ ଅବରୋଧ ହୋଇଯାଉଛି। ଯାହାଦ୍ୱାରା ଫିମରହେଡ୍‌ରେ ଥିବା କୋଷିକାଗୁଡ଼ିକର ମୃତ୍ୟୁ ଘଟୁଛି। ଫଳରେ ବଲ୍‌ଟିର ଆକାର ବଦଳି ଏହା ବାତ ରୋଗରେ ପରିଣତ ହୁଏ।

### ହିପ୍ ସର୍ଜରି ପରେ ପୂର୍ବଭଳି ଜୀବନ ବଞ୍ଚି ହୁଏ କି ?

ଯନ୍ତ୍ରଣାହୀନ ଜୀବନ ପାଇଁ ଏହି ସର୍ଜରି କରାଯାଏ। ସର୍ଜରି ପରେ ରୋଗୀ ଶଯ୍ୟାଶାୟୀ ନ ରହି ନିଜେ ଚାଲେ, ନିଜ କାମ ନିଜେ କରିପାରେ ଓ ସାମାଜିକ ଜୀବନ ବଞ୍ଚିପାରେ। ହିପ୍ ପ୍ରତିରୋପଣ କଲେ ଅତି କମ୍‌ରେ ୨୫ ବର୍ଷ ଯାଏ ପୁନଃ ସର୍ଜରି ଆବଶ୍ୟକ ପଡ଼େ ନାହିଁ।

### ହିପ୍ ପ୍ରତିରୋପଣ ଭାରତକୁ କେବେ ଆସିଲା ଓ ଏବେକା ସ୍ଥିତି କ'ଣ?

ଭୁବନେଶ୍ୱରରେ ପ୍ରତିଦିନ ଗୋଟିଏରୁ ଦୁଇଟି ହିପ୍ ପ୍ରତିରୋପଣ ହେଉଛି। ଏହି ସର୍ଜରି ଏବେ ଖୁବ୍ ସାଧାରଣ ହୋଇଗଲାଣି। ଭାରତକୁ ଏହି ସର୍ଜରି ୧୯୮୪ ମସିହାରୁ ଆସିଗଲାଣି। ୨୦୦୫ ମସିହାରୁ ଏହା ବହୁ ପ୍ରଚଳିତ ହେଲାଣି। ୫ ଲକ୍ଷ ଟଙ୍କା ଭିତରେ ଏହି ସର୍ଜରି ଏବେ ହୋଇପାରୁଛି।

## ସ୍ୱାସ୍ଥ୍ୟ ପାଇଁ ଲାଭଦାୟକ ମେଥି

ଆମ ରୋଷେଇ ଘରେ ଅନେକ ପ୍ରକାର ମସଲା ମିଳେ । ଯାହା କେବଳ ଖାଦ୍ୟର ସ୍ୱାଦ ବଢାଏନି, ବରଂ ଆମ ଶରୀରରୁ ଅନେକ ରୋଗ ବି ଦୂର କରେ । ସେଥିମଧ୍ୟରୁ ଅନ୍ୟତମ ମେଥି । ପାଟିକୁ ପିତା ଲାଗୁଥିଲେ ବି ଦେହ ପାଇଁ ହିତକର ହୋଇଥାଏ । ମେଥିରେ ମ୍ୟାଗ୍ନେସିୟମ, ଆଇରନ, ଫରଫରସ୍, ଫଲିକ ଏସିଡ, ଭିଟାମିନ ଏ ଓ ବି ପ୍ରଚୁର ପରିମାଣରେ ଥାଏ । ଏହା ମଧୁମେହ ବା ଡାଇବେଟିସ୍ ରୋଗୀଙ୍କ ପାଇଁ ରାମବାଣ ଭଳି କାମ କରେ । ପ୍ରତିଦିନ ମେଥି ସେବନ ଦ୍ୱାରା ବ୍ଲଡସୁଗାର ନିୟନ୍ତ୍ରଣ ରହିବା ସହ କେଶକୁ ମଜଭୁତ କରିବାରେ ବି ସାହାଯ୍ୟ କରେ । ସେହିପରି ମେଥି ପାଚନ କ୍ରିୟା ଠିକ୍ ରଖେ । ମେଥି ଦାନା ଶରୀରରେ ବିଷାକ୍ତ ପଦାର୍ଥକୁ ବାହାର କରିବାରେ ସହାୟକ ହୁଏ, ଯଦ୍ୱାରା କିଡନୀ ସୁସ୍ଥ ରହେ । ହାଇ ବ୍ଲଡପ୍ରେସର: ଯେଉଁ ଲୋକମାନେ ଉଚ୍ଚ ରକ୍ତଚାପ ବା ହାଇ ବ୍ଲଡପ୍ରେସର ପୀଡିତ, ସେମାନଙ୍କ ପାଇଁ ମେଥି ବେଶ୍ ଲାଭଦାୟକ । ରାତିରେ ଶୋଇବା ପୂର୍ବରୁ ମେଥିକୁ ପାଣିରେ ଭିଜାଇ ସକାଳେ ଏହି ପାଣି ପିଇଲେ ଶରୀରରେ ରକ୍ତ ସଞ୍ଚାଳନ ବଢେ ଏବଂ ରକ୍ତଚାପ ଠିକ୍ ରହେ । କୋଲେଷ୍ଟ୍ରୋଲ ନିୟନ୍ତ୍ରଣ:କୋଲେଷ୍ଟ୍ରୋଲ ନିୟନ୍ତ୍ରଣ କରିବାକୁ ଚାହୁଁଥିଲେ ସବୁଦିନ ମେଥି ଦାନା ସେବନ କରିବା ଭଲ । ଏଥିରେ ନାରିଂନିନ ନାମକ ଏକ ଫ୍ଲାଭୋନାଏଡ ରହିଛି ଯାହା ରକ୍ତରେ ଲିପିଡ ସ୍ତର କମ୍ କରେ । ଏହାବ୍ୟତୀତ ମେଥିରେ ପ୍ରଚୁର ଆଣ୍ଟିଅକ୍ସିଡାଣ୍ଟ ମିଳେ । ମଧୁମେହ ନିୟନ୍ତ୍ରଣ: ମଧୁମେହ ରୋଗୀଙ୍କୁ ସକାଳେ ସନ୍ଧ୍ୟାରେ ମେଥି ରସ ପିଇବାକୁ ପରାମର୍ଶ ଦିଆଯାଏ । ଏଥିରେ ଥିବା ଫାଇବର ରକ୍ତରେ ଶର୍କରା ସ୍ତର ନିୟନ୍ତ୍ରିତ କରେ ଓ ଟାଇପ-୨ ମଧୁମେହ ରୋଗୀଙ୍କ ଇନସୁଲିନ ପ୍ରତିରୋଧ କମ୍ କରିବାରେ ସାହାଯ୍ୟ କରେ । ନ୍ୟାସନାଲ ଲାଇବ୍ରେରୀ ଅଫ କଂଗ୍ରେସ ଦ୍ୱାରା ପ୍ରକାଶିତ ଜର୍ନାଲ ଅଫ ଡାଇବେଟିସ ଆଣ୍ଡ ମେଟାବୋଲିକ ଡିସଅର୍ଡରର ଏକ ଅଧ୍ୟୟନରେ ପ୍ରମାଣିତ ହୋଇଛି ଯେ, ପ୍ରତିଦିନ ମେଥି ପାଣି ପିଇବା ଦ୍ୱାରା ମଧୁମେହ ନିୟନ୍ତ୍ରଣ ରହେ । ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି: ମେଥିରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଶରୀରରେ ରୋଗ ପ୍ରତିରୋଧକ କ୍ଷମତା ବୃଦ୍ଧି କରିବାରେ ସାହାଯ୍ୟ କରେ । ଓଜନ ହ୍ରାସ:ପାଣିରେ ଭିଜା ହୋଇଥିବା ମେଥି ସେବନ କଲେ ଓଜନ ହ୍ରାସ ପାଏ । ରାତିରେ ମେଥି ପାଣିରେ ଭିଜାଇ ସକାଳେ ଏହି ପାଣି ପିଇଲେ ଓ ଦାନା ଚୋବାଇ ଖାଇଲେ ଓଜନ କମିବା ସହ ମୌସୁମୀ ଜନିତ ରୋଗ ଆଶଙ୍କା କମିଥାଏ । ହାଡ ପାଇଁ ଭଲ:ମେଥିରେ ଆଇରନ, କ୍ୟାଲେସିୟମ, ଫସଫରସ୍ ପ୍ରଚୁର ମାତ୍ରାରେ ରହିଥିବାରୁ ଏହା ହାଡକୁ ପୋଷଣ ଯୋଗାଏ । ସେହିପରି ଅର୍ଥ୍ରାଇଟିସ ସମସ୍ୟା ପାଇଁ ଏହା ରାମବାଣ ଭଳି କାମ କରେ ।

## କ୍ରମାଗତ ଭାବରେ ଇନସୁଲିନ୍ ନେଉଥିଲେ ସାବଧାନ

ଇନସୁଲିନ୍ ହେଉଛି ଏକ ପ୍ରକାର ହରମୋନ୍ । ଏହାକୁ ଆମ ଶରୀର ପ୍ରାକୃତିକ ଭାବରେ ଉତ୍ପାଦନ କରିଥାଏ । ଇନସୁଲିନ୍ ରକ୍ତରେ ଗ୍ଲୁକୋଜର ସ୍ତରକୁ ନିୟନ୍ତ୍ରଣ କରିଥାଏ । ମଧୁମେହ ରୋଗୀଙ୍କଠାରେ ଇନସୁଲିନ୍ ସ୍ୱାଭାବିକ ଭାବରେ କମ୍ ରହିଥାଏ । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ, ଯେତେବେଳେ ଆପଣଙ୍କ ଶରୀରରେ ଇନସୁଲିନ୍ ସଠିକ୍ ଭାବରେ ଉତ୍ପନ୍ନ ହୁଏ ନାହିଁ, ସେତେବେଳେ ଆପଣ ମଧୁମେହ ରୋଗର ଶିକାର ହୋଇଥାନ୍ତି । ଇନସୁଲିନ୍ ହେଉଛି ଏକ ହରମୋନ୍ ଯାହା ରକ୍ତରେ ଶର୍କରାର ସ୍ତରକୁ ନିୟନ୍ତ୍ରଣ କରିଥାଏ । ମଧୁମେହ ରୋଗୀମାନେ ଏହା ଦ୍ୱାରା ଚିକିତ୍ସିତ ହୋଇଥାନ୍ତି । ଅଗ୍ନାଶୟ ଦ୍ୱାରା ଇନସୁଲିନ୍ ଉତ୍ପନ୍ନ ହୁଏ ଏବଂ ରକ୍ତରୁ ଗ୍ଲୁକୋଜକୁ କୋଷକୁ ଯିବାରେ ସାହାଯ୍ୟ କରେ, ଯେଉଁଠାରେ ଏହା ଶକ୍ତି ପାଇଁ ବ୍ୟବହୃତ ହୋଇଥାଏ । ଏହା ବ୍ୟତୀତ ଇନସୁଲିନ୍ ଶରୀରର ପ୍ରତ୍ୟେକ ରକ୍ତ କଣିକାକୁ ରକ୍ତ ପହଞ୍ଚାଇବା ପାଇଁ ମଧ୍ୟ ସହାୟକ ହୋଇଥାଏ । ଯଦି ଏହି ପ୍ରକ୍ରିୟାରେ କୌଣସି ଅସୁବିଧା ଥାଏ ତେବେ ଆପଣ କ୍ଳାନ୍ତ ଅନୁଭବ କରିବା ଆରମ୍ଭ କରନ୍ତି ।
ଟାଇପ୍ ୧ ଏବଂ ବେଳେବେଳେ ଟାଇପ୍ ୨ ଡାଇବେଟିସ୍ ଚିକିତ୍ସା ପାଇଁ ଇନସୁଲିନ୍ ବ୍ୟବହୃତ ହୁଏ । ଟାଇପ୍ -୧ ଡାଇବେଟିସ୍ ଥିବା ବ୍ୟକ୍ତିମାନେ ବଞ୍ଚିବା ପାଇଁ ଇନସୁଲିନ୍ ଇଞ୍ଜେକ୍ସନର ଆବଶ୍ୟକ କରନ୍ତି । ବାରମ୍ବାର ସମାନ ସ୍ଥାନରେ ଇନସୁଲିନ୍ ଇଞ୍ଜେକ୍ସନ ନେବା ଦ୍ୱାରା ଚର୍ମର ଘନତା ପରିବର୍ତ୍ତନ ହୋଇପାରେ ।

## ଅଧିକାଂଶ ୨୪ରୁ ୨୬ ବର୍ଷ ବୟସର ୟୁପିଏସସି ପରୀକ୍ଷା ପାସ୍ କରୁଛନ୍ତି

ଆଇଏଏସ , ଆଇପିଏସ୍ ବା ଅନ୍ୟ ଉଚ୍ଚ ପଦର ସରକାରୀ ଚାକିରି ପାଇବାକୁ ସବୁ ପ୍ରାର୍ଥୀଙ୍କର ସ୍ୱପ୍ନ ରହିଥାଏ। କିଛି ଲୋକ ଏଥିପାଇଁ ଦ୍ୱାଦଶ ଶ୍ରେଣୀ ପରେ ପ୍ରସ୍ତୁତି ଆରମ୍ଭ କରୁଥିବା ବେଳେ ଆଉ କିଛି ଲୋକ ନିଜେ କରୁଥିବା ଚାକିରି ଛାଡ଼ି ଆଇଏଏସ୍ ହେବାକୁ ସ୍ୱପ୍ନ ଦେଖିଥାନ୍ତି। ଆଉ ଏଥିରେ ପ୍ରସ୍ତୁତି ଆରମ୍ଭ କରନ୍ତି। ଲକ୍ଷ ଲକ୍ଷ ପ୍ରାର୍ଥୀଙ୍କୁ ମଧ୍ୟରୁ କେବଳ କିଛି ହିଁ ପ୍ରାର୍ଥୀ ଏହି କଠିନ ପରୀକ୍ଷାର ୩ଟି ପର୍ଯ୍ୟାୟକୁ ଅତିକ୍ରମ କରି ପାରନ୍ତି। ୟୁପିଏସସିର ବାର୍ଷିକ ରିପୋର୍ଟ ୨୦୨୨-୨୩ ମୁତାବିକ, କେନ୍ଦ୍ର ଲୋକ ସେବା ଆୟୋଗର ସିଭିଲ ସେବା ପରୀକ୍ଷାର ପ୍ରଥମ ପ୍ରୟାସରେ କେବଳ ୮ ପ୍ରତିଶତ ପ୍ରାର୍ଥୀ ହିଁ ପାସ୍ ହୋଇଥାନ୍ତି। ଅନ୍ୟ ପ୍ରାର୍ଥୀ ପରୀକ୍ଷା ପରେ ଆଗାମୀ ପ୍ରୟାସର ପ୍ରସ୍ତୁତିରେ ଲାଗି ପଡ଼ନ୍ତି, ନୁହେଁତ ପରୀକ୍ଷା ଛାଡ଼ି ଦିଅନ୍ତି। ଏହା ବ୍ୟତୀତ ଏହି ୟୁପିଏସସି ପରୀକ୍ଷା ପାସ୍ କରୁଥିବା ଅଧିକାଂଶ ପ୍ରାର୍ଥୀଙ୍କର ବୟସ ୨୪ରୁ ୨୬ ବର୍ଷ ମଧ୍ୟରେ ହୋଇଥାଏ। ଏହି ବୟସର ପ୍ରାର୍ଥୀଙ୍କ ମଧ୍ୟରେ ପୁରୁଷଙ୍କର ସଫଳତା ହାର ୨୯.୪ ପ୍ରତିଶତ ଓ ମହିଳାଙ୍କ ହାର ୩୩.୩ ପ୍ରତିଶତ ରହିଛି। ୨୦୨୧ ମସିହାରେ ସାଧାରଣ ଶ୍ରେଣୀରୁ ଆସିଥିବା ୬୬୮ ପ୍ରାର୍ଥୀ ସିଭିଲ ସେବା ମୁଖ୍ୟ ପରୀକ୍ଷା ଦେଇଥିଲେ, ଏଥିରେ ୨୯୦ଜଣ ପ୍ରାର୍ଥୀ ପାସ୍ ହୋଇଥିଲେ। ସାଧାରଣ ବର୍ଗରେ ପରୀକ୍ଷା ଦେଇଥିବା ମୋଟ୍ ପ୍ରାର୍ଥୀଙ୍କ ମଧ୍ୟରେ ପୁରୁଷ ୪୦.୨୯ପ୍ରତିଶତ ଓ ମହିଳା ପ୍ରାର୍ଥୀ ୫୩.୪୩ ପ୍ରତିଶତ ସଫଳ ହୋଇଛନ୍ତି। ଅନ୍ୟପଟେ, ୩୦ବର୍ଷ ବା ଏହା ଠାରୁ ଅଧିକ ବୟସର ପ୍ରାର୍ଥୀ ୧୪.୬ ପ୍ରତିଶତ ପୁରୁଷ ହିଁ ପରୀକ୍ଷାରେ ପାସ୍ କରି ପାରନ୍ତି ଏବଂ ୧୨.୪ ପ୍ରତିଶତ ମହିଳା ୟୁପିଏସସି କ୍ଲିୟର କରି ପାରନ୍ତି। ଏହାସହ ୟୁପିଏସସିର ରିପୋର୍ଟରେ କୁହାଯାଇଛି ଯେ, ଯେଉଁ ପ୍ରାର୍ଥୀ ୩ୟ ଥର ଉକ୍ତ ପରୀକ୍ଷାରେ ସାମିଲ ହୋଇଥାନ୍ତି, ସେହି ପ୍ରାର୍ଥୀଙ୍କର ସଫଳତା ହାର ସବୁଠୁ ଅଧିକ ହୋଇଥାଏ। ଏହି ପ୍ରାର୍ଥୀ ସିଭିଲ ସେବାର ଉଭୟ ପର୍ଯ୍ୟାୟର ପରୀକ୍ଷାରେ ସବୁଠୁ ଭଲ ପ୍ରଦର୍ଶନ କରିଥାନ୍ତି।

## କ୍ୟାଲସିୟମ୍ ସପ୍ଲିମେଣ୍ଟ ଗ୍ରହଣ ଦ୍ୱାରା ହୃଦଘାତ ହେବାର ଆଶଙ୍କା

ଆଜିର ଏହି ବ୍ୟସ୍ତ ବହୁଳ ଜୀବନରେ ଆମେ ସମସ୍ତେ ନିଜ ଶରୀରକୁ ଅବେହେଳା କରୁଛେ । ସଠିକ ଭାବରେ ଶରୀରର ଯତ୍ନ ମଧ୍ୟ ନେଉନେ । ଫଳରେ ଶରୀରରେ କ୍ୟାଲସିୟମର ଅଭାବ ଦେଖା ଦେଉଛି । ଏଭଳି ସ୍ଥିତିରେ ହାଡ଼ ଟାଣ ହେବା ପରିବର୍ତ୍ତେ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଏକ ଗ୍ଲାସ୍ କ୍ଷୀର ଠାରୁ ମୁଠାଏ ମଖାନା ପର୍ଯ୍ୟନ୍ତ, ଆମ ଶରୀରକୁ କ୍ୟାଲସିୟମ୍ ଯୋଗାଇବାର ଅନେକ ଉପାୟ ଅଛି । ଏହା ଆମ ହାଡକୁ ସୁସ୍ଥ ରଖିବା ପାଇଁ ଏକ ଜରୁରୀ ଖଣିଜ । ହାଡର ସ୍ୱାସ୍ଥ୍ୟ,ମାଂସପେଶୀ ଏବଂ ସ୍ନାୟୁ ପାଇଁ ତଥା ବିଭିନ୍ନ ଶାରିରିକ କାର୍ଯ୍ୟ ପାଇଁ କ୍ୟାଲସିୟମ ବେଶ୍ ଜରୁରୀ ଅଟେ । ଅଷ୍ଟିଓପୋରୋସିସକୁ ରୋକିବା ଏବଂ ଶକ୍ତିଶାଳୀ ହାଡକୁ ବଜାୟ ରଖିବାରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଭାବରେ କାମ କରିଥାଏ । କିନ୍ତୁ ଏହାର ବିକଳ୍ପରେ ଅନେକ ଲୋକ କ୍ୟାଲସିୟମ ସପ୍ଲିମେଣ୍ଟ ଆକାରରେ ଟାବଲେଟ ଗ୍ରହଣ କରୁଛନ୍ତି । ଏକ ଅନୁସନ୍ଧାନରେ କ୍ୟାଲସିୟମ ସପ୍ଲିମେଣ୍ଟଗୁଡିକର ନିରାପତ୍ତାକୁ ନେଇ ବିଶେଷ ବିତର୍କ ସୃଷ୍ଟି ହୋଇଛି । ବିଶେଷକରି ହୃଦଘାତର ବିପଦ ସହିତ ରହିଥିବା କନେକ୍ସନ ବିଷୟରେ ଆଲୋଚନା ହୋଇଛି । ମାନବ ଶରୀରରେ କ୍ୟାଲସିୟମ ହେଉଛି ପ୍ରଚୁର ପରିମାଣର ଖଣିଜ ପଦାର୍ଥ ପ୍ରାୟ ୯୯% ହାଡ ଏବଂ ଦାନ୍ତରେ ଗଚ୍ଛିତ ହୋଇ ରହିଥାଏ । ଏହା ଅସ୍ଥି ଗଠନ ଏବଂ ରକ୍ଷଣାବେକ୍ଷଣରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ଏହା ଅଷ୍ଟିଓପୋରୋସିସ୍ ପରି ଅବସ୍ଥାକୁ ରୋକିବାରେ ସାହାଯ୍ୟ କରିଥାଏ । ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟଗୁଡ଼ିକ ହେତୁ ସ୍ୱାସ୍ଥ୍ୟ ପାଇଁ ପର୍ଯ୍ୟାପ୍ତ ପରିମାଣର କ୍ୟାଲସିୟମ ସ୍ତର ବଜାୟ ରଖିବା ଜରୁରୀ । ଏକ ରିସର୍ଚ୍ଚରୁ ଜଣାପଡିଛି ଯେ ଅଧିକ ମାତ୍ରାରେ କ୍ୟାଲସିୟମ୍ ସପ୍ଲିମେଣ୍ଟ ଗ୍ରହଣ କଲେ ହୃଦଘାତ ହେବାର ଆଶଙ୍କା ବଢ଼ିପାରେ। କ୍ୟାଲସିୟମ ସପ୍ଲିମେଣ୍ଟ ଗ୍ରହଣ କରୁଥିବା ବ୍ୟକ୍ତିଙ୍କର ସାଧାରଣ ବ୍ୟକ୍ତିଙ୍କ ତୁଳନାରେ ହୃଦ୍‌ଘାତ ଆଶଙ୍କା ଅଧିକ ଥାଏ ।

## ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଶାରୀରିକ ପରିଶ୍ରମ, ବ୍ୟାୟାମ, ଯୋଗ କରିବା ଆବଶ୍ୟକ

ଆଜିକାଲି ମୋଟାପଣ ମୁଖ୍ୟ ସମସ୍ୟା ପାଲଟିଛି । ସୁସ୍ଥ ଶରୀର ଓ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସମସ୍ତେ ପୋଷଣ ଯୁକ୍ତ ଖାଦ୍ୟ ଖାଇବା ସହ ଶାରିରୀକ ପରିଶ୍ରମ, ବ୍ୟାୟାମ, ଯୋଗ କରିବା ଆବଶ୍ୟକ । ମାତ୍ର ସମୟ ଅଭାବରୁ ଲୋକମାନେ ଯଥେଷ୍ଟ ଶାରିରୀକ ପରିଶ୍ରମ କରୁନଥିବା ବେଳେ ଜଙ୍କଫୁଡ୍ ଭଳି ଅସନ୍ତୁଳିତ ଖାଦ୍ୟ ଗ୍ରହଣ କରୁଛନ୍ତି । ଯେଉଁଥିପାଇଁ ପିଲାଠୁ ବୁଢା ସମସ୍ତେ ମୋଟାପଣର ଶିକାର ହୁଅନ୍ତି । ଯଦି ଆପଣ ସୁସ୍ଥ ଶରୀର ଚାହୁଁଛନ୍ତି, ତାହେଲେ କିଛି ଟିପ୍ସ ଆପଣାଇ ସହଜରେ ଏହା କରିପାରିବେ । ପୋଷଣ ଯୁକ୍ତ ଖାଦ୍ୟ ଖାଆନ୍ତୁ: ଫିଟ୍ ରହିବା ପାଇଁ ଶରୀରକୁ ଉପଯୁକ୍ତ ପୋଷଣ ମିଳିବା ଆବଶ୍ୟକ । ତେଣୁ ନିଜର ଖାଦ୍ୟ ଥାଳିରେ ପାଳଙ୍ଗ, ଟମାଟୋ, କନ୍ଦମୂଳ, ଲିଫ୍ କ୍ୟାବେଜ ଭଳି ବିଭିନ୍ନ ରଙ୍ଗୀନ ପରିବା ସହ ଅଣ୍ଡା, ମାଛ ଓ ଶସ୍ୟ ଜାତୀୟ ଖାଦ୍ୟ ସାମିଲ କରନ୍ତୁ । ଅଧା ପେଟ ଖାଆନ୍ତୁ: ଯଦି ବାହାର ଭୋଜନ କରୁଛନ୍ତି, ତାହେଲେ ପେଟ ଫୁଲ୍ ହେବା ଯାଏ ଖାଆନ୍ତୁ ନାହିଁ । ସବୁବେଳେ ଅଧା ପେଟ ଭୋଜନ କରନ୍ତୁ । ସେହିପରି ଯଥେଷ୍ଟ ନିଦ ଶୋଇବାକୁ ଚେଷ୍ଟା କରନ୍ତୁ । ଶାରିରୀକ ପରିଶ୍ରମ କରନ୍ତୁ: ସପ୍ତାହରେ ଅତି କମରେ ୧୫୦ ମିନିଟ୍ ବିଭିନ୍ନ ଶାରିରୀକ ଗତିବିଧି ଯେମିତିକ, ସାଇକେଲ ଚଳାଇବା, ଦୌଡିବା ପାଇଁ ଚେଷ୍ଟା କରନ୍ତୁ । ବାହାରେ ବୁଲାବୁଲି କରନ୍ତୁ: ସବୁବେଳେ ନିଜ ଶରୀରକୁ ସକ୍ରିୟ ରଖିବା ଉଚିତ୍ । ଏଥିପାଇଁ ଆପଣ ପ୍ରତିଦିନ ପାର୍କରେ ଚଲାବୁଲା କରିପାରିବେ । ଅଥବା ନିଜ ପରିବାର, ପଡୋଶୀ ଓ ସାଙ୍ଗମାନଙ୍କ ବାହାରେ ବୁଲାବୁଲି କରିପାରିବେ । ଯଦି ଆପଣଙ୍କ ପାଖରେ ସମୟ କମ୍ ଥାଏ, ତାହେଲେ ଦିନକୁ ଦୁଇ ଥର ଅଳ୍ପ ସମୟ ବାହାର କରି ବ୍ୟାୟାମ କରନ୍ତୁ ।ଏହିସବୁ ଅଭ୍ୟାସକୁ ଆପଣାଇ ଆପଣ ନିଜର ଓଜନ ନିୟନ୍ତ୍ରଣ କରିପାରିବେ ଓ ଫିଟ୍ ରହିପାରିବେ ।

## ଭାରତରେ ୪.୯% ଶିଶୁ-କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ

ଏକ ସର୍ଭେ ରିପୋର୍ଟ ଅନୁଯାୟୀ, ଭାରତରେ ପ୍ରାୟ ୪.୯% ଶିଶୁ ଓ କିଶୋର କିଡ୍‌ନି ସମସ୍ୟାରେ ପୀଡ଼ିତ। ଅଖିଳ ଭାରତୀୟ ଆୟୁର୍ବିଜ୍ଞାନ ପ୍ରତିଷ୍ଠାନ- ଭଟିଣ୍ଡା ଓ ବିଜୟପୁର ଏବଂ ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍ ଗ୍ଲୋବାଲ ହେଲ୍ଥ ଇଣ୍ଡିଆର ଗବେଷକଙ୍କ ଦ୍ୱାରା ୨୦୧୬ରୁ ୨୦୧୮ ମଧ୍ୟରେ ୫ରୁ ୧୯ ବର୍ଷ ବୟସର ୨୪,୬୯୦ ଶିଶୁ ଓ କିଶୋରଙ୍କୁ ନେଇ ଏହି ନୂତନ ଅଧ୍ୟୟନ କରାଯାଇଥିଲା, ଯାହା ବ୍ୟାପକ ଜାତୀୟ ପୋଷଣ ସର୍ବେକ୍ଷଣ (ସିଏନ୍‌ଏନ୍‌ଏସ୍) ଉପରେ ଆଧାରିତ ଥିଲା। ଫଳାଫଳରୁ ଜଣାପଡିଛି ଯେ ୪.୯% (ପ୍ରତି ୧୦୦ରେ ପ୍ରାୟ ୫ ଜଣ ବା ପ୍ରତି ହଜାରରେ ୪୯ ଜଣ) ଶିଶୁ ଓ କିଶୋର ଦୁରାରୋଗ୍ୟ କିଡ୍‌ନି ସମସ୍ୟାରେ ପୀଡ଼ିତ। ବୟସ, ଗ୍ରାମୀଣ ବାସସ୍ଥାନ, ମାତାଙ୍କ ଶିକ୍ଷାର ଅଭାବ ଓ ପୁଷ୍ଟିହୀନତା ଏହାର ପ୍ରମୁଖ କାରଣ ମଧ୍ୟରୁ ଅନ୍ୟତମ। ଶିଶୁ ସ୍ୱାସ୍ଥ୍ୟ ଫଳାଫଳରେ ଉନ୍ନତି ଆଣିବା ପାଇଁ ଏସବୁ ବିଷୟର ସମାଧାନ କରିବା ଜରୁରୀ ବୋଲି ଜର୍ଜ ଇନଷ୍ଟିଚ୍ୟୁଟ୍ ଫର୍



ଗ୍ଲୋବାଲ ହେଲ୍ଥ, ଇଣ୍ଡିଆର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ବିବେକାନନ୍ଦ ଝା ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି।
ଏହି କିଡ୍‌ନି ସମସ୍ୟା ବିଶେଷ କରି ପୁଅପିଲାଙ୍କଠାରେ ଓ ଗ୍ରାମାଞ୍ଚଳରେ ଅଧିକ ଦେଖିବାକୁ ମିଳିଥିଲା। ସେହିପରି ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନା ଓ ପଶ୍ଚିମବଙ୍ଗରେ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ତାମିଲନାଡୁ, ଛତିଶଗଡ଼, ରାଜସ୍ଥାନ ଓ କେରଳରେ ଏହା ସର୍ବନିମ୍ନ ରହିଛି। ବିବେକାନନ୍ଦ ଝା ଉଲ୍ଲେଖ କରିଛନ୍ତି ଯେ ଏହି ସ୍ୱାସ୍ଥ୍ୟ ସମସ୍ୟାର ସମାଧାନ ପାଇଁ ସ୍ୱତନ୍ତ୍ର ନୀତି ଆବଶ୍ୟକ। ଜାତୀୟ ସ୍ୱାସ୍ଥ୍ୟରେ ଶିଶୁ କିଡ୍‌ନି ସ୍ୱାସ୍ଥ୍ୟକୁ ପ୍ରାଥମିକତା ଦେବାର ସମୟ ଆସିଛି ବୋଲି ଝା କହିଛନ୍ତି।

## ଏସିଆ କପ୍ ପାଇଁ ଘୋଷଣା ହେଲା ଭାରତୀୟ ସ୍କ୍ୱାଡ୍

# ସୂର୍ଯ୍ୟକୁମାର ଯାଦବ ଅଧିନାୟକ, ଶୁବମନ ଗିଲ୍ ଉପ ଅଧିନାୟକ

**ନୂଆଦିଲ୍ଲୀ**

ଭାରତୀୟ ଟେଷ୍ଟ ଟିମ୍‌ର ଅଧିନାୟକ ଶୁବମନ ଗିଲ୍‌ଙ୍କୁ ମିଳିଛି ଆଉ ଗୋଟିଏ ବଡ଼ ଦାୟିତ୍ୱ। ତାଙ୍କୁ ଭାରତୀୟ ଟି-୨୦ ଟିମ୍‌ର ଉପ ଅଧିନାୟକ ଭାବେ ନିଯୁକ୍ତି ମିଳିଛି। ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଏସିଆ କପ ପାଇଁ ମଙ୍ଗଳବାର ବିସିସିଆଇ ସ୍କ୍ୱାଡ୍ ଘୋଷଣା କରିଥିବା ବେଳେ ଗିଲ୍‌ଙ୍କୁ ଉପ ଅଧିନାୟକ କରାଯାଇଛି।

ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱାଧୀନ ଏସିଆ କପ୍ ସ୍କ୍ୱାଡ୍‌ରେ ସ୍ପିଡ୍‌ଷ୍ଟାର ଯଶପ୍ରୀତ ବୁମ୍‌ରା ବି ରହିଛନ୍ତି। ଆହତ ସମସ୍ୟା ଓ ୱାର୍କଲୋଡ ମ୍ୟାନେଜମେଣ୍ଟ ଯୋଗୁ ୧୫ ଜଣିଆ ସ୍କ୍ୱାଡ୍‌ରୁ ବୁମ୍‌ରା ବାଦ୍ ପଡ଼ିବେ ବୋଲି କୁହାଯାଉଥିଲେ। ହେଲେ ତାଙ୍କୁ ଏସିଆ କପ ଦଳରେ ରଖାଯାଇଛି।

ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଓ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ମିଳିତ ଭାବେ ମଙ୍ଗଳବାର ସ୍କ୍ୱାଡ୍ ଘୋଷଣା କରିଥିବା ବେଳେ ଏଥିରୁ ବିସ୍ଫୋରକ ବ୍ୟାଟର ଋଷଭ ପନ୍ତ, ଅଭିଜ୍ଞ କେଏଲ ରାହୁଲ ଓ ଟେଷ୍ଟ ସିରିଜ୍‌ରେ କମାଲ କରିଥିବା ମହମ୍ମଦ ସିରାଜ ବାଦ୍ ପଡ଼ିଛନ୍ତି। ସେହିପରି ଯଶସ୍ୱୀ ଜୈସ୍ୱାଲ ଓ ଶ୍ରେୟସ ଆୟରଙ୍କୁ ମଧ୍ୟ ଟି-୨୦ ଫର୍ମାଟରେ ଖେଳା ଯିବାକୁ ଥିବା ଏସିଆ କପ୍‌ରୁ ବାଦ୍ ଦିଆଯାଇଛି।

ଦଳରେ ସଞ୍ଜୁ ସାମସନ ଓ ଜିତେଶ ଶର୍ମାଙ୍କୁ ୱିକେଟ କିପର ଭାବେ ସ୍ଥାନ ପାଇଛନ୍ତି। ସେହିପରି ଅଲରାଉଣ୍ଡର ଭାବେ ହାର୍ଦ୍ଦିକ ପାଣ୍ଡ୍ୟା ଓ ଅକ୍ଷର ପଟେଲ ଦଳରେ ରହିଛନ୍ତି। ଅଭିଷେକ ଶର୍ମା, ଶିବମ ଦୁବେ, ତିଳକ ବର୍ମା ଓ ରିଙ୍କୁ ସିଂହ ନିଜ ସ୍ଥାନ ସୁରକ୍ଷିତ ରଖି ପାରିଛନ୍ତି।

ସ୍ପିଡ୍ ବୋଲିଂର କମାଣ ବୁମ୍‌ରାଙ୍କ ସହ ଅର୍ଶଦୀପ ସିଂହ ସମ୍ଭାଳିବେ। ତୃତୀୟ ଦ୍ରୁତ ବୋଲର ଭାବେ ସ୍କ୍ୱାଡ୍‌ରେ ହର୍ଷିତ ରାଣାଙ୍କୁ ରଖାଯାଇଛି। ସ୍ପିନ ବୋଲର ଭାବେ ଅକ୍ଷରଙ୍କ ସହ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ଚୟନ କରାଯାଇଛି।

ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ୧୪ ତାରିଖ (ରବିବାର)ରେ ଖେଳାଯିବ ଟୁର୍ଣ୍ଣାମେଣ୍ଟର ସବୁଠାରୁ ବଡ଼ ମୁକାବିଲା। ଏହି ମ୍ୟାଚ୍‌ରେ ଭାରତ ଓ ପାକିସ୍ତାନ ଲଢ଼େଇ ଦେଖିବାକୁ ମିଳିବ। ଆଇସିସି ଚାମ୍ପିୟନ୍ସ ଟ୍ରଫି ପରେ ଦୁଇ ଦେଶ ପରସ୍ପର ବିରୋଧରେ ମ୍ୟାଚ୍ ଖେଳିବାକୁ ଯାଉଛନ୍ତି। ସେହିପରି ପହଲଗାମ ନରସଂହାର ଓ ଅପରେସନ ସିନ୍ଦୂର ପରେ ଭାରତ-ପାକିସ୍ତାନ କୌଣସି କ୍ରିକେଟ ମ୍ୟାଚ୍ ଖେଳିବେ।



ଏସିଆ କପ୍ ସେପ୍ଟେମ୍ବର ୯ରୁ ଆରମ୍ଭ ହେଉଥିବା ବେଳେ ଫାଇନାଲ ସେପ୍ଟେମ୍ବର ୨୮ରେ ଖେଳାଯିବ। ପାକିସ୍ତାନକୁ ଭେଟିବା ପୂର୍ବରୁ ଭାରତ ନିଜର ପ୍ରଥମ ମ୍ୟାଚ୍ ୧୦ ତାରିଖରେ ୟୁଏଇ ବିରୋଧରେ ଖେଳି ନିଜର ଏସିଆ କପ୍ ଅଭିଯାନ ଆରମ୍ଭ କରିବ।

ସେହିପରି ୧୨ ତାରିଖରେ ଦୁବାଇ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଭାରତ ଓ ପାକିସ୍ତାନ ଲଢ଼େଇ କରିବେ। ଭାରତ ତା'ର ଶେଷ ଗ୍ରୁପ୍ ମ୍ୟାଚ୍ ୧୯ ତାରିଖରେ ଓମାନ ବିରୋଧରେ ଖେଳିବ। ଭାରତ, ପାକିସ୍ତାନ, ଓମାନ ଓ ୟୁଏଇ ଏସିଆ କପ୍‌ର ଗ୍ରୁପ୍ ଏରେ ରହିଛନ୍ତି।

ଗ୍ରୁପ ବି'ରେ ଶ୍ରୀଲଙ୍କା, ବାଂଲାଦେଶ, ଆଫଗାନିସ୍ତାନ ଓ ହଂକଂ ରହିଛନ୍ତି। ଗ୍ରୁପ ପର୍ଯ୍ୟାୟରେ ପ୍ରତିଟି ଦଳ ୩ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ପ୍ରତିଟି ଗ୍ରୁପରୁ ଶ୍ରେଷ୍ଠ ୨ଟି ଲେଖାଏ ଦଳ ପରବର୍ତ୍ତୀ ରାଉଣ୍ଡକୁ ଯିବେ। ସେଠାରେ ରାଉଣ୍ଡ ରବିନ ଫର୍ମାଟରେ ପ୍ରତି ଦଳ ପରସ୍ପର ସହ ୨ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଦଳ ମଧ୍ୟରେ ଟ୍ରଫି ଟକ୍କର ହେବ।

ଭାରତ ଏସିଆ କପ ଆୟୋଜନ କରୁଛି। କିନ୍ତୁ ଭାରତ ବଦଳରେ ଏସିଆ କପ ୨୦୨୫ ଟି-୨୦ ଫର୍ମାଟରେ ୟୁଏଇରେ ଖେଳାଯିବ। ଏସିଆ କପ ୨୦୨୫ର ସମସ୍ତ ମ୍ୟାଚ୍ ଦୁବାଇ ଓ ଅବୁଧାବିରେ ଖେଳାଯିବ। ଭାରତ ଯଦିଓ ଏସିଆ କପର ହୋଷ୍ଟ, କିନ୍ତୁ ମ୍ୟାଚ୍‌ଗୁଡ଼ିକ ବିସିସିଆଇ ନିରପେକ୍ଷ ଭେନ୍ୟୁରେ ଆୟୋଜନ କରିବ।

ଭାରତୀୟ ସ୍କ୍ୱାଡ୍ : ସୂର୍ଯ୍ୟ କୁମାର ଯାଦବ(ଅଧିନାୟକ), ଶୁବମନ ଗିଲ(ଉପ ଅଧିନାୟକ), ଅଭିଷେକ ଶର୍ମା, ତିଲକ ବର୍ମା, ହାର୍ଦ୍ଦିକ ପାଣ୍ଡ୍ୟା, ଶିବମ ଦୁବେ, ଅକ୍ଷର ପଟେଲ, ଜିତେଶ ଶର୍ମା, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂହ, ବରୁଣ ଚକ୍ରବର୍ତ୍ତୀ, କୁଲଦୀପ ଯାଦବ, ସଞ୍ଜୁ ସାମସନ, ହର୍ଷିତ ରାଣା ଓ ରିଙ୍କୁ ସିଂହ।

ଷ୍ଟାଣ୍ଡ ବାଇ: ପ୍ରସିଦ୍ଧ କ୍ରିଷ୍ଣା, ୱାଶିଂଟନ ସୁନ୍ଦର, ରିୟାନ ପରାଗ, ଧ୍ରୁବ ଜୁରେଲ ଓ ଯଶସ୍ୱୀ ଜୈସୱାଲ।

## ରାଷ୍ଟ୍ରପତିଙ୍କ ମଞ୍ଜୁରୀ : ଆଇନରେ ପରିଣତ ହେଲା ଜାତୀୟ କ୍ରୀଡ଼ା ଶାସନ ବିଲ୍



**ନୂଆଦିଲ୍ଲୀ**

ଭାରତୀୟ କ୍ରୀଡ଼ା ପ୍ରଶାସନରେ ସଂସ୍କାର ଆଣିବା ଉଦ୍ଦେଶ୍ୟ ସହିତ ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଶାସନ ବିଲ୍ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ମଞ୍ଜୁରୀ ପରେ ଆଇନରେ ପରିଣତ ହୋଇଛି। ରାଷ୍ଟ୍ରପତିଙ୍କ ଅନୁମୋଦନ ସୋମବାର ମିଳିଥିବା ନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଏକ ଗେଜେଟ ନୋଟିଫିକେସନ ଜରିଆରେ ସୂଚନା ଦିଆଯାଇଛି। ଗତ ଏକ ବର୍ଷ ଧରି ବିଭିନ୍ନ ଅଂଶୀଦାରଙ୍କ ସହ ଆଲୋଚନା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ଏହି କ୍ରୀଡ଼ା ବିଲ୍‌କୁ ଦୀର୍ଘ ଦଶନ୍ଧି ହେଲା ଅପେକ୍ଷା କରାଯାଉଥିଲା। ଗତ ଜୁଲାଇ ୨୩ରେ ଏହାକୁ ଲୋକ ସଭାରେ ଆଗତ କରାଯାଇଥିଲା। ଅଗଷ୍ଟ ୧୧ରେ ଲୋକ ସଭାରେ ଏହା ପାରିତ ହେବାର ଦିନକ ପରେ ବିସ୍ତୃତ ଆଲୋଚନା ମାଧ୍ୟମରେ ରାଜ୍ୟ ସଭାରେ ପାରିତ ହୋଇଥିଲା। ନୂଆ ଆଇନ କେବଳ ଶାସନ ଲାଗି ମାନଦଣ୍ଡ ଧାର୍ଯ୍ୟ କରୁନାହିଁ ବରଂ ତୁରନ୍ତ ବିବାଦର ସମାଧାନ ଲାଗି ଏକ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ ସହ ଜାତୀୟ ଫେଡେରେଶନର ନିର୍ବାଚନ ତଦାରଖ କରିବା ପାଇଁ ନ୍ୟାସନାଲ ସ୍ପୋର୍ଟସ ଇଲେକ୍ସନ ପ୍ୟାନେଲର ଗଠନକୁ ବାଧ୍ୟତାମୂଳକ କରାଯାଇଛି।

# ମହିଳା ବିଶ୍ୱକପ : ଭାରତୀୟ ଦଳକୁ ଫେରିଲେ ରେଣୁକା ସିଂହ

**ନୂଆଦିଲ୍ଲୀ**

ମହିଳା ଦିନିକିଆ କ୍ରିକେଟ ବିଶ୍ୱକପ ପାଇଁ ମଙ୍ଗଳବାର ଭାରତୀୟ ଦଳ ଘୋଷଣା କରାଯାଇଛି। ବିଶ୍ୱକପ ସହ ଅଷ୍ଟ୍ରେଲିଆ ବିପକ୍ଷ ୩ ଟିକିଆ ଦିନିକିଆ ସିରିଜ ପାଇଁ ମଧ୍ୟ ଭାରତୀୟ ମହିଳା ଦଳ ଘୋଷଣା ହୋଇଛି। ଦୀର୍ଘ ମାସ ପରେ ଭାରତୀୟ ଟିମକୁ ଦ୍ରୁତ ବୋଲର ରେଣୁକା ସିଂହ କମ୍‌ବ୍ୟାକ୍ କରିଛନ୍ତି।

ଆହତ ସମସ୍ୟା ଯୋଗୁ ଗତ ମାର୍ଚ୍ଚ ମାସରୁ ସେ ଭାରତୀୟ ଦଳରୁ ବାହାରେ ଥିଲେ। ଶେଷଥର ପାଇଁ ତାଙ୍କୁ ମହିଳା ପ୍ରିମିୟର ଲିଗ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପକ୍ଷରୁ ଖେଳୁଥିବା ଦେଖିବାକୁ ମିଳିଥିଲା। ଏବେ ସେ ଫିଟ୍ ହୋଇ ଯାଇଥିବାରୁ ବିଶ୍ୱକପ ଓ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସ୍କ୍ୱାଡ୍‌କୁ ଫେରିଛନ୍ତି।

ତେବେ ଓପନର ଶେଫାଳୀ ବର୍ମାଙ୍କୁ ବିଶ୍ୱକପ ସ୍କ୍ୱାଡ୍‌ରୁ ବାଦ୍ ଦିଆଯାଇଛି। ସେ ଶେଷ ଥର ପାଇଁ ଅକ୍ଟୋବର ମାସରେ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆରେ ନଜର ଆସିଥିଲେ। ବିଶ୍ୱକପରେ ଭାରତ ପାଇଁ ସ୍ମୃତି ମନ୍ଧାନା ଓ ପ୍ରତିକା ରାୱଲ ଓପନ କରିବେ। ବ୍ୟାକ୍ ଓପନର ଭାବେ ଯାସ୍ତିକା ଭାଟିଆଙ୍କୁ ରଖାଯାଇଛି।



ଅଷ୍ଟ୍ରେଲିଆ ବିପକ୍ଷ ସିରିଜରେ ଅଲରାଉଣ୍ଡର ଅମନଜୋତ କୌରଙ୍କୁ ବିଶ୍ରାମ ଦିଆଯାଇଛି। ସେ ବିଶ୍ୱକପ ସ୍କ୍ୱାଡ୍‌ରେ ରହିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ସ୍କ୍ୱାଡ୍‌ରେ ସାୟାଲି ସତଘାରେଙ୍କୁ ସୁଯୋଗ ଦିଆଯାଇଛି। ସେପ୍ଟେମ୍ବର ୩୦ରୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ମହିଳା ଦିନିକିଆ ବିଶ୍ୱକପ ଆୟୋଜନ କରିବେ। ଆଇସିସି ମହିଳା ଦିନିକିଆ ବିଶ୍ୱକପର ୧୩ତମ ସଂସ୍କରଣର ସେପ୍ଟେମ୍ବର ୩୦ରୁ ନଭେମ୍ବର ୨ ଯାଏ ବିଶ୍ୱକପ ଅନୁଷ୍ଠିତ ହେବ।

ପାକିସ୍ତାନ ମହିଳା ଟିମ୍ ବିଶ୍ୱକପ ଖେଳିବାକୁ ଭାରତ ଆସିବ ନାହିଁ। ତେଣୁ ପାକିସ୍ତାନ ତା'ର ମ୍ୟାଚ୍‌ଗୁଡ଼ିକ ଶ୍ରୀଲଙ୍କାରେ ଖେଳିବ। ପୁରୁଷ ଚାମ୍ପିୟନ୍ସ ଟ୍ରଫି ୨୦୨୫ ବେଳେ ଭାରତୀୟ ଟିମ୍ ପାକିସ୍ତାନ ଯିବାକୁ ମନା କରିଥିଲା। ତେଣୁ ଭାରତ ତା'ର ମ୍ୟାଚ୍‌ଗୁଡ଼ିକ ନିରପେକ୍ଷ ଭେନ୍ୟୁ ଦୁବାଇରେ ଖେଳିଥିଲା। ଏବେ ମହିଳା ଦିନିକିଆ ବିଶ୍ୱକପ ବେଳେ ପାକିସ୍ତାନ ମହିଳା ଟିମ୍ ଶ୍ରୀଲଙ୍କାରେ ତା'ର ସମସ୍ତ ମ୍ୟାଚ୍ ଖେଳିବ।

ଭାରତୀୟ ମହିଳା ଟିମ୍ ତା'ର ବିଶ୍ୱକପ ଅଭିଯାନ ଶ୍ରୀଲଙ୍କା ବିପକ୍ଷ ମ୍ୟାଚ୍‌ରୁ ଆରମ୍ଭ କରିବ। ସେପ୍ଟେମ୍ବର ୩୦ରେ ଦଳ ପ୍ରଥମ ମ୍ୟାଚ୍ ଖେଳିବାକୁ ଥିବା ବେଳେ ଅକ୍ଟୋବର ୫ରେ ପାକିସ୍ତାନକୁ ଭେଟିବ। ଏହି ମ୍ୟାଚ୍‌ଟି କଲମ୍ବୋରେ ଖେଳାଯିବ।

ବିଶ୍ୱକପ ପୂର୍ବରୁ ଭାରତୀୟ ଟିମ୍ ଅଷ୍ଟ୍ରେଲିଆ ବିପକ୍ଷରେ ୩ ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳିବ। ଏହି ମ୍ୟାଚ୍‌ଗୁଡ଼ିକ ସେପ୍ଟେମ୍ବର ୧୪, ୧୭ ଓ ୨୦ରେ ଅନୁଷ୍ଠିତ ହେବ। ପ୍ରଥମ ଦୁଇଟି ଦିନିକିଆ ମୁଲ୍ଲାନ ପୁରରେ ଖେଳାଯିବାକୁ ଥିବା ବେଳେ ଶେଷ ମ୍ୟାଚ୍‌ଟି ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଆୟୋଜନ ହେବ।

ମହିଳା ଦିନିକିଆ ବିଶ୍ୱକପ ସ୍କ୍ୱାଡ୍ : ହରମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧାନା (ଉପ ଅଧିନାୟକ), ପ୍ରତିକା ରାୱଲ, ହରଲୀନ ଦେଓ୍ୱଲ, ଦୀପ୍ତି ଶର୍ମା, ଜେମିମା ରୋଡ୍ରିଗ୍ସ, ରେଣୁକା ସିଂହ ଠାକୁର, ଅରୁନ୍ଧତି ରେଡ୍ଡୀ, ରିଚା ଘୋଷ (ୱିକେଟ କିପର), କ୍ରାନ୍ତି ଗୌଡ଼, ଅମନଜୋତ କୌର, ରାଧା ଯାଦବ, ଶ୍ରୀ ଚାରିଣୀ, ଯାସ୍ତିକା ଭାଟିଆ ଓ ସ୍ନେହ ରାଣା।

ମହିଳା ଦିନିକିଆ ବିଶ୍ୱକପରେ ମୋଟ ୮ଟି ଟିମ୍ ଭାଗ ନେବେ। ସେମାନେ ହେଲେ-ଭାରତ, ଅଷ୍ଟ୍ରେଲିଆ, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ଶ୍ରୀଲଙ୍କା, ବାଂଲାଦେଶ ଓ ପାକିସ୍ତାନ।

୨୦୨୨ରେ ନ୍ୟୁଜିଲାଣ୍ଡ ମହିଳା ଦିନିକିଆ ବିଶ୍ୱକପର ଆୟୋଜନ କରିଥିଲା। ଏହି ମେଗା ଇଭେଣ୍ଟର ଫାଇନାଲରେ ଇଂଲଣ୍ଡକୁ ହରାଇ ଅଷ୍ଟ୍ରେଲିଆ ଚାମ୍ପିଅନ ହୋଇଥିଲା। ଅଷ୍ଟ୍ରେଲିଆ ସର୍ବାଧିକ ୭ ଥର ମହିଳା ଦିନିକିଆ ବିଶ୍ୱକପ ଜିତିଛି।

## ପୂର୍ବାଞ୍ଚଳ ଦଲିପ ଟ୍ରଫି ଦଳରେ ଆଶୀର୍ବାଦ ସାମିଲ

**ଭୁବନେଶ୍ୱର**

ଓଡ଼ିଶାର ଉଇକେଟ୍‌କିପର-ବ୍ୟାଟ୍‌ସମ୍ୟାନ୍ ଆଶୀର୍ବାଦ ସ୍ୱାଇଁଙ୍କୁ ଦୁଲିପ ଟ୍ରଫି ୨୦୨୫-୨୬ରେ ଇଷ୍ଟ ଜୋନ୍ ଦଳରେ ଚୟନ କରାଯାଇଛି। ଇଷାନ କିଶନଙ୍କ ସ୍ଥାନରେ ତାଙ୍କୁ ଏହି ସୁଯୋଗ ମିଳିଛି। ସେ ସନ୍ଦୀପ ପଟ୍ଟନାୟକଙ୍କ ସହ ଦଳରେ ଯୋଗ ଦେଇଛନ୍ତି, ଅନ୍ୟପଟେ ସ୍ୱସ୍ତିକ ସାମାଲଙ୍କୁ ଷ୍ଟାଣ୍ଡବାଇ ରଖାଯାଇଛି।

୨୦୨୫-୨୬ର ଭାରତୀୟ ଘରୋଇ କ୍ରିକେଟ ଅଗଷ୍ଟ ଶେଷରେ ଦୁଲିପ ଟ୍ରଫିରୁ ଆରମ୍ଭ ହେବ, ଯାହା ଦୀର୍ଘ ଘରୋଇ ଟେଷ୍ଟ ପାଇଁ ପ୍ରସ୍ତୁତି ଭାବେ ଆୟୋଜିତ ହେବ। ଗତ ବର୍ଷ ଚାରି-ଦଳଗତ ପ୍ରଣାଳୀ ବଦଳରେ ଜୋନାଲ ପ୍ରଣାଳି ଫେରିଛି, ଯେଉଁଥିରେ ଗତ ୨୦୨୩ର ଅର୍ଦ୍ଧପ୍ରାକ୍‌କାଳୀନରେ ଦକ୍ଷିଣ ଜୋନ୍ ଓ ପଶ୍ଚିମ ଜୋନ୍ ସିଧାସଳଖ ଅର୍ଦ୍ଧପ୍ରାକ୍‌କାଳୀନରେ ଯୋଗ ଦେବେ।

ଇଷ୍ଟ ଜୋନ୍ ଦଳ : ଅଭିମନ୍ୟୁ ଈଶ୍ୱରଞ୍ଜନ, ସନ୍ଦୀପ ପଟ୍ଟନାୟକ, ଆଶୀର୍ବାଦ ସ୍ୱାଇଁ, ବିରାଟ ସିଂ, ଡିନିଶ ଦାସ, ଶ୍ରୀଦାମ ପାଉଲ, ଶରନଦୀପ ସିଂ, କୁମାର କୁଶଗ୍ର, ରିୟାନ ପରାଗ, ଉତ୍କର୍ଷ ସିଂ, ମନୀଷୀ, ସୁରଜ ସିନ୍ଧୁ ଜୟସ୍ୱାଲ, ମୁକେଶ କୁମାର, ଆକାଶ ଦୀପ, ମହମ୍ମଦ ଶାମୀ।

## ରୋଟାରୀ କ୍ଲବ କେନ୍ଦୁଝର ତରଫରୁ କାରାଗାର ଅନ୍ତେବାସୀଙ୍କୁ ଖେଳ ସାମଗ୍ରୀ ପ୍ରଦାନ

**କେନ୍ଦୁଝର, ନ୍ୟୁଜ୍**

ରୋଟାରୀ କ୍ଲବ କେନ୍ଦୁଝର ତରଫରୁ ଜିଲ୍ଲା କାରାଗାର ଅନ୍ତେବାସୀଙ୍କ ଅବସର ବିନୋଦନ ପାଇଁ ୩ଟି କ୍ୟାରମ ବୋର୍ଡ, ୪ଟି ଲୁଡୁ, ଗୋଟିଏ ଚେସ୍ ବୋର୍ଡ ପ୍ରଦାନ କରାଯାଇଥିଲା। ରୋଟାରୀ କ୍ଲବ କେନ୍ଦୁଝର ସଭାପତି ରୋଟାରିଆନ ହରିହର ମହାନ୍ତ, ସମ୍ପାଦକ ରୋଟାରିଆନ ବିଜୟ କୁମାର ବେହେରା, ସର୍ଭିସ୍ ପ୍ରୋଜେକ୍ଟ ଡାଇରେକ୍ଟର ରୋଟାରିଆନ ଡା. ସଞ୍ଜୀବ କୁମାର ଓତା, ରୋଟାରିଆନ ସଞ୍ଜୟ କୁମାର ମହାପାତ୍ର, ମହେଶ ଚାୱ୍‌ଡା, ପ୍ରଶାନ୍ତ କୁମାର ସ୍ୱାଇଁ, ବସନ୍ତ କୁମାର ଦାନୀ, ବିଭୂତି ଭୂଷଣ ସାହୁ, ଡ. ମାନସ ରଞ୍ଜନ ପଣ୍ଡାଙ୍କ ଉପସ୍ଥିତିରେ ଜିଲ୍ଲା କାରାଗାର ଅଧିକ୍ଷକ ଉପେନ୍ଦ୍ର କୁମାର ଜେନା, ଜେଲର ଅବନ୍ତୀ ସିଂ, ସହକାରୀ ଜେଲର ଦୀପକ କୁମାର ସାମନ୍ତରାୟଙ୍କୁ ଉପରୋକ୍ତ ଖେଳ ସାମଗ୍ରୀ କାରାଗାର ଅନ୍ତେବାସୀଙ୍କ ଉପଲକ୍ଷେ ପ୍ରଦାନ କରାଯାଇଥିଲା। ଭବିଷ୍ୟତରେ ଆହୁରି କିଛି ଖେଳ ସାମଗ୍ରୀ, ଉପାଦେୟ ପୁସ୍ତକ ପ୍ରଦାନ କରାଯିବ ବୋଲି ରୋଟାରୀ କ୍ଲବ କେନ୍ଦୁଝରର ସଭାପତି ଶ୍ରୀ ମହାନ୍ତ ସୂଚନା ଦେଇଛନ୍ତି।

## ଏସିଆ କପରୁ ବାଦ୍ ପଡ଼ିଥିବା ବାବର-ରିଜୱାନଙ୍କୁ ଆଉ ଏକ ଝଟକା

**ନୂଆଦିଲ୍ଲୀ**

ପାକିସ୍ତାନ କ୍ରିକେଟ ଟିମ୍‌ର ପୂର୍ବତନ ଅଧିନାୟକ ବାବର ଆଜମ ଓ ବର୍ତ୍ତମାନର ଦିନିକିଆ ଟିମ୍‌ର ଅଧିନାୟକ ମହମ୍ମଦ ରିଜୱାନଙ୍କୁ ଆଉ ଏକ ଝଟ୍‌କା ଲାଗିଛି। ପ୍ରଥମେ ଏହି ଦୁଇ ଅଭିଜ୍ଞ ଖେଳାଳିଙ୍କୁ ପାକିସ୍ତାନ କ୍ରିକେଟ ବୋର୍ଡ ଆସନ୍ତା ମାସରୁ ଆରମ୍ଭ ହେବାକୁ ଥିବା ଏସିଆ କପ ସ୍କ୍ୱାଡ୍‌ରୁ ବାଦ୍ ଦେଇଥିଲା। ଏବେ ଦୁଇ ଜଣଙ୍କ କେନ୍ଦ୍ରୀୟ ଚୁକ୍ତିରେ ଅବନତୀ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ କେନ୍ଦ୍ରୀୟ ଚୁକ୍ତିରେ ଉଭୟଙ୍କୁ ବି ଶ୍ରେଣୀକୁ ପଠାଇ ଦେଇଛନ୍ତି। ପୂର୍ବରୁ ଉଭୟ ଏ ଶ୍ରେଣୀରେ ଥିଲେ। କିନ୍ତୁ ଏଥର ଦୁଇ ଜଣ ତଳକୁ ଖସିଛନ୍ତି। ସେହିପରି ପାକିସ୍ତାନର କୌଣସି କ୍ରିକେଟରଙ୍କୁ ଏ ବର୍ଗରେ ରଖି ନାହିଁ ପିସିବି।

## ପ୍ରଶାସନ ଓ ନାଗରିକ ଏକାଦଶ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସ୍ୱାଧୀନତା ଦିବସରେ ସମ୍ବଲପୁରର ପ୍ରଶାସନ ଏକାଦଶ ଓ ନାଗରିକ ଏକାଦଶ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ୪ସି ପଡ଼ିଆଠାରେ ଆୟୋଜିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୁଇ ଦଳକୁ ଶୁଭେଚ୍ଛା ଜଣାଇଥିଲେ। ମନ୍ତ୍ରୀ କହିଥିଲେ ଯେ, ସମ୍ବଲପୁରର ଏହା ଏକ ନିଆରା ପରମ୍ପରା। ଅନେକ ବର୍ଷ ହେଲା ଜିଲ୍ଲା ପ୍ରଶାସନ ସହିତ ନାଗରିକଙ୍କର କେମିତି ଏକ ସୁନ୍ଦର ଭାବ ବିନିମୟ ହେବ ଏବଂ ଗୋଟେ ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ବଜାୟ ରହିବ ସେଥିପାଇଁ ବିଭିନ୍ନ ବିଶେଷ ଦିନରେ ବନ୍ଧୁତ୍ୱପୂର୍ଣ୍ଣ କ୍ରିକେଟ ମ୍ୟାଚ୍ ଓ ଫୁଟବଲ ମ୍ୟାଚ୍ ଆୟୋଜନ କରାଯାଇଥାଏ। ମନ୍ତ୍ରୀ ବ୍ୟାଟିଂ କରି ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ।



ନାଗରିକ ଏକାଦଶର ଅଧିନାୟକ ସୁଧୀର ବହିଦାର ଓ ପ୍ରଶାସନ ଏକାଦଶର ଅଧିନାୟକ ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇ ନିଜ ନିଜ ଦଳର ଖେଳାଳିଙ୍କ ସହ ମୁଖ୍ୟଅତିଥି ମନ୍ତ୍ରୀ ଶ୍ରୀ ପୂଜାରୀ, ସମ୍ମାନିତ ଅତିଥି ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମୁକେଶ କୁମାର ଭାମୁ ଓ ମହାନଗର ନିଗମର ଆୟୁକ୍ତ ରୋହନ କ୍ଷେତ୍ରୀଙ୍କୁ ପରିଚିତ କରାଇଥିଲେ।

ପ୍ରଥମେ ବ୍ୟାଟିଂ କରି ନାଗରିକ ଏକାଦଶ ୧୦ ଓଭରରେ ୧୧୮ ରନ କରିଥିବା ବେଳେ ପ୍ରଶାସନ ଏକାଦଶ ନିର୍ଦ୍ଧାରିତ ୧୦ ଓଭରରେ ୧୧୮ ରନ କରି ଅଲଆଉଟ ହୋଇଯାଇ ଥିଲେ। ଫଳରେ ଅମ୍ପାୟାର ସୁରଜ ବାଗ ମ୍ୟାଚକୁ ଡ୍ର' ଘୋଷଣା କରିଥିଲେ। ଶେଷରେ ବିନା ହାର ଜିତରେ ଶେଷ ହୋଇଥିବା ମ୍ୟାଚ୍‌ରେ ପ୍ରଶାସନ ଏକାଦଶ ନାଗରିକ ଏକାଦଶକୁ ବିଜେତା ଟ୍ରଫି ପ୍ରଦାନ କରିବା ସହ ବନ୍ଧୁତ୍ୱ ଭାବର ପରିପ୍ରକାଶ କରିଥିଲେ।

## ବ୍ୟବସାୟୀଙ୍କ ଠାରୁ ୩୩ ଲକ୍ଷ ଟଙ୍କା ଠକିନେଇ ବ୍ୟାଙ୍କ କର୍ମଚାରୀ ଗିରଫ

**ରାଇଘର, ନ୍ୟୁଜ୍‌ବ୍ୟୁରୋ**

୩ଜଣଙ୍କ ବ୍ୟାବସାୟୀଙ୍କ ଠାରୁ ୩୩ ଲକ୍ଷ ଟଙ୍କା ଠକି ନେଇ ଜେଲ୍ ଗଲେ ବ୍ୟାଙ୍କ କର୍ମଚାରୀ। ଏଭଳି ଘଟଣା ଘଟିଛି ନବରଙ୍ଗପୁର ଜିଲ୍ଲା ରାଇଘର ସ୍ଥିତ ଆଇସିଆଇସିଆଇ ବ୍ୟାଙ୍କ ଶାଖାର ରିଲେସନ ମ୍ୟାନେଜର। ସୂଚନାଥାଉ କି ସ୍ଥାନୀୟ ବ୍ଲକର ଜୋଡ଼ଜୋଙ୍ଗା ଡିଏନକେ ଗ୍ରାମର ସଞ୍ଜୟ ସାହାଙ୍କର ୧୫ଲକ୍ଷ, ରାଇଘର କୋଦଭଟାର ମନୀଷ କାନ୍ତି ହଲଦାରଙ୍କର ୧୧ଲକ୍ଷ ୪୫ହଜାର ଓ ଭାରସୁଣ୍ଡି ଗ୍ରାମର ଲଳିତ ମଣ୍ଡଳର ୭ଲକ୍ଷ ଟଙ୍କା ବ୍ୟାଙ୍କ କର୍ମଚାରୀ ପ୍ରଲୋଭନ ଦେଖେଇ ପଇସା ଦୁଇଗୁଣ ହେବ କହି ସ୍ଥାନୀୟ ଆଇସିଆଇସିଆଇ ବ୍ୟାଙ୍କର ରିଲେସନ ମ୍ୟାନେଜର ହଳଧର ନାୟକ ଟଙ୍କା ଠକି ନେଇଥିବା ନେଇ ୧୬ ତାରିଖ ଦିନ ରାଇଘର ଥାନାରେ ଅଭିଯୋଗ ହୋଇଛି। ଉକ୍ତ ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତି କରି ରାଇଘର ଥାନା ଅଧିକାରୀ ରଘୁନାଥ ମାଝୀ ବ୍ୟାଙ୍କ୍‌କୁ ଯାଇ ତଦନ୍ତ ଆରମ୍ଭ କରିଥିଲେ। ଶେଷରେ କେସ ନମ୍ବର ୧୬୮/୨୫ରେ ମାମଲା ରୁଜୁ କରି ସେକ୍ସନ ୩୧୮(୨), ୩୧୮(୩), ୩୧୮(୪) ଅନୁଯାୟୀ ମଙ୍ଗଳବାର ବ୍ୟାଙ୍କ କର୍ମଚାରୀ ହଲଧର ନାୟକଙ୍କୁ କୋର୍ଟ ଚଲାଣ କରିଥିବାର ରାଇଘର ପୋଲିସ ପ୍ରକାଶ କରିଛି।



## କଲେଜ ଛାତ୍ରୀଙ୍କୁ ଦୁର୍ବୃତ୍ତଙ୍କ ଛୁରା ମାଡ଼ ଲହୁ ଲୁହାଣ ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି

**ମାହାଙ୍ଗା, ନ୍ୟୁଜ୍‌ବ୍ୟୁରୋ**

ମାହାଙ୍ଗା ଥାନା ଅଞ୍ଚଳର ମୂଳବସନ୍ତ ଗ୍ରାମର ଜନୈକା କଲେଜ ଛାତ୍ରୀଙ୍କୁ ସ୍ପଷ୍ଟ ଦିବାଲୋକରେ ହୋଇଛି ମରଣାନ୍ତକ ଆକ୍ରମଣ। ମଙ୍ଗଳବାର ଦିନ ଏଗାରଟା ସମୟରେ ଜେ.ଏନ କଲେଜ କୁଆଁପାଳକୁ କ୍ଲାସ୍ କରିବାକୁ ଯିବା ରାସ୍ତାରେ, ଶୁଭସ୍ମିତା ସାହୁ ନାମ୍ନୀ ଏହି +୩ ଫାଷ୍ଟ ଇଅର ଛାତ୍ରୀଙ୍କୁ ୨ ଜଣ ଅଜଣା ଯୁବକ ରାସ୍ତାରେ ଅଟକାଇ, ତାଙ୍କ ଠାରୁ ଲୁଟ୍ ପାଟ୍ ଉଦ୍ୟମ ବେଳେ ଏକ ଧାରୁଆ ଛୁରୀରେ ଛାତ୍ରୀଙ୍କ ବେକ କାଟିବା ପାଇଁ ଉଦ୍ୟମ କରିଥିଲେ। ତେବେ ୨ ଅସାମାଜିକ ଯୁବକଙ୍କ ସହିତ ସାହସିକତାର ସହିତ ମୁକାବିଲା କରିଥିବା ଶୁଭସ୍ମିତା ମରଣ ମୁହଁରୁ ବଞ୍ଚି ଯାଇଥିଲେ ମଧ୍ୟ ତାଙ୍କ ଡାହାଣ ହାତର ଏକାଧିକ ସ୍ଥାନରେ ଯୁବକମାନେ ହାଣି ଲହୁ ଲୁହାଣ କରି ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିବା ଜଣାପଡ଼ିଛି। କୁହୁଣ୍ଡା ପଞ୍ଚାୟତ ବିରୂପା ସେତୁ ନିକଟ ମୂଳବସନ୍ତ ମାଇନର କେନାଲ ବନ୍ଧ ଉପରେ ଏହି ଅଭାବନୀୟ ଘଟଣା ଘଟିଛି। ସ୍ଥାନୀୟ ଲୋକେ ଆହତ ଛାତ୍ରୀଙ୍କୁ ଚିଦାନନ୍ଦ ହସ୍ପିଟାଲ ମୂଳବସନ୍ତରେ ଭର୍ତ୍ତି କରିଥିଲେ। ସେଠାରୁ ମାହାଙ୍ଗା ମୁଖ୍ୟ ସରକାରୀ ହସ୍ପିଟାଲକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ମାହାଙ୍ଗାରୁ ଡାକ୍ତରମାନେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ପଠାଇ ଦେଇଥିବା ଜଣାପଡ଼ିଛି। ପୋଲିସ ଘଟଣା ସ୍ଥଳୀରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

**ZILLA SWASTHYA SAMITI, JHARSUGUDA**
Office of the CDM&PHO- cum- Dist. Mission Director, Jharsuguda, Odisha, 768204.
ଭାରତୀୟ ସ୍ୱାସ୍ଥ୍ୟ ମିଶନ
No. 5064 /C.D.M &P.H.O Jharsuguda. Dt:- 19.08.2025
E-330

**Tender Call Notice**

Sealed tenders are invited from the interested eligible bidders for Supply of Drugs & Lab Consumables, Instrument & Equipment's for Dist. Jharsuguda. The eligible criteria, the terms& Conditions and the formats for submission of bid as set forth in the tender document can be downloaded from the website http://jharsuguda.odisha.gov.in. Interested bidders fulfilling the eligibility criteria may submit their proposal(s) with EMD, Tender paper cost & document as per tender call notice. The bidders have to submit their proposal(s) to the O/o: The CDM & PHO cum District Mission Director, Jharsuguda, Proposal(s) complete in all respect should reach to the O/o undersigned on or before **15.09.2025 at 05 PM** of through Regd./Speed post and the same will be opened on **16.09.2025 at 11.30 00AM**. The undersigned reserves the right to accept /reject any or all the tender(s) without assigning any reason thereof.

Sd/-
CDM&PHO cum District Mission Director, NHM,
Jharsuguda

OIPR-10037/11/0018/2526

## ଭାରତୀୟ କ୍ରିକେଟ୍‌ରେ ଚମକିଲେ ସୁମିତ କୁମାର ବେନିୱାଲ

**ନୂଆଦିଲ୍ଲୀ**

ଭାରତରେ ରାଜ୍ୟସ୍ତରୀୟ କ୍ରିକେଟ ଲିଗ ଆରମ୍ଭ ହେବା ମାତ୍ରେ ନୂଆ ଖେଳାଳି ମଧ୍ୟ ଉଭା ହେବା ଆରମ୍ଭ କରିଛନ୍ତି। ସୁମିତ କୁମାର ବେନିୱାଲ ଏପରି ଏକ ନାମ, ଯିଏ ଡିପିଏଲ ୨୦୨୫ରେ ନିଜର ଛାପ ଛାଡ଼ି ଚମକିଛନ୍ତି। ଦିଲ୍ଲୀ ପ୍ରିମିୟର ଲିଗ୍ ଚଳିତ ସିଜିନରେ ସେ ଯାହା କରିଛନ୍ତି, ତାହା ଆଶ୍ଚର୍ଯ୍ୟଜନକ ଏବଂ ଅତୁଳନୀୟ। ୨୬ ବର୍ଷୀୟ ସୁମିତ ବେନିୱାଲ ଏହି ଲିଗ୍‌ରେ ଏପରି କରିବାରେ ତୃତୀୟ ବୋଲର।

ସୁମିତ କୁମାର ବେନିୱାଲ ଜଣେ ବୋଲିଂ ଅଲରାଉଣ୍ଡର। ସେ ଜଣେ ଡାହାଣହାତୀ ଖେଳାଳି। ସୁମିତ ଡିପିଏଲ ୨୦୨୫ରେ ଦକ୍ଷିଣ ଦିଲ୍ଲୀ ସୁପରଷ୍ଟାର୍ସର ଅଂଶ। ଅଗଷ୍ଟ ୧୭ରେ ପୁରୁଣା ଦିଲ୍ଲୀ ବିପକ୍ଷରେ ଖେଳାଯାଇଥିବା ମ୍ୟାଚ୍‌ରେ ସୁମିତ ବେନିୱାଲ କେବଳ ୧୯ ରନ ଦେଇ ଦଳକୁ ଅଧା କରି ଦେଇଥିଲେ। ସେ ତାଙ୍କ କୋଟାର ୪ ଓଭରରେ ଏହି ସଫଳତା ପାଇଥିଲେ। ସୁମିତ ତାଙ୍କର ପ୍ରଥମ ବଲରୁ ପୁରୁଣା ଦିଲ୍ଲୀର ବ୍ୟାଟ୍‌ସମ୍ୟାନଙ୍କ ଉପରେ ବିପର୍ଯ୍ୟୟ ସୃଷ୍ଟି କରିବା ଆରମ୍ଭ କରିଥିଲେ।


## ବିପୁଳ ପରିମାଣର ଗଞ୍ଜେଇ ସହ ପିକ୍‌ଅପ୍ ଭ୍ୟାନ୍ ଜବତ

**ସୁବର୍ଣ୍ଣପୁର ନ୍ୟୁଜ୍‌ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲା ପୋଲିସ ଦ୍ୱାରା ବିପୁଳ ପରିମାଣ ଗଞ୍ଜେଇ ସହ ମଙ୍ଗଳବାର ଏକ ମାକ୍ସ ପିକ୍‌ଅପ୍ ଜବତ ହୋଇଛି। ତରଭା ଥାନା ଅନ୍ତର୍ଗତ କମସରା ନିକଟସ୍ଥ ଡଙ୍ଗରତଳ ଠାରୁ ୭ କ୍ୱିଣ୍ଟାଲ ୭୨ କେଜି ୮୦୦ ଗ୍ରାମ ଗଞ୍ଜେଇ ସହ ପିକ ଅପ୍ ଗାଡ଼ି ଜବତ କରିଥିବା ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେବା ସହ ବିସ୍ତୃତ ସୂଚନା ଦେଇଛନ୍ତି ଏସ୍‌ପି ନାରାୟଣ ନାଏକ। ସୂଚନା ଅନୁଯାୟୀ ରବିବାର ରାତି ସମୟରେ ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଞ୍ଚଳରୁ ତରଭା ଥାନା ଅନ୍ତର୍ଗତ ନର୍ଡା ଗ୍ରାମର ଅଶୋକ ସାହୁ ତାଙ୍କ ଡ୍ରାଇଭର ଏବଂ ଟିମ୍ ଏକ ବୋଲେରୋ ପିକ୍‌ଅପ୍‌ରେ ବିପୁଳ ପରିମାଣର ଗଞ୍ଜେଇ ତେଲନଦୀ ବ୍ରିଜ୍ ପଟୁ କମସରା-ତରଭା ରାସ୍ତାରେ ବାହାର ରାଜ୍ୟକୁ ଚାଲାଣ କରିବାକୁ ଯୋଜନା କରିଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା ଏବଂ ଗାଡ଼ିକୁ ୨ ଗୋଟି ଚାରି ଚକିଆ ଏବଂ ୩ଟି ବାଇକ୍ ସୁରକ୍ଷା ଦେଉଥିବା ଖବର ଥିବାରୁ ଖୋଦ୍ ଏସ୍‌ପି ଏବଂ ଏଡିସିନାଲ ଏସ୍‌ପିଙ୍କ ନେତୃତ୍ୱରେ ପୋଲିସ ଟିମ୍ ଗଠନ କରାଯାଇ କଣ୍ଟାମାଳ ଏବଂ ତରଭା ଉଭୟ ପଟରୁ ପିଛା କରିବା ପରେ କମସରା ଗାଁ ନିକଟସ୍ଥ ଡଙ୍ଗରତଳ ଠାରେ କଣ୍ଟାମାଳ ପଟରୁ ପିଛା କରୁଥିବା ପୋଲିସ ଟିମ୍ ପିକ୍ ଅପ୍‌କୁ ଅଟକାଇବାରେ ସଫଳ ହେଇଥିଲେ। ବୋଲେରୋ ଗାଡ଼ିରେ ବିପୁଳ ପରିମାଣର ଗଞ୍ଜେଇ ଭର୍ତ୍ତି ଥିବା ଜଣାପଡ଼ିଥିଲା। ୨୪ଟି ବଡ଼ ବସ୍ତାରେ ଗଞ୍ଜେଇ ଭର୍ତ୍ତି ଥିବା ଏବଂ ଗାଡ଼ିର ନମ୍ବର ଫର୍ଜରି ଥିବା ଜଣାପଡ଼ିଥିଲା। ପରେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଓଜନ କରାଯାଇଥିବା ବେଳେ ଜବତ ଗଞ୍ଜେଇର ପରିମାଣ ୭ କ୍ୱିଣ୍ଟାଲ ୭୨ କେଜି ୮୦୦ ଗ୍ରାମ ହୋଇଥିଲା। ଏହାର ସରକାରୀ ଦର ୭ ଲକ୍ଷ ୩୦ ହଜାର ଟଙ୍କା ହୋଇଥିବା ବେଳେ ବଜାର ମୂଲ୍ୟ ଆନୁମାନିକ ମୂଲ୍ୟ ପ୍ରାୟ ୧.୫୦ କୋଟି ଟଙ୍କା ହେବ ବୋଲି ଜଣାପଡ଼ିଛି। ସୁବର୍ଣ୍ଣପୁର ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ଏବଂ ଅତିରିକ୍ତ ଏସ୍‌ପି କେ. ହରି ପ୍ରସାଦ ପ୍ରମୁଖ ଘଟଣା ସ୍ଥଳରେ ତଦାରଖ କରିଥିଲେ। ଏହି ଗାଡ଼ିର ସୁରକ୍ଷା ପାଇଁ ପାଇଲଟିଂ କରୁଥିବା ଗାଡ଼ି ଓ ସଂପୃକ୍ତ ବ୍ୟକ୍ତିମାନେ ଘଟଣା ସ୍ଥଳରୁ ଫେରାର ହେବାରେ ସକ୍ଷମ ହୋଇଥିବା ପୋଲିସ ସୂଚନା ଦେଇଛି।



ପରେ ବିଳମ୍ବିତ ରାତ୍ରିରେ ଅଶୋକ ସାହୁଙ୍କ ଘରେ ପୋଲିସ ଟିମ୍ ଚଢ଼ଉ କରିଥିଲା ବେଳେ ଅଶୋକ ଘରେ ନ ଥିବା କଥା ସୂଚନା ଦେଇଛନ୍ତି ଏସ୍‌ପି। ଏହି ବଡ଼ ଧରଣର ଗଞ୍ଜେଇ ଚୋରର ଚାଲାଣ କାରବାର ଧରପଗଡ଼ରେ କମସରା ଫାଣ୍ଡି ଏସଆଇ ମରୁତ ଚନ୍ଦ୍ର ପ୍ରଧାନଙ୍କ ସହ ପୋଲିସ ଦଳ ଏବଂ ତରଭା ପୋଲିସ ଥାନା ଅଧିକାରୀ ସାମିଲ ଥିଲେ। ଏ ନେଇ ତରଭା ଥାନାରେ ଏକ ଏନଡିପିଏସ କେସ ନଂ ୨୩୦ ତା ୧୮/୦୮/୨୫ ୟୁ/ଏସ୍-୨୦(ବି)(ଆଇଆଇ)ସିରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଏ ନେଇ ପୋଲିସ ଅଧିକ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ଏହି ଗଞ୍ଜେଇ ଚୋରା ଚାଲାଣ ପଡ଼ୋଶୀ ଛତିଶଗଡ଼ ଦେଇ ବାହାରକୁ ପାରି ହେଉଥିବା ସନ୍ଦେହ କରାଯାଉଥିବା ବେଳେ ଆନ୍ତରାଜ୍ୟ ଗଞ୍ଜେଇ ବେପାରୀଙ୍କ ସହିତ ସମ୍ପର୍କ ରହି ଥିବାର ଆଶା କରାଯାଉଛି।





# ଭଦ୍ରକ ଜିଲ୍ଲାର ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କଲେ ମହାମହିମ ରାଜ୍ୟପାଳ

**ଭଦ୍ରକ, ନ୍ୟୁଜ ବ୍ୟୁରୋ**

ମହାମହିମ ରାଜ୍ୟପାଳ ଡ.ହରି ବାବୁ କମ୍ଭମପାଟି ଦୁଇ ଦିନିଆ ଭଦ୍ରକ ଗସ୍ତରେ ଆସି ଜିଲ୍ଲାର ସ୍ଥିତି ଓ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାର ସମୀକ୍ଷା କରିବା ଲାଗି ପହଚିଥିଲେ । ମହାମହିମ ରାଜ୍ୟପାଳ ଭଦ୍ରକ ଜିଲ୍ଲାର ପ୍ରଥମ ଗସ୍ତରେ ନୂତନ ସର୍କିଟ ହାଉସ ଠାରେ ପହଚିଥିଲେ । ଏବଂ ପହଚିଲାପରେ ତାଙ୍କସହ ଉଚଶିକ୍ଷା ଏବଂ ଓଡିଆ ଭାଷା ସାହିତ୍ୟ ଓ କ୍ରିଡା ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୁରଜ ଏବଂ ଭଦ୍ରକ ବିଧାୟକ ଶ୍ରୀଯୁକ୍ତ ସିତାଂଶୁ ଶେଖର ମହାପାତ୍ର ପହଞ୍ଚିଥିଲେ। ଏହା ପରେ ପରେ ଜିଲ୍ଲାର ସମସ୍ତ ବରିଷ୍ଠ ଅଧିକାରୀ ମାନଙ୍କ ସହ ସୌଜନ୍ୟ ମୂଳକ ସାକ୍ଷ୍ୟତକାର ସହିତ ଆଲୋଚନା କରିଥିଲେ । ଏହି ସମୟରେ ପୂର୍ବାଞ୍ଚଳ ଡି. ଆଇ.ଜି ଡ ସତ୍ୟଜିତ ନାୟକ, ଜିଲ୍ଲାପାଳ ଶ୍ରୀ ଦିଲୀପ ରାଉତରାଏ, ଅରକ୍ଷୀ ଅଧିକ୍ଷକ ଶ୍ରୀ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ ରବିନାରାୟଣ ସାହୁ (ରାଜସ୍ୱ), ଅତିରିକ୍ତ ଜିଲ୍ଲାପାଳ ସରୋଜ ଦତ୍ତ (ସାଧାରଣ), ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦୁ ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତି ଓ ଡେପୁଟୀ କାଲେକ୍ଟର କାର୍ତିକ ନାଥ ମଣ୍ଡଳ ଉପସ୍ଥିତ ଥିଲେ । ଏହାପରେ ମହାମହିମ ରାଜ୍ୟପାଳ ବନ୍ତ ବ୍ଲକର କାଦବରାଙ୍ଗ ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ପହଞ୍ଚିବା ପରେ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠି ଗୁଡିକ ଯଥା : ବାବା ଧବେଳେଶ୍ୱର ମହିଳା ମହାସଂଘ, ବାବା ଧବେଳେଶ୍ୱର ପଞ୍ଚାୟତ ମହିଳା ମହାସଂଘ, ସୋନାଲି ମୁଢି କେନ୍ଦ୍ର, ଗୀତାଞ୍ଜଳୀ ସିଲାଇ ପିଜି ଓ ମହାଲକ୍ଷ୍ମୀ ଡାଲି ପିଜି ଆଦି ମିଶନ ଶକ୍ତି ଦ୍ୱାରା ପରିଚାଳିତ



ସଂସ୍ଥା ଗୁଡିକୁ ବୁଲି ଦେଖିବା ସହ ସେମାନଙ୍କୁ ଉତ୍ସାହିତ କରିଥିଲେ । ଅର୍ଥନୈତିକ କ୍ଷେତ୍ରରେ ସ୍ୱାବଲମ୍ବୀହେବାକୁ ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଗ୍ରହୀ ବୋଲି ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତ ବାବା ଧବଳେଶ୍ୱର ଉପାସ୍ଥିତ ସମସ୍ତ ସ୍ୱୟଂସହାୟକ ଗୋଷ୍ଠିକୁ କହିଥିଲେ । ଏହା ପରେ ରାଜ୍ୟପାଳ ଉକ୍ତ ପଞ୍ଚାୟତର ଶିକ୍ଷାଞ୍ଚଳ ପାର୍କ ମୁଖ୍ୟ ଫାଟକ ନିକଟରେ ଶତାଧିକ ମହିଳା ତାଙ୍କୁ ସ୍ୱାଗତ କରିଥିଲେ, ପରେ ସ୍ୱୟଂ ସହାୟକ ଗୋଷ୍ଠି ଦ୍ୱାରା ପ୍ରସ୍ତୁତି ସ୍କୁଲ ୟୁନିଫର୍ମ, ତ୍ରିରଙ୍ଗା ପତାକା, ଝୋଟ ବ୍ୟାଗ, ଶିଶୁଙ୍କ ଖେଳଣା କଣ୍ଢେଇ, ମୁଢି, ଅଟା, ମାଣ୍ଡିଆ, ପେପର ପ୍ଲେଟ, ଝୋଟ ଥାଳି ଓ ଲ୍ୟାପଟପ ବ୍ୟାଗ ଆଦି ପ୍ରସ୍ତୁତି ପ୍ରଣାଳୀକୁ ବୁଲି ଦେଖିଥିଲେ । ଏହି ସମୟରେ ଉଚଶିକ୍ଷା ଏବଂ ଓଡିଆ ଭାଷା ସାହିତ୍ୟ ଓ କ୍ରିଡା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଭଦ୍ରକ ର ବିଧାୟକ ସିତାଂଶୁ ଶେଖର ମହାପାତ୍ର ଉପସ୍ଥିତ ଥିଲେ । ରାଜ୍ୟପାଳ ବନ୍ଦହୋଇ ପଡିଥିବା ବିଦ୍ୟାଳୟ ଗୃହରେ ମହିଳାମାନେ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ଆତ୍ମନିର୍ଭରଶୀଳ ହୋଇଥିବାଦେଖି ଖୁସି ପ୍ରକାଶ କରିଥିଲେ, ବ୍ୟାଙ୍କ ଗୁଡିକର ସହଯୋଗ ନେଇ ଧବେଳେଶ୍ୱର ଉତ୍ପାଦିକା ଗୋଷ୍ଠିର ସମ୍ପାଦିକା ଗୀତାଞ୍ଜାଳୀ ପଣ୍ଡାଙ୍କୁ ପଚାରି ବୁଝିଥିବା ବେଳେ ମହାଲକ୍ଷ୍ମୀ ଉତ୍ପାଦିକା ଗୋଷ୍ଠିର ବେବିନା ମହାନ୍ତିଙ୍କୁ ମାଣ୍ଡିଆରେ ପ୍ରସ୍ତୁତ ସାମଗ୍ରୀ ନେଇ ପଚାରି ବୁଝିଥିଲେ , ଧବେଳେଶ୍ୱର ମହାସଂଘର ଗଇକ କମଳା ମିଶ୍ର ରାଜ୍ୟପାଳଙ୍କୁ ପ୍ରସ୍ତୁତ ସାମଗ୍ରୀ ବିଷୟରେ ଅବଗତ କରିଥିଲେ । ଏହି ଅବସରରେ ମହାମହିମ ରାଜ୍ୟପାଳ ପଞ୍ଚାୟତରେ ଥିବା ୧୦ ଜଣ ଲକ୍ଷପତି ଦିଦିଙ୍କୁ ବ୍ୟାଙ୍କରୁ କିପରି ଋଣ ଆଣି କିପରି କାର୍ଯ୍ୟାରେ ଲଗାଉଛନ୍ତି ଏବଂ ଋଣ ପରିଶୋଧ ନେଇ ପଚାରି ବୁଝିଥିଲେ । ପରେ ରାଜ୍ୟପାଳ ବଡବରଛିକଇଁ ପଞ୍ଚାୟତ ସ୍ଥିତ ଫାର୍ମ ହାଉସ ଜମିରେ ଚାଲୁଥିବା ମାତୃସକ୍ତି ମହାସଙ୍ଗର ମାଛ, ଛେଳି, କୁକୁଡ଼ା ଏବଂ ପୋଖରୀ ହୁଡାରେ ହେଉଥିବା ପନିପରିବା ଚାଷକୁ ବୁଲି ଦେଖିଥିଲେ । ଚତ୍ମୟୀ ମହିଳା ମହାସଂଘର ସମ୍ପାଦିକା ସୁଦୀପ୍ତି ସିଂଙ୍କ ସହ ରାଜ୍ୟପାଳ କଥା ହୋଇଥିବା ବେଳେ ଆଗକୁ ଅଧିକରୁ ଅଧିକ ସରକାରୀ ସହାୟତା ଓ ଜମି ଲିଜର ଅବଧି ବଢିପାରିଲେ ଆମେ ଆଗକୁ ବଢିପାରିବୁ ବୋଲି ସମ୍ପାଦିକା କହିଥିଲେ ଏବଂ ଏକ ମିଶନ ଶକ୍ତି ଗୃହ ଦାବିକରିଥିଲେ । ଶେଷରେ ଆବାସ ଗୃହ ନିର୍ମାଣ କରିଥିବା ସୁବାସିନୀ ଜେନା, କନକଲତା ଜେନା, ହେମନ୍ତ ଜେନା, ରଶ୍ମୀତା ଜେନାଙ୍କ ଗୃହ ବୁଲିଦେଖିବା ସହ ଠିକ ସମୟରେ ଅର୍ଥ ଓ ବୋନସ ମିଳୁଛିକି ନାହି ପଚାରି ବୁଝିଥିଲେ । ଏହି ଅବସରରେ ସ୍ଥାନୀୟ ସରପଞ୍ଚ ପୁଷ୍ପାଞ୍ଜଳି ସ୍ୱାଇଁ, ପୂର୍ବତନ ସରପଞ୍ଚ ସୁରେନ୍ଦ୍ର ଜେନା, ନିର୍ବାହୀ ଅଧିକାରୀ ସଙ୍ଗୀତାରାଣୀ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ । ପୁନର୍ବାର ଅପରାହ୍ନ ୩.୦୦ ଘଟିକା ଭଦ୍ରକ ବ୍ଲକର ହରିପୁର ପଞ୍ଚାୟତରେ ଥିବା ରବର-ମବକ୍ଷ ଝକ୍ଷଙ୍କୟଶର ଞକ୍ସରବସ୍ଞଙ୍କରଭଷ୍ଠ ଚକ୍ଷବଭଷ୍ଠ ପରିଦର୍ଶନ ନିମନ୍ତେ ଗସ୍ତ କରିଥିଲେ । ଏହା ଏକ ୩୦,୦୦୦ ଲିଟର କ୍ଷମତା ବିଶିଷ୍ଟ ଆବର୍ଜନାକୁ କମ୍ପୋଷ୍ଟ ରେ ପରିଣତ କରିବାର ଏକ ୪ କୋଟି ଟଙ୍କା ବ୍ୟୟ ବରାଦ ଏକ ପ୍ରକଳ୍ପ ଅଟେ । ସେଠାରେ ପହଞ୍ଚି କାର୍ଯ୍ୟାରତ ସଫେଇ କର୍ମଚାରୀ ଏବଂ ସେଠାରେ ଅନ୍ୟାନ୍ୟ କର୍ମଚାରୀମାନଙ୍କୁ ସ୍ୱଛତା କାର୍ଯ୍ୟାକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ । ସ୍ୱଛତା ଆମର ମୁଖ୍ୟ କର୍ତବ୍ୟ ରହିବା ଆବଶ୍ୟକ ବୋଲି କହିଥିଲେ, ଏହି ଅବସରରେ ସେ ପ୍ରତ୍ୟକ ସହରାଞ୍ଚଳରେ ଏମିତି ପ୍ରକଳ୍ପ ହେବା ଆବଶ୍ୟକ ବୋଲି ପ୍ରକାଶ କରିଥିଲେ ଏବଂ ଉକ୍ତ ପ୍ରକଳ୍ପର ସମ୍ପ୍ରସାରଣ ପାଇଁ ଅଧିକନ୍ତୁ ୨ ଏକର ଜମି ପ୍ରଦାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଏହାପରେ ରାଜ୍ୟପାଳଙ୍କ କରକମଳରେ ଏକ ବୃକ୍ଷ ରୋପଣ କାର୍ଯ୍ୟାକ୍ରମ ଅନୁଷ୍ଠିତ ହୋଇଥିଲା। ଏହା ପରେ ପରେ ରାଜ୍ୟପାଳ ଧାମନଗର ବ୍ଲକରେ ଥିବା ଅସୁରାଳି ପଞ୍ଚାୟତର ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ଯାଇ ପହଁଚିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଭୁବନେଶ୍ୱର ବାଇପାସ୍‌କୁ ...

ପରସ୍ପର ସହ ଯୋଡ଼ିବ। ଏହା ଓଡ଼ିଶାର ପ୍ରମୁଖ ଆର୍ଥିକ, ସାମାଜିକ ଏବଂ ଲଜିଷ୍ଟିକ୍ସ କେନ୍ଦ୍ରଗୁଡ଼ିକୁ ବାଧାମୁକ୍ତ ସଡ଼କ ସଂଯୋଗ ପ୍ରଦାନ କରିବ। କେବଳ ସେତିକି ନୁହେଁ, ଏହି ଉନ୍ନତ ସଡ଼କ କରିଡର ୧୦ଟି ଆର୍ଥିକ କେନ୍ଦ୍ର, ୪ଟି ସାମାଜିକ କେନ୍ଦ୍ର, ୫ଟି ଲଜିଷ୍ଟିକ୍ସ କେନ୍ଦ୍ରକୁ ଯୋଡ଼ିବା ସହିତ ଗୋଟିଏ ପ୍ରମୁଖ ରେଳ ଷ୍ଟେସନ, ଗୋଟିଏ ବିମାନ ବନ୍ଦର, ଗୋଟିଏ ବହୁମୁଖୀ ଲଜିଷ୍ଟିକ୍ସ ପାର୍କ (ଏମଏମଏଲପି) ଏବଂ ୨ଟି ପ୍ରମୁଖ ବନ୍ଦରକୁ ସଡ଼କ ସଂଯୋଗ ଯୋଗାଇ ଦେବ। ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳରେ ସାମଗ୍ରୀ ଓ ଯାତ୍ରୀଙ୍କର ଦ୍ରୁତ ପରିବହନ ନିମନ୍ତେ ସୁବିଧା ମିଳିବ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ସମ୍ପୂର୍ଣ୍ଣ ହେବା ପରେ ଏହି ବାଇପାସ୍ ସ୍ଥାନୀୟ ଆର୍ଥିକ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏଥିସହିତ ଏହା ପ୍ରମୁଖ ଧାର୍ମିକ ଓ ଆର୍ଥିକ କେନ୍ଦ୍ର ମଧ୍ୟରେ ଯୋଗାଯୋଗକୁ ସୁଦୃଢ଼ କରିବ ଏବଂ ବାଣିଜ୍ୟ ଓ ଶିଳ୍ପ ବିକାଶ ଲାଗି ନୂତନ ମାର୍ଗ ପ୍ରଶସ୍ତ ହେବ। ଏହି ପ୍ରକଳ୍ପ ଦ୍ୱାରା ପାଖାପାଖି ୭୪.୪୩ ଲକ୍ଷ ମାନବ ଦିବସ ପ୍ରତ୍ୟକ୍ଷ ଏବଂ ପ୍ରାୟ ୯୩.୦୪ ଲକ୍ଷ ମାନବ ଦିବସ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏହା ମଧ୍ୟ ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ବିକାଶ, ଅଭିବୃଦ୍ଧି ଓ ସମୃଦ୍ଧି ଲାଗି ନୂତନ ମାର୍ଗ ଖୋଲିବ।

## ପ୍ରଧାନମନ୍ତ୍ରୀଙ୍କୁ ...

ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ରାଜ୍ୟ ବାଣିଜ୍ୟ ପରିବହନ, ଇସ୍ପାତ ଏବଂ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଟୁଇଟ୍ କରି ଏହି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, କେନ୍ଦ୍ର କ୍ୟାବିନେଟ୍ ଭୁବନେଶ୍ୱର କ୍ୟାପିଟାଲ ରିଜନ ରିଂ ରୋଡ ବା ଭୁବନେଶ୍ୱର ବାଇପାସକୁ ମଞ୍ଜୁରୀ ପ୍ରଦାନ କରାଯାଇଛି।

## ଓଡ଼ିଶାବାସୀଙ୍କୁ ଅଭିନନ୍ଦନ...

ଜଣାଇଛନ୍ତି। ସୋସିଆଲ୍ ମିଡିଆ ଏକ୍ସରେ ଅଭିନନ୍ଦନ ଜଣାଇ ପ୍ରଧାନମନ୍ତ୍ରୀ ଲେଖିଛନ୍ତି ମଙ୍ଗଳବାର କ୍ୟାବିନେଟରେ ଅନୁମୋଦନ ଲାଭ କରିଥିବା ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଓଡିଶାବାସୀ, ବିଶେଷ କରି ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଲୋକମାନଙ୍କୁ ଅଭିନନ୍ଦନ। ଏହା ଭିଡ଼ କମାଇବା ସହିତ 'ସହଜ ଜୀବନଯାପନ'କୁ ପ୍ରୋତ୍ସାହିତ କରିବ।

## ନିଟ୍ ପରୀକ୍ଷାରେ...

ଚମ୍ପା ରାସପେଦାଙ୍କୁ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ତାଙ୍କର କଠିନ ପରିଶ୍ରମ, ଦୃଢ଼ ସଂକଳ୍ପ ଓ ଏହି ସଫଳତା ଓଡ଼ିଶାର ସମସ୍ତ ଯୁବକ-ଯୁବତୀଙ୍କୁ ପ୍ରେରଣା ଦେବ। ଭବିଷ୍ୟତରେ ସେ ଜଣେ ଉତ୍ତମ ଡାକ୍ତର ଭାବରେ ଗରିବ ଓ ପଛୁଆ ଲୋକଙ୍କ ସେବା କରନ୍ତୁ ବୋଲି ଆଶା କରୁଛି ଓ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରୁଛି।

## ପୂର୍ବ ଭାରତ ସମ୍ମିଳନୀରେ...

କହିଛନ୍ତି ଯେ, ଆମ ସରକାର ରେକର୍ଡ ସଂଖ୍ୟକ ୫୬ ଟି ପ୍ରକଳ୍ପର ଭିତ୍ତିଭୂମି ସ୍ଥାପନ କରିଛି, ଯାହା ୧.୭୮ ଲକ୍ଷ କୋଟି ଟଙ୍କା ନିବେଶକୁ ପ୍ରତିନିଧିତ୍ୱ କରୁଛି ଏବଂ ୧.୧୧ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି ଏବଂ ନୂତନ ନିବେଶ ସହ ଆହୁରି ଏକ ଲକ୍ଷ ନୂତନ ନିଯୁକ୍ତି ସୃଷ୍ଟି କରିବା ଆମର ଲକ୍ଷ୍ୟ ରହିଛି। ସିଆଇଆଇ,ପୂର୍ବ ଭାରତ ସମ୍ମିଳନୀ ଏହି ଅଞ୍ଚଳକୁ ଏକ ସଶକ୍ତ ଅର୍ଥନୀତିରେ ପରିଣତ କରିବା ପାଇଁ ଏକ ଉତ୍‌ପ୍ରେରକ ଭାବରେ କାର୍ଯ୍ୟ କରିବ। ଅନ୍ୟାନ୍ୟ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଅଛନ୍ତି, ଉପମୁଖ୍ୟମନ୍ତ୍ରୀ ବିହାର, ସମ୍ରାଟ ଚୌଧୁରୀ, ବିହାରର ଶିଳ୍ପ ମନ୍ତ୍ରୀ ନୀତିଶ ମିଶ୍ର, ଛତିଶଗଡ଼ର ଅର୍ଥମନ୍ତ୍ରୀ ଓ ପି ଚୌଧୁରୀ, ସିଆଇଆଇ ପୂର୍ବ କ୍ଷେତ୍ରର ଚେୟାରମ୍ୟାନ ଶାଶ୍ୱତ ଗୋଏଙ୍କା, ସିଆଇଆଇ ପଶ୍ଚିମ କ୍ଷେତ୍ରର ଚେୟାରମ୍ୟାନ ଋଷି କୁମାର ବାଗଲା, ଏମଏସଏମଇ ବିଭାଗ, ଓଡ଼ିଶା କମିଶନର-ତଥା-ସଚିବ, ଡି ପ୍ରଶାନ୍ତ କୁମାର ରେଡ୍ଡି ଓ ବିହାର, ଛତିଶଗଡ଼, ପଶ୍ଚିମବଙ୍ଗର ପ୍ରଶାସନିକ ଅଧିକାରୀ, ନିବେଶକ, ଶିଳ୍ପପତି, ଉଦ୍ୟୋଗୀ ପ୍ରମୁଖ ଯୋଗଦେଇଛନ୍ତି।

## ସାର, ବିରଳ ...

ଲୋକମାନେ ଇଟିକୁ ଏହି ସୂଚନା ଦେଇଛନ୍ତି। ରବି ଋତୁରେ ଚୀନ ହଠାତ୍ ସାର ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଦେଶରେ ଡାଇ-ଆମୋନିୟମ୍ ଫସଫେଟ୍ ଉପଲବ୍ଧତା ସିଧାସଳଖ ପ୍ରଭାବିତ ହୋଇଥିଲା। ସେହିପରି ଭାରତରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ପାଇଁ ଯାଉଥିବା ଟନେଲ୍ ବୋରିଂ ମେସିନଗୁଡ଼ିକର ରପ୍ତାନୀକୁ ମଧ୍ୟ ଚୀନ ସ୍ଥଗିତ ରଖିଥିଲା। ଏନେଇ ଭାରତ ଚୀନ ପାଖରେ ଦୃଢ଼ ଅଭିଯୋଗ ରଖିଥିଲା। ସେହିପରି ବିରଳ ଖଣିଜ ଚୁମ୍ବକ ରପ୍ତାନୀ ଉପରେ କଟକଣା ଲଗାଇଥିବାରୁ ଭାରତରେ ଇଭି ସେକ୍ଟରରେ ଏକ ପ୍ରକାର ଅଚଳାବସ୍ଥା ଦେଖା ଦେଇଥିଲା। ବାଜାଜ ଭଳି କମ୍ପାନୀଗୁଡ଼ିକ ଇଭି ପ୍ରଡକ୍ସନ ବନ୍ଦ କରିବାକୁ ଚିନ୍ତା ବି କରିଥିଲେ। ଖାଲି ଭାରତରେ କାହିଁକି ଚୀନ ବିଦେଶକୁ ମଧ୍ୟ ଚୁମ୍ବକ ରପ୍ତାନୀ ବନ୍ଦ କରିଦେବାରୁ ୟୁରୋପ, ଜାପାନ ସାଉଥକୋରିଆ ଭଳି ଦେଶରେ ଇଭି ଉତ୍ପାଦନରେ ବାଧା ସୃଷ୍ଟି ହୋଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭାରତ ଉପରେ ୫୦ ପ୍ରତିଶତ ଶୁଳ୍କ ଲଗାଇବା ପରେ ଭାରତ ନିଜର ରଣନୀତିରେ ପରିବର୍ତ୍ତନ କରିଛି। ପଡ଼ୋଶୀ ଚୀନ ସହ ଘନିଷ୍ଠ ସମ୍ପର୍କ ବଢ଼ାଇବାକୁ ଚେଷ୍ଟା ଜାରି ରଖିଛି। ଟ୍ରମ୍ପଙ୍କ ଶତ୍ରୁତା ଭାରତ-ଚୀନ ମଧ୍ୟରେ ବନ୍ଧୁତା ବଢ଼ାଉଛି। ଯାହା ଆମେରିକା ପାଇଁ ପରମୁହୂର୍ତ୍ତରେ ଚିନ୍ତାର କାରଣ ପାଲଟିପାରେ।

## ଭାରତର କୂଟନୀତି...

ଘଟୁଛି। ଭୂ-ରାଜନୈତିକ ପରିସ୍ଥିତି, ଡିଜିଟାଲ୍ ବିପ୍ଳବ, ଜଳବାୟୁ ପରିବର୍ତ୍ତନ ଓ ବହୁପକ୍ଷବାଦର ଚ୍ୟାଲେଞ୍ଜ ସାମ୍ନାକୁ ଆସୁଛି। ଏପରି ସମୟରେ ଯୁବ ଅଧିକାରୀମାନଙ୍କର ଦକ୍ଷତା ଓ ଅନୁକୂଳନ କ୍ଷମତା, ଭାରତର ସଫଳତାର ଚାବି ହେବ।

## ୪୦ ମହଲା...

କିଲୋଗ୍ରାମର ପେଲୋଡ୍ ପୃଥିବୀର ନିମ୍ନ କକ୍ଷକୁ ପଠାଇ ପାରୁଥିଲା। ଆଜି ଆମେ ୭୫ ହଜାର କିଲୋଗ୍ରାମର ପେଲୋଡ୍ ପଠାଇବା ପାଇଁ ସକ୍ଷମ ଥିବା ରକେଟ୍ ନିର୍ମାଣ କରୁଛି, ଯାହା ୪୦ ମହଲା ବିଶିଷ୍ଟ ବିଲ୍ଡିଂ ଉଚ୍ଚ ହେବ । ନାରାୟଣନ କହିଛନ୍ତି ଯେ ଇସ୍ରୋ ଚଳିତ ବର୍ଷ ଭାରତୀୟ ନୌସେନା ପାଇଁ ନିର୍ମିତ ଏକ ସାମରିକ ଯୋଗାଯୋଗ ଉପଗ୍ରହ ଜିଏସ୍ଏଟି-୭ଆର ଉତ୍କ୍ଷେପଣ କରିବାକୁ ଯୋଜନା କରୁଛି, ଯାହା ପୂର୍ବରୁ ଥିବା ଜିଏସ୍ଏଟି-୭ (ରୁକ୍ମିଣୀ) ଉପଗ୍ରହର ସ୍ଥାନ ନେବ । ଏହା ବ୍ୟତୀତ ଏକ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନ ଉପଗ୍ରହକୁ ମଧ୍ୟ ମହାକାଶକୁ ପଠାଯିବ । ଇସ୍ରୋ ମୁଖ୍ୟ ଆହୁରି କହିଛନ୍ତି, ବର୍ତ୍ତମାନ ପୃଥିବୀ କକ୍ଷରେ ଭାରତର ୫୫ ଉପଗ୍ରହ ରହିଛି, ଯାହା ଆଗାମୀ ତିନି-ଚାରି ବର୍ଷରେ ତିନି ଚାରି ଗୁଣ ବଢିବ । ସମାବର୍ତ୍ତନ ସମାରୋହରେ ତେଲଙ୍ଗାନା ରାଜ୍ୟପାଳ ଜିଷ୍ଣୁ ଦେବ ବର୍ମା ଭାରତୀୟ ମହାକାଶ କାର୍ଯ୍ୟକ୍ରମରେ ନାରାୟଣନଙ୍କ ଯୋଗଦାନ ପାଇଁ ପ୍ରଶଂସା କରିଥିଲେ ।

## ସେପ୍ଟେମ୍ବରରେ ...

ପ୍ରତିଷ୍ଠିତ ଚିକିତ୍ସକଙ୍କ ସମେତ ମେଡିକାଲ କଲେଜ, ଗବେଷଣାରତ ଅନୁଷ୍ଠାନ, ପାରାମେଡିକାଲ ଶିକ୍ଷା ସଂସ୍ଥା, ସରକାରୀ ଓ ଘରୋଇ ହସପିଟାଲ, ଫାର୍ମା କମ୍ପାନୀ, ସର୍ଜିକାଲ ଓ ମେଡିକୋ ଉପକରଣ, କମ୍ପାନୀ, ନିଦାନ ସଂସ୍ଥା, ସ୍ୱାସ୍ଥ୍ୟ ବୀମା କମ୍ପାନୀ, ସ୍ୱାସ୍ଥ୍ୟ ସମ୍ବନ୍ଧିତ ସଫ୍ଟୱେର କମ୍ପାନୀର ପ୍ରତିନିଧିମାନେ । ୨୦୩୬ ମସିହା ସୁଦ୍ଧା ଓଡିଶା ରାଜ୍ୟ ସ୍ୱତନ୍ତ୍ର ପ୍ରଦେଶ ଭାବରେ ଶହେ ବର୍ଷ ପୁରଣ କରିବାକୁ ଯାଉଛି। ତେଣୁ ସେହି ପରିପ୍ରେକ୍ଷୀକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ସଚେତନକୁ ଘରେ ଘରେ ପହଞ୍ଚାଇବା, କର୍ମଶାଳା ମାଧ୍ୟନରେ ସଚେତନ ସହ ସ୍ୱାସ୍ଥ୍ୟ ସେବା ଯୋଗାଉଥିବା ଓ ସ୍ୱାସ୍ଥ୍ୟ ହିତାଧିକାରୀଙ୍କ ମଧ୍ୟରେ ଏକ ଉନ୍ନତ ସମନ୍ୱୟ ସ୍ଥାପନା କରିବାର ଆବଶ୍ୟକତା ରହିଛି।

## ୨୫ ଯାଏଁ ...

ବାଂଲାଦେଶ ଓ ନିକଟ ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହେବା ସମ୍ଭାବନା ରହିଛି। ଏହାହ ପ୍ରଭାବରେ ରାଜ୍ୟରେ ପ୍ରବଳ ବର୍ଷା ହୋଇପାରେ ବୋଲି ସୂଚନା ଦେଇଛି ଆଇଏମଡି। ତେବେ ପ୍ରବଳ ବର୍ଷା ନେଇ ବୁଧବାର ପାଇଁ ୧୧ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହି ଜିଲ୍ଲାଗୁଡିକ ହେଉଛି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, କେନ୍ଦୁଝର, ମୟୂରଭଞ୍ଜ । ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡ଼ିଶା ଉପକୂଳସ୍ଥ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୋମବାର ଅବପାତର ରୂପ ନେଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। କୋରାପୁଟରେ ସର୍ବାଧିକ ୬୪.୦ ମିମି ବର୍ଷା ରେକର୍ଡ ହୋଇଥିବାବେଳେ ପାରଳାଖେମୁଣ୍ଡିରେ ୪୯.୬ ମିମି, ନବରଙ୍ଗପୁରରେ ୩୩.୨ ମିମି, ଢ଼େଙ୍କାନାଳରେ ୨୬.୪ ମିମି, ମାଲକାନଗିରିରେ ୨୧.୨ ମିମି, ଭବାନୀପାଟଣାରେ ୧୦.୨ ମିମି ଏବଂ ତାଳଚେରରେ ୧୦.୦ମିମି ବର୍ଷା ରେକର୍ଡ ହୋଇଛି। ମଙ୍ଗଳବାର ମଧ୍ୟାହ୍ନରେ ଅବପାତ ଦକ୍ଷିଣ ଓଡ଼ିଶା ଉତ୍ତର ଆନ୍ଧ୍ରପ୍ରଦେଶ ଉପକୂଳ ଅତିକ୍ରମ କରିଛି।

## ବିବାହ କରିପାରିବେ ...

ଚ୍ୟାଲେଞ୍ଜ କରିବାର କୌଣସି ଅଧିକାର ନାହିଁ। ଏନସିପିସିଆର ଏକ ସଂଗଠନ। ଯାହାର କାମ ପିଲାମାନଙ୍କ ଅଧିକାରକୁ ସୁରକ୍ଷା ଦେବା। କିପରି କହିପାରିବା ଯେ, ଦୁଇଟି ପିଲାଙ୍କୁ ସୁରକ୍ଷା ଦିଆଯିବା ଉଚିତ୍ ନୁହେଁ ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଥିଲେ। ଜାତୀୟ ମାନବାଧିକାର କମିଶନର ସଦସ୍ୟ ପ୍ରିୟଙ୍କ କାନୁନଗୋ ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ହାଇକୋର୍ଟ ଜଣେ ନାବାଳିକା ମୁସଲିମ ଝିଅର ବିବାହକୁ ଯଥାର୍ଥ ଦର୍ଶାଇଛନ୍ତି। ସୁପ୍ରିମକୋର୍ଟରେ ଯୁକ୍ତି ଦିଆଯାଇଥିଲା ଯେ, ଯଦି ଗୋଟିଏ ହାଇକୋର୍ଟ ଏପରି ରାୟ ଦେଇଛନ୍ତି, ତେବେ ଅନ୍ୟ ହାଇକୋର୍ଟ ମଧ୍ୟ ଏପରି କରିପାରିବେ। ଯଦି ଏହା ହୁଏ, ତେବେ ଝିଅମାନଙ୍କ ସୁରକ୍ଷା ବିପଦରେ ପଡ଼ିପାରେ। ଦୁଷ୍କର୍ମ ମାମଲା ବନ୍ଦ ହେବ ନାହିଁ। ଆମେ ଜାତୀୟ ସ୍ୱାର୍ଥ ପାଇଁ ସୁପ୍ରିମକୋର୍ଟ ଯାଇଥିଲୁ, କିନ୍ତୁ ବରିଷ୍ଠ ଆଇନଜୀବୀଙ୍କ ଅନୁପସ୍ଥିତିରେ, ଏକପାଖିଆ ଶୁଣାଣି କରାଯାଇଥିଲା ଏବଂ ରାୟ ଦିଆଯାଇଥିଲା। ଏପରି ପରିସ୍ଥିତିରେ, ଭବିଷ୍ୟତରେ ପିଲାମାନଙ୍କୁ ସୁରକ୍ଷା ଦେବା କଷ୍ଟକର ହେବ, କାରଣ ଭାରତୀୟ ସଂସଦ ଦ୍ୱାରା ପ୍ରଣୀତ ଆଇନରେ ଯୌନ ସମ୍ପର୍କ ରଖିବାର ବୟସ ୧୮ ବର୍ଷ ହେବା ଉଚିତ୍ ବୋଲି ବ୍ୟବସ୍ଥା ଅଛି। ବର୍ତ୍ତମାନ ସେହି ବୟସକୁ ୧୬ ବର୍ଷକୁ ହ୍ରାସ କରିବା ଦ୍ୱାରା ଯୁବବର୍ଗଙ୍କୁ ଯୌନ ସମ୍ପର୍କ ରଖିବାର ସ୍ୱାଧୀନତା ଦିଆଯାଉଛି। ମାମଲାଟି ପଞ୍ଜାବର ପଠାନକୋଟର। ୨୦୨୨ ମସିହାରେ, ପଞ୍ଜାବର ପଠାଣକୋଟରେ, ଜଣେ ୧୬ ବର୍ଷ ବୟସ୍କା ମୁସଲିମ ଝିଅ ତାଙ୍କ ୨୧ ବର୍ଷୀୟ ପ୍ରେମିକଙ୍କୁ ବିବାହ କରିଥିଲେ। ପରିବାର ଲୋକ ଆପତ୍ତି କରିବାରୁ, ଝିଅ ଜଣକ ତାଙ୍କ ସ୍ୱାମୀଙ୍କ ସହିତ ରହିବାକୁ ଇଚ୍ଛା ପ୍ରକାଶ କରି ହାଇକୋର୍ଟରେ ଏକ ସୁରକ୍ଷା ଆବେଦନ ଦାଖଲ କରିଥିଲେ। ମାମଲାର ଶୁଣାଣି କରି, ହାଇକୋର୍ଟ ଟିପ୍ପଣୀ ଦେଇଥିଲେ ଯେ, ମୁସଲିମ ପର୍ସନାଲ 'ଲ' ଅନୁଯାୟୀ, ୧୬ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସର ଝିଅ ନିଜ ଇଚ୍ଛାରେ ବିବାହ କରିପାରିବେ। ଇସଲାମିକ ଆଇନ ମଧ୍ୟ କୁହେ ଯେ, ଯୌବନ ପ୍ରାପ୍ତି ପରେ, ଜଣେ ୧୫ ବର୍ଷୀୟା ମୁସଲିମ ଝିଅ ବିବାହ କରିବାକୁ ସକ୍ଷମ ବୋଲି ବିବେଚନା କରାଯାଇପାରିବ। ତେଣୁ, ପଠାଣକୋଟର ଏସଏସପି ଝିଅ ଏବଂ ତାଙ୍କ ସ୍ୱାମୀଙ୍କୁ ସୁରକ୍ଷା ଯୋଗାଇବା ଉଚିତ୍। ଜାତୀୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଏନସିପିସିଆର) ପଞ୍ଜାବ-ହରିୟାଣା ହାଇକୋର୍ଟର ନିଷ୍ପତ୍ତିକୁ ବିରୋଧ କରି ସୁପ୍ରିମକୋର୍ଟରେ ହାଇକୋର୍ଟର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରିଥିଲେ। ଆବେଦନରେ ଯୁକ୍ତି ଦିଆଯାଇଥିଲା ଯେ, ୧୬ ବର୍ଷ ବୟସ୍କ ମୁସଲିମ ଝିଅର ବିବାହ ବାଲ୍ୟ ବିବାହ ନିଷେଧ ଆଇନ ୨୦୦୬ର ଉଲ୍ଲଙ୍ଘନ। ଏହି ଆଇନ ଅନୁଯାୟୀ, ଭାରତରେ ଝିଅମାନଙ୍କ ବିବାହ ପାଇଁ ସର୍ବନିମ୍ନ ବୟସ ୧୮ବର୍ଷ ଧାର୍ଯ୍ୟ କରାଯାଇଛି। ୨୦୨୩ ମସିହାରେ ମାମଲାର ଶୁଣାଣି ସମୟରେ, ସୁପ୍ରିମକୋର୍ଟ ଏକ ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଥିଲେ ଯେ, ହାଇକୋର୍ଟଙ୍କର ରାୟକୁ ଉଦାହରଣ ଭାବରେ ବିବେଚନା କରାଯିବା ଉଚିତ୍ ନୁହେଁ। ଏବେ ୨୦୨୫ ମସିହାରେ, ସୁପ୍ରିମକୋର୍ଟ ଝିଅର ବିବାହକୁ ବୈଧ ଘୋଷଣା କରିଛନ୍ତି।

# ନାଲ୍‌କୋ ପକ୍ଷରୁ 'ମିଡିଆ କନେକ୍ଟ ୨୦୨୫' ଆୟୋଜିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ମଙ୍ଗଳବାର ଭୁବନେଶ୍ୱର ଠାରେ 'ମିଡିଆ କନେକ୍ଟ ୨୦୨୫' ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଯୋଗାଯୋଗ ସଂସ୍ଥା ଯୋଗ ଦେଇଥିଲେ। ଏହି ବୈଠକରେ ନାଲ୍‌କୋ ଅଧ୍ୟକ୍ଷ-ତଥା-ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ ଉପସ୍ଥିତ ରହି ନିଜର ମତବିନିମୟ କରିଥିଲେ। ଏଥିସହ, ନାଲ୍‌କୋର ନିର୍ଦ୍ଦେଶକ ମଣ୍ଡଳୀ ଯଥା, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ନିର୍ଦ୍ଦେଶକ (ପ୍ରକଳ୍ପ ଏବଂ ବୈଷୟିକ) ଜଗଦୀଶ ଆରୋରା, ନିର୍ଦ୍ଦେଶକ (ମାନବସମ୍ବଳ) ଡକ୍ଟର ତାପସ କୁମାର ପଟ୍ଟନାୟକ ଏବଂ ନିର୍ଦ୍ଦେଶକ (ଅର୍ଥ) ଅଭୟ କୁମାର ବେହୁରିଆ ମଧ୍ୟ ଉପସ୍ଥିତ ଥିଲେ। ପ୍ରାରମ୍ଭରେ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ଆଶୁତୋଷ ରଥ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସ୍ୱାଗତ ଜଣାଇବା ସହ କମ୍ପାନୀର କାର୍ଯ୍ୟକଳାପ ଏବଂ ସଫଳତା ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ସମାବେଶକୁ ସମ୍ବୋଧିତ କରିବା ଅବସରରେ, ସିଏମଡି ଶ୍ରୀସିଂହ ଆଲୁମିନିୟମ ଏବଂ ଧାତୁଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ସିଏମଡି ଶ୍ରୀ ସିଂହ ଆଲୁମିନିୟମ ଏବଂ ଧାତୁ ଶିଳ୍ପର ସାମଗ୍ରିକ ବିକାଶ ପ୍ରତି କମ୍ପାନୀର ପ୍ରତିବଦ୍ଧତା ତଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶରେ କମ୍ପାନୀର ଯୋଗଦାନ ସମ୍ପର୍କରେ ଆଲୋକପାତ କରିଥିଲେ। କମ୍ପାନୀ ପ୍ରତି ରହିଥିବା ଆସ୍ଥା, ବିଶ୍ୱାସ ଓ ସହଯୋଗ ନିମନ୍ତେ ସେ ଖଣିମନ୍ତ୍ରଣାଳୟ, ଭାରତ ସରକାର, ରାଜ୍ୟସରକାର ତଥା ସମସ୍ତ ଅଂଶୀଦାରମାନଙ୍କୁ ଆନ୍ତରିକ କୃତଜ୍ଞତା ଜଣାଇଥିଲେ। ଗଣମାଧ୍ୟମ ଏବଂ କମ୍ପାନୀ ମଧ୍ୟରେ ଦୃଢ଼ ସହଭାଗୀତା ମାଧ୍ୟମରେ ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଦିଗରେ କାର୍ଯ୍ୟକରିବା ନିମନ୍ତେ ସେ ଗୁରୁତ୍ୱାରୋପ କରିଥିଲେ। ମିଡିଆ କନେକ୍ଟ ୨୦୨୫ ଦ୍ୱାରା ଗଣମାଧ୍ୟମ ପ୍ରତିନିଧି ଏବଂ କମ୍ପାନୀର ନେତୃତ୍ୱମଣ୍ଡଳୀଙ୍କ ମଧ୍ୟରେ କମ୍ପାନୀର ଦୃଷ୍ଟିକୋଣ, ଅଭିବୃଦ୍ଧି ପଥ, ଆଗାମୀ ପ୍ରକଳ୍ପ ଏବଂ ସିଏସଆର ପଦକ୍ଷେପବିଷୟରେ ଆଲୋଚନା ହୋଇଯାଇଛି । ପାରସ୍ପରିକ ସହଯୋଗ ମାଧ୍ୟମରେ ଅଂଶୀଦାରମାନଙ୍କ ସହିତ ସମ୍ପର୍କକୁ ସୁଦୃଢ଼ କରିବା ଦିଗରେ ନାଲ୍‌କୋର ଆଭିମୁଖ୍ୟକୁ ଗଣମାଧ୍ୟମ ସମ୍ପ୍ରଦାୟ ଦ୍ୱାରା ପ୍ରଶଂସା କରାଯାଇଥିଲା।

# ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି ନ୍ୟାସନାଲ କନଫରେନ୍ସ

**ସମ୍ବଲପୁର, ନ୍ୟୁଜ ବ୍ୟୁରୋ**




ଇଣ୍ଡିଆନ ପ୍ରୋକ୍ଟୋଲୋଜି ସୋସାଇଟି ତରଫରୁ ସମ୍ବଲପୁର ଟାଉନ ତପସ୍ୱିନୀ ହଲ, ଜିଲ୍ଲା ଅଡିଟରିୟମ ରେ ଆସନ୍ତା ଡ଼ିସେମ୍ବର ୧୩-୧୪ରିଖରେ ଏକ ନେସନାଲ କନଫରେନ୍ସ ଶୀର୍ଷକ ବିଷୟ ଉପରେ ଜାତୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହେବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଠାରେ ଏକାଧିକ ଥର ବିଚାର ବିମର୍ଶ ପରେ ସ୍ଥାନୀୟ ଚିକିତ୍ସକ ଏବଂ ସଂଗଠକ ମାନଙ୍କୁ ନେଇ ଏକ ସଂଗଠକ କମିଟି ଗଠନ କରାଯାଇଛି । ସେଥିରେ ଆନ୍ତର୍ଜାତୀୟ ଖ୍ୟାତି ସମ୍ପନ୍ନ ଶଲ୍ୟ ଚିକିତ୍ସକ ପ୍ରଫେସର ଏମିରେଟସ ପୁନେ ଡି.ୱାଇ. ପାଟିଲ ବିଶ୍ୱ ବିଦ୍ୟାଳୟ ତଥା ସୋସାଇଟିର ସ୍ଥାୟୀ ସଭାପତି ପ୍ରଫେସର ଡା. ଚତୁର୍ଭୁଜ ଭୂୟାଁ ଚେୟାରମ୍ୟାନ, ଡା. ଅନନ୍ତ ଆଚାର୍ଯ୍ୟ ଉପଦେଷ୍ଟା, ଡା. ନିତ୍ୟାନନ୍ଦ ସାହୁ ଏବଂ ଶ୍ରୀ ଗଙ୍ଗାଧର ମହାନନ୍ଦ ସଂଗଠନ ସମ୍ପାଦକ, ପ୍ରଫେସର ଅତୁଲ ପାଟିଲ (ଜାତୀୟ )ଏବଂ ଡା.ଦେବଦତ୍ତ ପରିଡା (ରାଜ୍ୟ) ସଂଯୋଜକ, ପ୍ରଫେସର ଡା. ବିହାରବିଦ୍ୱାଇ (ଜାତୀୟ )ଏବଂ ଡା. ନୀଳାଦ୍ରି ବେହେରା (ରାଜ୍ୟ) ଅର୍ଥବିଭାଗ, ପ୍ରଫେସର ଶାନ୍ତନୁ ଦାସ ଏବଂ ଡା.ବିନୋଦବିହାରୀ ନାୟକ ବିଜ୍ଞାନ ଆଲୋଚନା ସଚିବ, ଡା. ରାସକିର୍ତ୍ତୀ ରଞ୍ଜନ ଭୂୟାଁ, ଡା. ତାପସୀ ପ୍ରିୟଦର୍ଶିନୀ ମହାନ୍ତି, ଡା.ରତୁ ପର୍ଣ୍ଣା ବିଶ୍ୱାଳ ହେଲଥ ମେଡିକନ ଜର୍ଣ୍ଣାଲ ସମ୍ପାଦକ ମଣ୍ଡଳୀ ଭାବେ ଚୟନ କରାଯାଇ କର୍ମଶାଳା କାମଚାଲିଛି। ଏହି ପ୍ରସଙ୍ଗରେ ସମ୍ବଲପୁର ଅଇଁଠାପାଲିରେ ପ୍ରାୟତଃ ୨୦ଜଣ ସ୍ଥାନୀୟ ଡାକ୍ତର ମାନଙ୍କୁ ନେଇ ଏକ ପ୍ରୋକ୍ଟୋଲୋଜି ଶିକ୍ଷା ଓ କର୍ମଶାଳା କରାଯାଇଛି । ମାଝିପାଲିରେ ଥିବା ସରକାରୀ ହୋମିଓପ୍ୟାଥି ମେଡିକାଲ କଲେଜ, ବଲାଙ୍ଗୀର ଆୟୁର୍ବେଦିକ କଲେଜ ଏବଂ ପାଇକମାଲ ଆୟୁର୍ବେଦିକ କଲେଜ ଏବଂ ଅନୁସନ୍ଧାନ ଅନୁଷ୍ଠାନ ଶିକ୍ଷକ, ଛାତ୍ରଛାତ୍ରୀମାନଙ୍କୁ ଜାତୀୟ ସମ୍ମିଳନୀ ସମ୍ବନ୍ଧରେ ଚେୟାରମ୍ୟାନ ପ୍ରଫେସର ଭୂୟାଁ ,ଡା. ଅନନ୍ତ କୁମାର ଆଚାର୍ଯ୍ୟ,ଡା. ନିତ୍ୟାନନ୍ଦ ସାହୁ, ଡା. ନୀଳାଦ୍ରି ବେହେରା, ଡା.ଦେବଦତ୍ତ ପରିଡା ପ୍ରମୁଖ ଉପରୋକ୍ତ ସ୍ଥାନମାନଙ୍କୁ ଯାଇ ସମସ୍ତଙ୍କୁ ନେସନାଲ କନଫରେନ୍ସ ବିଷୟରେ ସଚେତନ କରିବା ସହିତ ସ୍ଥାନୀୟ ଗବେଷକ, ଇଞ୍ଜିନିୟର ,ଯେଉଁମାନେ ସେମାନଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି, ସେମାନଙ୍କୁ ବିଭିନ୍ନ ସଭା ସମିତି ମାଧ୍ୟମରେ ସଚେତନ କରିଆସୁଛନ୍ତି । ଉକ୍ତ ଜାତୀୟ ଚିକିତ୍ସା ବିଜ୍ଞାନ ସମ୍ମିଳନୀରେ ଭାରତର ଖ୍ୟାତନାମା ବିଭିନ୍ନ ଚିକିତ୍ସା ବିଭାଗର ଗବେଷକ ପ୍ରଫେସରମାନେ ବକ୍ତା ଭାବେ ଉପସ୍ଥିତ ରହିବାକୁ ସ୍ୱୀକୃତି ଦେଇଛନ୍ତି। ଏହି ସମ୍ମିଳନୀ ଦୁଇ ଦିନ ଧରି ଆଠଟି ବୈଜ୍ଞାନିକ ପର୍ଯ୍ୟାୟରେ ବିଭିନ୍ନ ପ୍ରତ୍ୟକ୍ଷ ପ୍ରଶ୍ନୋତ୍ତର ଆଲୋଚନା କରାଯିବ।

# ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ ଭୁବନେଶ୍ୱର ମଣ୍ଡଳର ୪୭ତମ ପ୍ରତିଷ୍ଠା ଦିବସ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଅଧିକାରୀ ସଂଘ, ଭୁବନେଶ୍ୱର ମଣ୍ଡଳ ନିଜର ୪୭ତମ ପ୍ରତିଷ୍ଠା ଦିବସକୁ ଗୌରବ, ସମ୍ମାନ ଓ ସମାଜସେବାର ଅଭୁତ ସମନ୍ୱୟ ସହିତ ପାଳନ କରିଛି । ଭୁବନେଶ୍ୱର ସ୍ଥିତ ସ୍ଥାନୀୟ ପ୍ରଧାନ କାର୍ଯ୍ୟାଳୟ ଠାରେ ସଂଘର ସଂସ୍ଥାପକ ସଦସ୍ୟ ଏନ୍.ଏନ୍. ଦାସ୍ ଓ ପି.ଭି.ଏସ୍. ମୂର୍ତ୍ତିଙ୍କୁ ମାଲ୍ୟାର୍ପଣ କରି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ମହାପ୍ରବନ୍ଧକ କୌଶଳ କିଶୋର ସିଂ ଏସ୍‌ବିଆଇ ଅଧିକାରୀମାନଙ୍କର ସେବା-ସ୍ଥିତି, ଅଧିକାର, କର୍ତ୍ତବ୍ୟ ଓ ସୁବିଧାସମୂହ ସମ୍ପର୍କିତ ପୁସ୍ତକ "ଅଫିସର" ସର୍ଭିସ କଣ୍ଡିସନକୁ ଉନ୍ମୋଚନ କରିଥିଲେ । ଏହି ଅବସରରେ ଉପମାହାପ୍ରବନ୍ଧକ ଓ ମଣ୍ଡଳ ବିକାଶ ଅଧିକାରୀଙ୍କ ସହିତ ଅନ୍ୟ ବରିଷ୍ଠ ଅଧିକାରୀ, କର୍ମଚାରୀ ସଂଘ ସାଧାରଣ ସଚିବ ଓ ଅଧକ୍ଷ ଆଦି ଉପସ୍ଥିତ ଥିଲେ। ଏହି ଅବସରରେ ସମାଜ ପ୍ରତି ସଂଘର ଦାୟିତ୍ୱବୋଧକୁ ପ୍ରକାଶ କରି, ଭୁବନେଶ୍ୱରର ଉନିଟ୍-୬ ର "ଆଶ୍ରୟ" ଡେଷ୍ଟିଟ୍ୟୁଟ୍‌ରେ ନିରାଶ୍ରୟଙ୍କ ପାଇଁ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମ ପରିଚାଳିତ ହେଲା ତଥା ସହରରେ ଯାତାୟାତ ଓ ଶୃଙ୍ଖଳା ବ୍ୟବସ୍ଥାରେ ନିଷ୍ଠା, ପରିଶ୍ରମ ଓ ଶୃଙ୍ଖଳାନୁଶାସନ ରକ୍ଷାରେ ସେବାଦାନ କରୁଥିବା ୪୧ ଜଣ ଟ୍ରାଫିକ୍ କର୍ମଚାରୀଙ୍କୁ ସମ୍ମାନିତ କରାଗଲା । ଏହି ଅବସରରେ ଆୟୋଜିତ ସାୟଂ କାଳୀନ ସଭାରେ ସଂଘର ସାଧାରଣ ସଚିବ ଅରୁଣ ବିଷୋଇ ସମସ୍ତ ପଦାଧିକାରୀଙ୍କ ଉପସ୍ଥିତିରେ ସଂଘର ପୂର୍ବ ନେତୃବୃନ୍ଦଙ୍କ ତ୍ୟାଗ, ଦୂର ଦର୍ଶିତା ଓ ସାଂଗଠନିକ ନେତୃତ୍ୱର ଭୂୟସୀ ପ୍ରଶଂସା କରିବା ସହିତ ସଦସ୍ୟ ମାନଙ୍କ କଲ୍ୟାଣ ନିମିତ୍ତ ଆଗାମୀ କାର୍ଯ୍ୟପନ୍ଥା ବିଷୟରେ ଦିଗ୍ଦର୍ଶନ ପ୍ରଦାନ କରିଥିଲେ । ଏହି ସଭାକୁ ଅଧକ୍ଷ ଅମିତାଭ ଦାସ ପରିଚାଳନା କରିଥିଲେ ।

# ପୁରୁଣା ଭୁବନେଶ୍ୱର ଜୋନର ମାଆମାନଙ୍କଦ୍ୱାରା ଆୟୋଜିତ 'ଶ୍ରାବଣ ପରିକ୍ରମା'

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପରମାରାଧ୍ୟା ଜଗତଜନନୀ ଶ୍ରୀ ଶ୍ରୀ ବଡ଼ମାଆଙ୍କ ଶୁଭ ୧୩୨ତମ ଜନ୍ମ ମାସ ପାଳନ

**ପୂର୍ବ ତଟ ରେଳପଥ**
**'ଇ' କ୍ରୟ ପ୍ରଣାଳୀ**
ଟେଣ୍ଡର ବିଜ୍ଞପ୍ତି ସଂ. SDMM/KUR/EP/ 2024-25/E-procurement Tender Notice/07, ତା.13.08.2025ରିଖ
ନିମ୍ନଲିଖିତ ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ : www.ireps.gov.in ରେ ଅପ୍‌ଲୋଡ କରାଯାଇଛି।
କ୍ରମ ସଂ. 01 : ଟେଣ୍ଡର ସଂ. 81256026, ସାମଗ୍ରୀ ଗୁଡ଼ିକର ସଂକ୍ଷିପ୍ତ ବିବରଣୀ : KEO ଡିଜାଇନ୍ ଡିଷ୍ଟ୍ରିବ୍ୟୁଟର ଭାଲ୍‌ବ ନିମନ୍ତେ ପ୍ରେସର ଟ୍ରାନ୍ସଫର୍ମର ଟାଇପ୍ - DU 111A, ପରିମାଣ : 600 ସଂଖ୍ୟକ।
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : 08.09.2025, 1500 ଘଟିକାରେ।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ / ଖୋର୍ଦ୍ଧା ରୋଡ଼
PR-493/Q/25-26



ଅବସରରେ 'ଶ୍ରାବଣ ପରିକ୍ରମା' ମାତୃ ସମ୍ମିଳନୀ ସାମନ୍ତରାପୁର ସ୍ଥିତ ସରସ୍ୱତୀ ମଣ୍ଡପ ଠାରେ ଗତ ୧୬/୦୮/୨୦୨୫ରିଖରେ ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ କୁମାରୀ ରତ୍ନା ପ୍ରଧାନ ଓ ଶ୍ରୀମତୀ ସୁପର୍ଣ୍ଣା ମହାପାତ୍ର ଯଥାକ୍ରମେ ବକ୍ତା ଓ ମୁଖ୍ୟ ବକ୍ତା ଭାବରେ ଯୋଗଦାନ କରି ପରମାରାଧ୍ୟା ଜଗତଜନନୀ ଶ୍ରୀ ଶ୍ରୀ ବଡ଼ମାଆଙ୍କ ଜୀବନୀୟ ଲୀଳା ସମ୍ପର୍କରେ ଆଲୋକପାତ ତଥା ପରମପ୍ରେମମୟ ଶ୍ରୀ ଶ୍ରୀ ଠାକୁରଙ୍କର ଦୃଷ୍ଟିରେ ସୁସ୍ଥ ସମାଜ ଗଠନ ପାଇଁ ସୁବିବାହ ଓ ସୁସନ୍ତାନ ସୃଷ୍ଟିର ଆବଶ୍ୟକତା ଶୀର୍ଷକ ମହତ୍ତ୍ୱପୂର୍ଣ୍ଣ ଦିଗ ସମ୍ବନ୍ଧରେ ବିଶେଷ କରି ରେଖାପାତ କରିଥିଲେ। ଉକ୍ତ ମାତୃ ସମ୍ମିଳନୀରେ ଶ୍ରୀମତୀ ଉର୍ମିଳା ଦାସଙ୍କ ସଂଯୋଜନାରେ କଣ୍ଠଶିଳ୍ପୀ ସ୍ୱେତା, ଅଞ୍ଜନା, ସ୍ୱପ୍ନା, ଦିପାଳୀ, ମାଧବୀ, ଦ୍ୱିକା, ସ୍ୱାତୀ ଓ ରାଜଲକ୍ଷ୍ମୀ ଦ୍ୱାରା ପରିବେଷିତ ଭଜନ, କୋରସ ଓ କୀର୍ତ୍ତନ ଖୁବ୍ ସୁନ୍ଦର ଉପଭୋଗ୍ୟ ହୋଇଥିଲା। ଏହି ମାତୃ ସମ୍ମିଳନୀ ଶ୍ରୀମତୀ ଗୀତାଞ୍ଜଳୀ ବିଶ୍ୱାଳ, ରୀନାରାଣୀ ପ୍ରଧାନ, ପଦ୍ମିନୀ ପରିଡ଼ା, ରଞ୍ଜୁଲତା ନାୟକ, ସୋନାଲୀ ମିଶ୍ର, ବନ୍ଦୀତା ପାତ୍ର, ସବିତା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସାଫଲ୍ୟ ମଣ୍ଡିତ ହୋଇଥିଲା। ଏଥିରେ ଶ୍ରୀମତୀ ପ୍ରତିଭା ମିଶ୍ର ଓ ଚପଳା ସେନାପତି ସଭାପତିତ୍ୱ କରିଥିଲେ। ଶେଷରେ ଶ୍ରୀମତୀ ମନସ୍ୱିନୀ ନାୟକ ଜୟଧ୍ୱନି ପ୍ରଦାନ କରିଥିଲେ ଓ ଶ୍ରୀମତୀ ନିରୁପମା ଖଟୁଆ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ମାତୃ ସମ୍ମିଳନୀ ସମାପନ ହୋଇଥିଲା।

ଭୁବନେଶ୍ୱର
୨୦ ଅଗଷ୍ଟ,
ବୁଧବାର,୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା: ମହାପ୍ରଭୁଙ୍କ କାଳୀୟଦଳନ ବେଶ ନୀତି ସମ୍ପନ୍ନ



**ପୁରୀ,୧୯/୦୮**
**ନ୍ୟୁଜ ବ୍ୟୁରୋ**

ମଙ୍ଗଳବାର ଏକାଦଶୀ ତିଥିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହେବା ସହ ମାର୍କଣ୍ଡେୟ ପୁଷ୍କରିଣୀଠାରେ କାଳୀୟଦଳନ ନୀତି ସମ୍ପନ୍ନ ହୋଇଛି।

ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଅବସରରେ ଭାଦ୍ରବ କୃଷ୍ଣ ଏକାଦଶୀ ଶ୍ରୀବିଗ୍ରହଙ୍କ କାଳୀୟଦଳନ ନୀତି ଓ ଧେନୁକାସୁର ବଧ ନୀତି ଅନୁଷ୍ଠିତ ହୋଇଛି । କାଳୀୟଦଳନ ବେଶରେ ମହାପ୍ରଭୁ ଉଭା ହୋଇଥିଲେ। ସାତ ଫଣା ଥାଇ କାଳୀୟନାଗ ଉପରେ ଶ୍ରୀଜଗନ୍ନାଥ ନୃତ୍ୟ କରୁଥିବା ଭଙ୍ଗିରେ ଦର୍ଶନ ଦେଇଥିଲେ । କାଳୀୟ ନାଗ ଠାକୁରଙ୍କ ଶ୍ରୀଅଙ୍ଗଙ୍କୁ ଆବୃତ କରିଥିଲା । କାଳିନ୍ଦୀ ହ୍ରଦର ଭୟାବହ କାଳୀୟ ସର୍ପକୁ ଶ୍ରୀକୃଷ୍ଣ ଦଳି ଦମନ କରିଥିଲେ । ଏହି ଆଖ୍ୟାୟିକା ସ୍ମୃତିରେ ବଡ଼ଦେଉଳରେ ମହାପ୍ରଭୁଙ୍କ କାଳୀୟଦଳନ ବେଶ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଧେନୁକାସୁର ବଧ ନୀତି ସମ୍ପନ୍ନ ହୋଇଛି। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରୁ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଜନ୍ମ ସହ ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଦଶମୀ ତିଥି ସୋମବାର ଅବସରରେ ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବନଭୋଜି ବେଶ ଅନୁଷ୍ଠିତ ହୋଇଥିଲା। ଏହା ଛଡା କୋଳିବିକା ନୀତି ସହ ବକାସୁର, ଅର୍ଘାସୁର ବଧ ନୀତି ମଧ୍ୟ ସମ୍ପନ୍ନ ହୋଇଥିଲା। କୋଳିବିକା ନୀତି ସରିବା ପରେ ପୁଷ୍ପାଳକ ସେବକମାନେ ଶ୍ରୀବିଗ୍ରହଙ୍କୁ ବନଭୋଜି ବେଶରେ ଭୂଷିତ କରାଇଥିଲେ। ଏହି ବେଶରେ ମହାପ୍ରଭୁ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ପ୍ରାୟ ୧୮ପ୍ରକାର ଲାଗି ହୋଇଥିଲେ।

# ଶ୍ରୀମନ୍ଦିରରେ ବଢିଲା ସୁରକ୍ଷା ବ୍ୟବସ୍ଥା : ଏଣିକି ସାବାଡ଼ ହେବେ ଅମାନିଆ

**ପୁରୀ, ୧୯/୮ ନ୍ୟୁଜ ବ୍ୟୁରୋ**

ପ୍ରଶାସନକୁ ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା। ସୁରକ୍ଷା ବ୍ୟବସ୍ଥାକୁ ଚ୍ୟାଲେଞ୍ଜ କରୁଥିବା ଘଟଣାକୁ ଏଡ଼ାଇବା ପାଇଁ ଶ୍ରୀମନ୍ଦିର ଭିତରେ ଲାଗିଲା ବ୍ୟାରିକେଡ଼। ଶ୍ରୀମନ୍ଦିରର ମେଘନାଦ ପ୍ରାଚୀର ଉପରେ ବାରମ୍ବାର ଭକ୍ତ ଚଢ଼ିଯିବା ଘଟଣାକୁ ଗୁରୁତର ଭାବେ ନେଇଛି ପୋଲିସ ବିଭାଗ । ଯେଉଁ ସ୍ଥାନ ଗୁଡ଼ିକରୁ ଭକ୍ତ ମେଘନାଦ ପ୍ରାଚୀର ଉପରେ ଚଢିବାର ପ୍ରୟାସ କରୁଥିଲେ, ସେ ସବୁ ସ୍ଥାନକୁ ଚିହ୍ନଟ କରିଛି ପୋଲିସ । ମେଘନାଦ ପ୍ରାଚୀର ଉପରେ କୌଣସି ବ୍ୟକ୍ତି ଯେଭଳି ନ ଚଢ଼ିବେ ସେନେଇ ସଜାଗ ହୋଇଛି ପୋଲିସ ପ୍ରଶାସନ। କେହି କେତେବେଳେ ମେଘନାଦ ପ୍ରାଚୀର ଦେଇ ଶ୍ରୀମନ୍ଦିର ପରିସରକୁ ଚାଲିଯାଉଥିଲେ ତ କିଏ ବେହରଣ ଦ୍ୱାର ଦେଇ ଶ୍ରୀମନ୍ଦିର ପରିସର ଭିତରକୁ ପ୍ରବେଶ କରୁଥିଲେ । ଉକ୍ତ ସ୍ଥାନରେ ପୋଲିସ୍ ପକ୍ଷରୁ ବ୍ୟାରିକେଡ଼ ବ୍ୟବସ୍ଥା କରାଯାଇଛି । ଅନେକ ସମୟରେ ଭାବାବେଗର ବଶବର୍ତ୍ତୀ ହୋଇ କିଛି ଭକ୍ତ ଶ୍ରୀମନ୍ଦିର ପରିସରକୁ ଚାଲି ଯାଉଛନ୍ତି । ତେବେ ଯେଉଁ ସ୍ଥାନରେ ଶ୍ରୀମନ୍ଦିର ପରସରକୁ ଚାଲିଯିବାର ସମ୍ଭାବନା ଅଛି ଉକ୍ତ ସ୍ଥାନକୁ ପୋଲିସ୍ ବ୍ୟାରିକେଡ଼ କରି ରାସ୍ତା ବନ୍ଦ କରିଛି । ପ୍ରାଚୀର ଡେଇଁ ଶ୍ରୀମନ୍ଦିର ପରସରକୁ ଚାଲିଯିବା ବେଆଇନ୍ ବୋଲି ଶ୍ରୀମନ୍ଦିର ଭିତରେ ସୂଚନା ଫଳକ ଲଗାଯିବାର ଆବଶ୍ୟକତା ରହିଛି । ନିୟମ ଉଲ୍ଲଂଘନ କଲେ ଅମାନିଆଙ୍କୁ ଜରିମାନା ସହିତ କଡ଼ା ଦଣ୍ଡବିଧାନର ଆବଶ୍ୟକତା ରହିଛି ।

ଗତ ୧୬ ତାରିଖରେ ଶ୍ରୀମନ୍ଦିର ଭିତରେ କଡା ସୁରକ୍ଷା ସତ୍ତ୍ୱେ ଝାଡ଼ଖଣ୍ଡର ଜଣେ ଶ୍ରଦ୍ଧାଳୁ ବେହରଣ ଦ୍ୱାର ନିକଟରେ ଥିବା ଦକ୍ଷିଣ ଘର କବାଟ ଦେଇ ମୁଖ୍ୟ ମନ୍ଦିର ଉପରକୁ ୭ ଫୁଟ ଚଢ଼ିଯାଇଥିଲେ । ଏହା ଦେଖିବା ପରେ ଶ୍ରୀମନ୍ଦିରରେ ମୁତୟନ ଥିବା ଜେଟିପି ତାଙ୍କୁ ବାରଣ କରିବା ସହ ତଳକୁ ଓହ୍ଲାଇଥିଲେ । ମାତ୍ର ଏହିଘଟଣା ପ୍ରଥମ ନୁହେଁ। ଏହା ପୂର୍ବରୁ ଗଞ୍ଜାମର ଜଣେ ଶ୍ରଦ୍ଧାଳୁ ଶ୍ରୀମନ୍ଦିରର ଉପର ଅଁଳାବେଢ଼ାକୁ ଚଢ଼ି ଯାଇଥିଲେ । ଏହା ପରେ ଶ୍ରୀମନ୍ଦିରର ସୁରକ୍ଷା ବ୍ୟବସ୍ଥାକୁ ନେଇ ବେଶ ଚର୍ଚ୍ଚା ଆରମ୍ଭ ହୋଇଥିଲା । ବାରମ୍ବାର ଏପରି ଘଟଣା ସତ୍ତ୍ୱେ ଏହାର ସ୍ଥାୟୀ ପ୍ରତିକାର ପାଇଁ ପୋଲିସ ପକ୍ଷରୁ ବ୍ୟବସ୍ଥା କିଛି ହୋଇ ନଥିଲା । ତେବେ ଗତ ୧୬ ତାରିଖରେ ଜଣେ ବ୍ୟକ୍ତି ଶ୍ରୀମନ୍ଦିର ଉପରକୁ ଚଢ଼ିବା ପାଇଁ ଉଦ୍ୟମ କରିବାର ଘଟଣା ପରେ ପୋଲିସ ଗମ୍ଭୀରତାର ସହିତ ଘଟଣାକୁ ନେଇଛି । ପୁରୀ ଏସ୍‌ପି ପିନାକ ମିଶ୍ର କହିଛନ୍ତି, 'ଶ୍ରୀମନ୍ଦିର ପରିସରକୁ ବାରମ୍ବାର ଲୋକେ ଚାଲିଯିବା ଘଟଣା ନଜରକୁ ଆସିଛି । ଏହାକୁ କିଭଳି ରୋକାଯାଇପାରିବ ସେ ନେଇ ପୋଲିସ ପକ୍ଷରୁ ବିଧିବଦ୍ଧ ବ୍ୟବସ୍ଥା ଆରମ୍ଭ ହୋଇଛି । ବିଶେଷ କରି ଭକ୍ତମାନେ ଏକାଦଶୀ ମନ୍ଦିର ନିକଟରେ ଓ ଦକ୍ଷିଣୀ ଘର ନିକଟରେ ଶ୍ରୀମନ୍ଦିର ଉପରକୁ ଚଢ଼ି ଯିବାକୁ ବାରମ୍ବାର ଉଦ୍ୟମ କରିଥିବା ନଜରକୁ ଆସିଛି । ଏହାକୁ ଦୃଷ୍ଟିରେ ରଖାଯାଇ ସେଠାରେ ବ୍ୟାରିକେଡ଼ ଦେଇ ଅବରୋଧ କରାଯାଇଛି । ସେଠାରେ ଅଧିକ ପୋଲିସ ଅଧିକାରୀଙ୍କୁ ମଧ୍ୟ ମୁତୟନ କରାଯାଇଛି ।

## ଦିଦାୟୀ ସମ୍ପ୍ରଦାୟର ଝିଅ ନିଟ୍‌ରେ କୃତକାର୍ଯ୍ୟ ହେବା ଗର୍ବର ବିଷୟ : ଗଣଶିକ୍ଷା ମନ୍ତ୍ରୀ

**ଭୁବନେଶ୍ୱର,୧୯/୦୮**
**ନ୍ୟୁଜ ବ୍ୟୁରୋ**

ମାଲକାନଗିରିର ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଡାକ୍ତର ହେବାକୁ ଯାଉଥିବା ଚମ୍ପା ରାସପେଦାଙ୍କୁ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଶୁଭେଚ୍ଛା ଜଣାଇଛନ୍ତି।

ମନ୍ତ୍ରୀ କହିଛନ୍ତି ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଡାକ୍ତର ହେବ। ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍‌ରେ କୃତକାର୍ଯ୍ୟ ହୋଇ ଗର୍ବ ଓ ଗୌରବ ଆଣିଛନ୍ତି। ମାଲକାନଗିରି ଜିଲ୍ଲାକୁ ଅପହଞ୍ଚ ଇଲାକା କହୁଥିବାବେଳେ, ସେହି ଅଞ୍ଚଳର ଜଣେ ଝିଅ ମେଡିକାଲ ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହେବା ନିଶ୍ଚୟ ଗର୍ବର ବିଷୟ। ମନ୍ତ୍ରୀ ଶ୍ରୀ ଗଣ୍ଡ କହିଛନ୍ତି ଯେ, ଆଦିବାସୀ ସ୍କୁଲ୍‌ରେ ଆଦିବାସୀ ଶିକ୍ଷକ ନିଯୁକ୍ତି ନେଇ ରାଜ୍ୟ ସରକାର ଚିନ୍ତା କରୁଛନ୍ତି। ଛୋଟ ପିଲାଙ୍କୁ ଆଞ୍ଚଳିକ ଭାଷାରେ ପାଠ ପଢ଼ାଇବା ବା ନିଜ ଅଞ୍ଚଳର ପିଲାଙ୍କୁ ନିଜ ଭାଷାରେ ଶିକ୍ଷା ପ୍ରଦାନ ପାଇଁ ଯୋଜନା କରାଯାଉଛି।

# ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋର ନିଟ୍ ଲାଭ ୧୦୬୪ କୋଟି

**ଭୁବନେଶ୍ୱର, ୧୯/୮**
**ନ୍ୟୁଜ ବ୍ୟୁରୋ**

ଭାରତର ଅନ୍ୟତମ ନବରତ୍ନ କମ୍ପାନୀ ତଥା ଆଲୁମିନା ଓ ଆଲୁମିନିୟମ ଉତ୍ପାଦନ ଏବଂ ଘରୋଇ ବିକ୍ରି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ୧୦୬୪ କୋଟି ଟଙ୍କା ନିଟ୍ ଲାଭ ହାସଲ କରିବାରେ ସଫଳତା ଲାଭ କରିଛି। ଗତ ଆର୍ଥିକ ବର୍ଷର ଏହି ସମୟରେ ନାଲ୍‌କୋ ୬୦୧ କୋଟି ଟଙ୍କା ଲାଭ କରିଥିବା ବେଳେ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ନିଟ୍ ଲାଭ ହାସଲ କରିବାରେ ୭୭% ବୃଦ୍ଧି ଘଟାଇ ପାରିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲ୍‌କୋ ସର୍ବାଧିକ ନିଟ୍ ଲାଭ ୫୩୨୫ କୋଟି ଟଙ୍କା ହାସଲ କରିପାରିଥିବା ବେଳେ ବାର୍ଷିକ ଲାଭ ୧୫୮% ବୃଦ୍ଧି ଘଟାଇପାରିଥିଲା। ଏହା ଦ୍ୱାରା କମ୍ପାନୀର ସର୍ବାଧିକ ରାଜସ୍ୱ ସଂଗ୍ରହ ୧୬,୭୮୮ କୋଟି ହୋଇପାରିଥିଲା।

ମଙ୍ଗଳବାର ନାଲ୍‌କୋ ପକ୍ଷରୁ ଆୟୋଜିତ ଏକ ପ୍ରେସ୍‌ମିଟ୍ ଅବସରରେ ଏ ସମ୍ପର୍କରେ ସୂଚନା ଦିଆଯାଇ କୁହାଯାଇଛି ଯେ, ଦେଶର ସର୍ବାଧିକ ଆଲୁମିନା ଓ ଆଲୁମିନିୟମ ଉତ୍ପାଦନ ଓ ରପ୍ତାନି କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିବା ସହ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଏବଂ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଉତ୍ପାଦନ ଓ ବିକ୍ରି କ୍ଷେତ୍ରରେ ରେକର୍ଡ ସୃଷ୍ଟି କରିପାରିଛି। ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ନାଲ୍‌କୋ ବକ୍ସାଇଟ୍ ପରିବହନ କ୍ଷେତ୍ରରେ ୬.୫୬% ବୃଦ୍ଧି ଘଟାଇଛି। ଆଲୁମିନା ହାଇଡ୍ରେଟ୍ ଉତ୍ପାଦନ କ୍ଷେତ୍ରରେ ୩୫.୫% ବୃଦ୍ଧି ଘଟାଇପାରିଛି। ସେହିପରି ପୂର୍ବ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଅପେକ୍ଷା କାଲସିନେଡ୍ ଆଲୁମିନା ୫୨.୨୫% ଏବଂ ଆଲୁମିନିୟମ କାଷ୍ଟ ମେଟାଲ୍ ୨.୬୮% ଉତ୍ପାଦନ ବୃଦ୍ଧି ଘଟାଇପାରିଛି। ବିକ୍ରି କ୍ଷେତ୍ରରେ ନାଲ୍‌କୋ ରେକର୍ଡ ପରିମାଣର ୨୦୯% ରପ୍ତାନୀ ବୃଦ୍ଧି ଏବଂ ଘରୋଇ ଆଲୁମିନା ବିକ୍ରି କ୍ଷେତ୍ରରେ ୧୯୦% ବୃଦ୍ଧି ଘଟାଇ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ନାଲ୍‌କୋ ସର୍ବାଧିକ ୭୬.୪୮ ଲକ୍ଷ ଟନ୍‌ର ବକ୍ସାଇଟ୍ ଉତ୍ତୋଳନ ଏବଂ ରେକର୍ଡ ପରିମାଣର ଘରୋଇ ଧାତବ ବିକ୍ରି ୪.୫୫ଲକ୍ଷ ଟନ୍ କରିପାରିଛି। ନାଲ୍‌କୋ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୬,୬୪୧ ଏମ୍‌ୟୁ ନେଟ୍ ଶକ୍ତି ଉତ୍ପାଦନ କରି ରେକର୍ଡ ସୃଷ୍ଟି କରିଛି।

## ନ୍ୟୁଜ ୧୮ର ରାଇଜିଂ ଓଡ଼ିଶା କନ୍‌କ୍ଲେଭ୍

# ସବୁ କ୍ଷେତ୍ରରେ ଉତ୍କର୍ଷ ଓ ସାମଗ୍ରିକ ସଫଳତା ହିଁ ବର୍ତ୍ତମାନ ସମୟର ଆବଶ୍ୟକତା : ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୧୯/୦୮**
**ନ୍ୟୁଜ ବ୍ୟୁରୋ**

ଗଣମାଧ୍ୟମ ନ୍ୟୁଜ ୧୮ର 'ରାଇଜିଂ ଓଡ଼ିଶା' କନ୍‌କ୍ଲେଭ୍ ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ମହିଳା ସଶକ୍ତିକରଣ ଦିଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସବୁଠାରୁ ଉତ୍କୃଷ୍ଟ ଏବଂ ସୁଭଦ୍ରା ଭଳି ଯୋଜନାର ସଫଳ ରୂପାୟନ ହିଁ ଆମ ପ୍ରତିବଦ୍ଧତାର ପରିଚୟ ବୋଲି କହିଥିଲେ।

୧୭ ଲକ୍ଷ ଲକ୍ଷପତି ଦିଦି, ସମୃଦ୍ଧ କୃଷକ ଯୋଜନାରେ ଧାନ କୁଇଣ୍ଟାଲ ପିଛା ଅତିରିକ୍ତ ୮୦୦ ଟଙ୍କା, ଆୟୁଷ୍ମାନ ଭାରତ ଯୋଜନା ରାଜ୍ୟରେ କାର୍ଯ୍ୟକାରୀ କରିବା, ୧୪ ମାସରେ ୧୪ଟି ଜନଶୁଣାଣୀ କରି ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ଅଭିଯୋଗର ସମାଧାନ କରିବା, ଜାତୀୟ ଶିକ୍ଷା ନୀତି ଲାଗୁ କରିବା, ପ୍ରି-ସ୍କୁଲ ପିଲାଙ୍କ ପାଇଁ ଶିଶୁ ବାଟିକା, ପିଏମଶ୍ରୀ ଓ ପିଏମ ଉଷା ଯୋଜନା କାର୍ଯ୍ୟକାରୀ କରିବା, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ଯୋଜନା ବଳରେ ପ୍ରାଥମିକ ଶିକ୍ଷାର ସ୍ତରକୁ ଆହୁରି ମଜଭୁତ କରିବା ଭଳି କାର୍ଯ୍ୟ କରି ଆମ ସରକାର ଗୋଟିଏ ବର୍ଷରେ ଜନତାଙ୍କର ଅତି ନିକଟତର ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ କହିଥିଲେ। ଶିଳ୍ପାୟନରେ ଉତ୍କର୍ଷ ଓଡ଼ିଶା-ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ, ଓଡ଼ିଶା ଟେକ୍ସ ଟାଇଲ କନ୍‌କ୍ଲେଭ୍ , ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା, ବର୍ତ୍ତମାନ ସୁଦ୍ଧା ୨୮ ହଜାରରୁ ଅଧିକ ସରକାରୀ ନିଯୁକ୍ତି ଓ ପ୍ରଥମ ଦୁଇ ବର୍ଷ ମଧ୍ୟରେ ୮୫ ହଜାର ନିଯୁକ୍ତି ପାଇଁ ପ୍ରକ୍ରିୟା ଆରମ୍ଭ ଓ ଆହୁରି ଅନେକ ସଫଳ କାର୍ଯ୍ୟକ୍ରମ ଆମେ ଏହି ୧୪ ମାସରେ ହାସଲ କରିଛୁ। ଏହାସହିତ ଭବିଷ୍ୟତରେ ବିକାଶର ଚରମ ସୀମାରେ ପହଞ୍ଚିବା ପାଇଁ ଏବେଠୁ ଆମେ ରଣନୀତି ପ୍ରସ୍ତୁତ କରୁଛୁ। ବର୍ତ୍ତମାନର ଉତ୍କର୍ଷ ଓ ବର୍ତ୍ତମାନର ସାମଗ୍ରିକ ସଫଳତା ଉପରେ ଆମର ଅଧିକ ଫୋକସ ରହିବା ଆବଶ୍ୟକ, ଏହାହିଁ 'ସମୃଦ୍ଧ ଓଡ଼ିଶା' ଲକ୍ଷ୍ୟ ଦିଗରେ ଆମକୁ ଅଗ୍ରସର କରାଇବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଏହା ମଧ୍ୟ କହିଥିଲେ ଯେ ହିନ୍ଦୀ ଓ ଇଂରାଜୀ ସମେତ ୧୬ଟି ଭାଷାରେ ୨୦ଟି ଚ୍ୟାନେଲ ନ୍ୟୁଜ୍୧୮ ମାଧ୍ୟମରେ ଖବର ପରିବେଷଣ କରୁଛି ।

**ଲାଞ୍ଚ ମାମଲାରେ ପୂର୍ବତନ ଯନ୍ତ୍ରୀଙ୍କୁ ୩ ବର୍ଷ ଜେଲ୍ ସହ ୫୦ ହଜାର ଜରିମାନା**

# ବନ୍ଧା ହେଲେ ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ

**ଭୁବନେଶ୍ୱର, ୧୯/୦୮ ନ୍ୟୁଜ ବ୍ୟୁରୋ**

ଲାଞ୍ଚ ନେବା ମାମଲାରେ ପୂର୍ବତନ ଯନ୍ତ୍ରୀ ଦୋଷୀ ସାବ୍ୟସ୍ତ । ବାଲେଶ୍ୱର ଜିଲ୍ଲା ଜଳସେଚନ ବିଭାଗର ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ କୁମୁଦା ଚନ୍ଦ୍ର ପ୍ରଧାନଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଦୋଷୀ ସାବ୍ୟସ୍ତ କରି ତିନି ବର୍ଷ ଜେଲ୍ ଦଣ୍ଡ ସହିତ ୫୦ ହଜାର ଟଙ୍କା ଜରିମାନା ଲଗାଇଛନ୍ତି। ସୂଚନା ଅନୁଯାୟୀ, ବାଲେଶ୍ୱର ଜଳସେଚନ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ କୁମୁଦା ଚନ୍ଦ୍ର ପ୍ରଧାନ ଜଣେ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ ସମ୍ପର୍କରେ ଚୁକ୍ତିନାମା ପ୍ରକ୍ରିୟାକରଣ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରା ପଡ଼ିଥିଲେ । ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ୧୯୮୮ ଧାରା ୧୩(୨) ଓ ୧୩(୧)(ଡି)/୭ ପିସି ଆଇନ ଅନୁଯାୟୀ ଚାର୍ଜସିଟ୍ ଦାଖଲ କରିଥିଲା । ସ୍ୱତନ୍ତ୍ର ଅଦାଲତ ବାଲେଶ୍ୱର, ମାମଲାର ଶୁଣାଣି କରି, ତଥ୍ୟ ପ୍ରମାଣ ଆଧାରରେ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ରାୟ ଶୁଣାଇଛନ୍ତି। ସେହିପରି ଜଳସେଚନ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଲାଞ୍ଚ ନେବା ମାମଲାରେ ସୋମବାର ଚଢ଼ଉ ହୋଇଥିବା ବେଳେ ମଙ୍ଗଳବାର ତାଙ୍କୁ ଗିରଫ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଅନୁଗୁଳ ଜଳସେଚନ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ବାନ୍ଧିଛି ଭିଜିଲାନ୍ସ ଟିମ୍ । ଆୟ ଠାରୁ ଅଧିକ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ଆସିବା ପରେ ସୋମବାର ଦୁର୍ନୀତି ନିବାରଣ ଟିମ୍ ଜଳସେନ ବିଭାଗର ଅଧିକ୍ଷୀଣ ଯନ୍ତ୍ରଙ୍କ ଠିକଣାରେ ରେଡ୍ କରିଥିଲା। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯିବା ନେଇ ସୂଚନା ଦେଇଛନ୍ତି ଭିଜିଲାନ୍ସ ଅଧିକାରୀ। ରେଡ୍ ବେଳେ ଯନ୍ତ୍ରୀ ସୁରେନ୍ଦ୍ର ବେହେରାଙ୍କ ନିକଟରୁ ୨.୩୩ ଲକ୍ଷ ଟଙ୍କା ଯବତ ହୋଇଥିଲା। ସୁନ୍ଦରଗଡ଼ ତାଙ୍କର ତିନି ମହଲା ଘର ଯାହା ୪୨୦୦ ବର୍ଗଫୁଟ୍‌ରେ ଠିଆ ହୋଇଛି। ରାଉରକେଲା ଛେଣ୍ଡରେ ୩୫୦୦ ବର୍ଗଫୁଟରେ ରହିଛି ୨ ମହଲା କୋଠା, ଭୁବନେଶ୍ୱର ଘାଟିକିଆ ଅରୋଭିଲ୍ଲାରେ ଗୋଟିଏ ୩ ଓ ୨ ବିଏଚ୍‌କେ ଫ୍ଲାଟ୍ (ନଂ ୪୦୩ ଓ ୩୦୨), ଗଞ୍ଜାମ ପୁରୁଷୋତ୍ତମପୁରରେ ୨ଟି, ସୁନ୍ଦରଗଡ଼ରେ ୧ଟି ଓ ରାଉରକେଲାରେ ୧ଟି ପ୍ଲଟ୍ ଠାବ ହୋଇଥିଲା । ତା'ଛଡ଼ା ବ୍ୟାଙ୍କ୍ ଓ ପୋଷ୍ଟାଲ୍‌ରେ ୫୧ ଲକ୍ଷ ୯୭ ହଜାର ଟଙ୍କାର ଜମା ରାଶି ଭିଜିଲାନ୍ସ ହାତରେ ଲାଗିଥିବା ଜଣାପଡିଛି। ସେହିପରି ଖଣ୍ଡଗିରି ଘାଟିକିଆରେ ଥିବା ଆକ୍ସିସ୍ ବ୍ୟାଙ୍କ୍‌ରେ ତାଙ୍କର ଏକ ଲକର ମିଳିଛି । ଏହି ଲକର ସୁରେନ୍ଦ୍ରଙ୍କ ସମ୍ପର୍କୀୟଙ୍କ ନାଁରେ କରିଛନ୍ତି । କେବଳ ଏତିକି ନୁହେଁ ୨ଟି ବାଇକ୍ ଓ ୧୭ ଲକ୍ଷ ଟଙ୍କାର ଦାମୀ ଗୃହ ଉପକରଣ ଭିଜିଲାନ୍ସ ହାତରେ ଲାଗିଛି । ସୁନ୍ଦରଗଡ଼ରେ ଆଇଟିଡିଏ ବିଭାଗରେ ସେ ସହକାରୀ ଯନ୍ତ୍ରୀ ଭାବେ ଅବସ୍ଥାପିତ ଥିବା ସମୟରେ କଳା ଧନ ଠୁଳ ନେଇ ତାଙ୍କ ବିରୋଧରେ ଅନେକ ଅଭିଯୋଗ ଆସିଥିଲା ।

# ମୁଖ୍ୟମନ୍ତ୍ରୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କଲେ ଷଷ୍ଠ ରାଜ୍ୟ ଅର୍ଥ କମିଶନ



**ଭୁବନେଶ୍ୱର ୧୯/୦୮**
**ନ୍ୟୁଜ ବ୍ୟୁରୋ**

ଲୋକସେବା ଭବନରେ ଷଷ୍ଠ ରାଜ୍ୟ ଅର୍ଥ କମିଶନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି । କମିଶନର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡାଙ୍କ ନେତୃତ୍ୱରେ କମିଶନର ଅନ୍ୟ ସଦସ୍ୟଗଣ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଏହି ରିପୋର୍ଟ ପ୍ରଦାନ କରିଥିଲେ ଏବଂ କମିଶନଙ୍କ ବିଭିନ୍ନ ସୁପାରିଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷ ଡ. ପଣ୍ଡାଙ୍କ ସହିତ କମିଶନର ସଦସ୍ୟଗଣ ପ୍ରଫେସର ଅସିତ ରଞ୍ଜନ ମହାନ୍ତି, ପ୍ରଫେସର ଅମରେଶ ସାମନ୍ତରାୟ ଏବଂ ଡକ୍ଟର ବିଭୁ ପ୍ରସାଦ ନାୟକ, ସଦସ୍ୟ ସଚିବ ଡକ୍ଟର ସତ୍ୟପ୍ରିୟ ରଥ, କମିଶନର ପଦାଧିକାରୀ ସଦସ୍ୟ ଅରିନ୍ଦମ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, କମିଶନ ଏହି ରିପୋର୍ଟକୁ ପୂର୍ବରୁ ରାଜଭବନରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କୁ ଭେଟି ପ୍ରଦାନ କରିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିବା ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ, ଗୃହ ଓ ନଗର ଉନ୍ନୟନ, ସାର୍ବଜନୀନ ଉଦ୍ୟୋଗ ବିଭାଗ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ସଂଜୀବ କୁମାର ମିଶ୍ର, ପଞ୍ଚାୟତିରାଜ ନିର୍ଦ୍ଦେଶକ ବିନୀତ ଭରଦ୍ୱାଜ ପ୍ରମୁଖ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ ଯେ, ରାଜ୍ୟପାଳ ଭାରତୀୟ ସମ୍ବିଧାନର ଧାରା ୨୪୩-ଆଇ ଏବଂ ଧାରା ୨୪୩- ୱାଇ ଅନୁଯାୟୀ ଷଷ୍ଠ ରାଜ୍ୟ ଅର୍ଥ କମିଶନ ଗଠନ କରିଛନ୍ତି । ଏହି କମିଶନ ରାଜ୍ୟ ଏବଂ ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନ ଓ ପୌରପାଳିକାଗୁଡିକ ମଧ୍ୟରେ ରାଜ୍ୟ ଦ୍ୱାରା ଆଦାୟ ହେଉଥିବା କର, ଶୁଳ୍କ, ଟୋଲ୍ ଏବଂ ଫିସ ବିତରଣ ଏବଂ ଏପରି ଆୟର ସେମାନଙ୍କ ଅଂଶର ଆବଣ୍ଟନକୁ ନିୟନ୍ତ୍ରଣ କରୁଥିବା ନୀତିଗୁଡ଼ିକୁ ସୁପାରିଶ କରିବେ ଓ ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରପାଳିକାଗୁଡିକର ଆର୍ଥିକ ସ୍ଥିତିକୁ ଉନ୍ନତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ସୁପାରିଶ କରିବେ । ଷଷ୍ଠ ରାଜ୍ୟ ଅର୍ଥ କମିଶନ ସରକାରଙ୍କୁ ଏକ ଅନ୍ତରୀଣ ରିପୋର୍ଟ ପ୍ରଦାନ କରିଛନ୍ତି ଯାହାକି ଷୋଡ଼ଶ ଅର୍ଥ କମିଶନଙ୍କ ବିଚାର ନିମନ୍ତେ ପ୍ରେରଣ କରାଯିବ । ତଥାପି, କମିଶନ ସ୍ଥାନୀୟ ସଂସ୍ଥାଗୁଡ଼ିକର ସମସ୍ୟା ଏବଂ ଆହ୍ୱାନଗୁଡ଼ିକୁ ଆହୁରି ଗଭୀର ଭାବରେ ଅନୁଧ୍ୟାନ କରିବେ ଏବଂ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଚୂଡ଼ାନ୍ତ ରିପୋର୍ଟ ଦାଖଲ କରିବେ ।

# କୋଣାର୍କ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ପର୍ଯ୍ୟଟନ ସଚିବ

**କୋଣାର୍କ, ୧୯/୮ ନ୍ୟୁଜ ବ୍ୟୁରୋ**

ପର୍ଯ୍ୟଟନ ସଚିବ ବଲୱନ୍ତ ସିଂ କୋଣାର୍କ ଉନ୍ନୟନ କାର୍ଯ୍ୟ, ସୂର୍ଯ୍ୟମନ୍ଦିର ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ, ଯାତ୍ରୀନିବାସ ମରାମତି, କୋଣାର୍କ ଅର୍ବାନ ହାଟ ପୁନଃରୁଦ୍ଧାର କାର୍ଯ୍ୟ ସମୀକ୍ଷା କରିଛନ୍ତି। ସୂର୍ଯ୍ୟମନ୍ଦିର ଦକ୍ଷିଣ ପୂର୍ବ ପାର୍ଶ୍ୱରେ ୮ଟି ଅତ୍ୟାଧୁନିକ ପ୍ରୋଜେକ୍ଟର ମାଧ୍ୟମରେ ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ ପାଇଁ କାର୍ଯ୍ୟ ଆରମ୍ଭ ହୋଇଛି। ୩ ଶହରୁ ଅଧିକ ପର୍ଯ୍ୟଟକ ବସିବା ଭଳି ଚେୟାର ବ୍ୟବସ୍ଥା କରାଯିବ। ଶହେ ହେଡ ଫୋନ ସହିତ ଓପନ ସାଉଣ୍ଡ ସିଷ୍ଟମ ରହିବ। ୩ ଭାଷାରେ ପର୍ଯ୍ୟଟକମାନେ ସୂର୍ଯ୍ୟମନ୍ଦିର କାହାଣୀ ଶୁଣି ପାରିବେ। ସନ୍ଧ୍ୟା ୬ଟା ୩୦ରୁ ୭ଟା ୧୦ ଏବଂ ୭ଟା ୩୦ରୁ ୮ଟା ୧୦ପର୍ଯ୍ୟନ୍ତ ଦୁଇଟି ଶୋ ଚାଲିବ। ଗ୍ରୀଷ୍ମ ଦିନରେ ସମୟ ପରିବର୍ତ୍ତନ କରାଯିବ। ଏହା ଆସନ୍ତା ସେପ୍ଟେମ୍ବର ୧୫ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ରହିଛି । ପ୍ରଥମେ ଯାତ୍ରୀ ନିବାସ ପୁନରୁଦ୍ଧାର କାର୍ଯ୍ୟ ବୁଲି ଦେଖିବା ପରେ ଅର୍ବାନ ହାଟ ପୁନରୁଦ୍ଧାର ନିମନ୍ତେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଶାସନ ସଚିବ ସରୋଜ କୁମାର ସ୍ୱାଇଁ, ଏଏସଆଇ ସର୍କଲ ସୁପରିଣ୍ଟେଣ୍ଡେଣ୍ଟ ଡଃ ଡିବି ଗଡ଼ନାୟକ, ତହସିଲଦାର ଅନିଲ କୁମାର ମହାନ୍ତି, କୋଣାର୍କ ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



# ଶିଶୁ ବାଟିକା ପିଲାଙ୍କୁ ମିଳିବ ୟୁନିଫର୍ମ

## ୩,୧୦,୮୩୯ ପିଲାଙ୍କୁ ବଣ୍ଟନ ହେବ



**ଭୁବନେଶ୍ୱର,୧୯/୦୮**
**ନ୍ୟୁଜ ବ୍ୟୁରୋ**

ସ୍କୁଲରେ ନାମ ଲେଖାଇଥିବା ସମସ୍ତ ଶିଶୁ ବାଟିକା ପିଲାଙ୍କୁ ବଣ୍ଟନ ହେବ ସ୍କୁଲ ୟୁନିଫର୍ମ । ପ୍ରଥମ ଶ୍ରେଣୀ ପିଲାଙ୍କ ପରି ଶିଶୁ ବାଟିକା ପିଲାଙ୍କୁ ମଧ୍ୟ ଦିଆଯିବ ସ୍କୁଲ ପୋଷାକ, ଜୋତା, ମୋଜା, ଟି-ସାର୍ଟ, ଟ୍ରାକ୍-ପାଣ୍ଟ, ଟୋପି ଓ ପରିଚୟ ପତ୍ର । ଏଥିପାଇଁ ଖର୍ଚ୍ଚ ହେବ ଜଣଙ୍କ ପିଛା ୧୦୦୦ ଟଙ୍କା । ଚଳିତ ଶିକ୍ଷାବର୍ଷରେ ରାଜ୍ୟର ମୋଟ୍ ୩ ଲକ୍ଷ ୧୦ ହଜାର ୮୩୯ଜଣ ଶିଶୁ ବାଟିକା ପିଲାଙ୍କୁ ଏହି ୟୁନିଫର୍ମ ବଣ୍ଟନ କରାଯିବ । ଏଥିପାଇଁ ମୋଟ୍ ୩୧ କୋଟି ୮ ଲକ୍ଷ ୩୯ ହଜାର ଟଙ୍କା ଖର୍ଚ୍ଚ ହେବ । ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏନେଇ ଯୋଜନା ପ୍ରସ୍ତୁତ କରୁଛି। ପିଲାମାନେ ଖୁସିରେ ସ୍କୁଲ ଯିବେ ଓ ଅଭ୍ୟାସରେ ପରିଣତ ହେବେ । ସ୍କୁଲ ଛାଡ଼ିବା ପାଇଁ ମନା କରିବେ ନାହିଁ ଏବଂ ଡ୍ରପ୍ ଆଉଟ୍ କିପରି ବଢିବ ନାହିଁ ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ଜାତୀୟ ଶିକ୍ଷା ନୀତି ୨୦୨୦କୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାର ଗତ ଏପ୍ରିଲ୍ ୨ ତାରିଖରେ ଶିଶୁ ବାଟିକାର ଶୁଭାରମ୍ଭ କରିଥିଲେ। ସରକାରଙ୍କ ଏହା ଲକ୍ଷ୍ୟ ରହିଛି ଯେ, ରାଜ୍ୟରେ ପ୍ରାଥମିକ ଶିକ୍ଷାଦାନ କ୍ଷେତ୍ରକୁ ସୁଦୃଢ଼ କରିବ ଶିଶୁ ବାଟିକା । ପିଲାମାନେ ଏକ ସୁନ୍ଦର ଓ ମନୋଜ୍ଞ ପରିବେଶରେ ପାଠ ପଢ଼ିବେ । ଛୋଟ ପିଲାଙ୍କ ମାନସିକତାକୁ ଦୃଷ୍ଟିରେ ରଖି ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ତେବେ ସେମାନଙ୍କ ପାଇଁ ରାଜ୍ୟ ସରକାର ମଧ୍ୟାହ୍ନ ଭୋଜନର ମଧ୍ୟ ବ୍ୟବସ୍ଥା କରିଛନ୍ତି ।

# ବିଶ୍ୱ ଦକ୍ଷତା କେନ୍ଦ୍ରରେ ନାମଲେଖା ଲାଗି ଆବେଦନର ଶେଷ ତାରିଖ ୧ ସେପ୍ଟେମ୍ବର

**ଭୁବନେଶ୍ୱର,୧୯/୮**
**ନ୍ୟୁଜ ବ୍ୟୁରୋ**

ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରରେ ୨୦୨୫-୨୬ ସେପ୍ଟେମ୍ବର ସେସନରେ ନାମଲେଖା ପାଇଁ ଅନ୍‌ଲାଇନ୍ ଆବେଦନ ପ୍ରକ୍ରିୟା ଜାରି ରହିଛି । ବିଭିନ୍ନ ବୃତିଗତ ପାଠ୍ୟକ୍ରମରେ ତାଲିମ ନେବା ଲାଗି ଆଗ୍ରହୀ ପ୍ରାର୍ଥୀମାନେ ୨୦୨୫ ସେପ୍ଟେମ୍ବର ୧ ତାରିଖ ସୁଦ୍ଧା ଆବେଦନ କରିପାରିବେ।

ଆଗ୍ରହୀ ପ୍ରାର୍ଥୀମାନେ ବିଶ୍ୱ ଦକ୍ଷତା କେନ୍ଦ୍ରର ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ । ଏ ବିଷୟରେ ଅଧିକ ଜାଣିବା ପାଇଁ ୧୮୦୦ ୨୬୬ ୬୦୦୨ ଟୋଲ ଫ୍ରି ନମ୍ବରରେ ଯୋଗାଯୋଗ କରିବାକୁ ବିଶ୍ୱ ଦକ୍ଷତା କେନ୍ଦ୍ର ପକ୍ଷରୁ ଅନୁରୋଧ କରାଯାଇଛି । ବିଶ୍ୱ ଦକ୍ଷତା କେନ୍ଦ୍ର ହେଉଛି ଭାରତର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର । ଓଡ଼ିଶା ଦକ୍ଷତା ବିକାଶ ପ୍ରାଧୀକରଣଙ୍କ ଦ୍ୱାରା ପରିଚାଳିତ ସ୍କିଲ୍ଡ ଇନ ଓଡ଼ିଶା କାର୍ଯ୍ୟକ୍ରମ ତଥା ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ଅଧୀନରେ ଏହି କେନ୍ଦ୍ର ସ୍ଥାପନ କରାଯାଇଛି । ଏଠାରେ 'ସ୍କୁଲ ଅଫ୍ ଇଞ୍ଜିନିୟରିଂ' ଓ 'ସ୍କୁଲ ଅଫ୍ ସର୍ଭିସେସ୍' ବିଭାଗ ଅଧୀନରେ ମୋଟ ୭ଟି ବୃତିଗତ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ଫିନିସିଙ୍ଗ ସ୍କୁଲ ଢାଞ୍ଚାରେ ତାଲିମ ଦିଆଯାଇ ଦେଶ ବିଦେଶର ଶିଳ୍ପ କ୍ଷେତରେ ନିଯୁକ୍ତି ଲାଗି ପ୍ରସ୍ତୁତ କରାଯାଉଛି । ଏହି ପାଠ୍ୟକ୍ରମର ଅବଧି ୧ ବର୍ଷ ରହିଛି।

ସ୍କୁଲ ଅଫ୍ ଇଞ୍ଜିନିୟରିଂ ବିଭାଗ ଅଧୀନରେ ମେକାଟ୍ରୋନିକ୍ସ, ଇଲେକର୍ଟ୍ରିକାଲ ଟେକ୍ନୋଲୋଜି, ମେକାନିକାଲ ଆଣ୍ଡ୍ ଇଲେକର୍ଟ୍ରିକାଲ ସର୍ଭିସେସ, ଏୟାର କଣ୍ଡିସନିଂ ଆଣ୍ଡ୍ ରେଫ୍ରିଜରେସନ, ଭର୍ଟିକାଲ ଟ୍ରାନ୍ସପୋର୍ଟେସନ ଏବଂ ପ୍ରିସିସନ ଇଞ୍ଜିନିୟରିଂ ଭଳି ୫ଟି ବୃତିଗତ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ ଗ୍ରହଣ କରାଯାଉଛି । ଏଥିପାଇଁ ଆଗ୍ରହୀ ପ୍ରାର୍ଥୀ କୌଣସି ସରକାରୀ ବା ଘରୋଇ ଅନୁଷ୍ଠାନରୁ ଯେକୌଣସି ବିଷୟରେ ୨ ବର୍ଷିଆ ଆଇଟିଆଇ ବା ୩ ବର୍ଷିଆ ଡିପ୍ଲୋମା କରିଥିବା ଆବଶ୍ୟକ । ସେହିପରି 'ବ୍ୟୁଟି ଆଣ୍ଡ ୱେଲନେସ୍' ପାଠ୍ୟକ୍ରମ ପାଇଁ ପ୍ରାର୍ଥୀ ଯୁକ୍ତ ୨ କିମ୍ବା ସଂପୃକ୍ତ ବିଷୟରେ ଆଇଟିଆଇ ଓ କୌଣସି ବିଷୟରେ ଡିପ୍ଲୋମା କରିଥିବା ଆବଶ୍ୟକ । ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଭିନ୍ନ ବୃତିଗତ ପାଠ୍ୟକ୍ରମ ପାଇଁ ଅନ୍ୟ ରାଜ୍ୟର ପ୍ରାର୍ଥୀମାନେ ମଧ୍ୟ ଆବେଦନ କରିପାରିବେ। ସେମାନଙ୍କ ପାଇଁ ୧୦ ପ୍ରତିଶତ ପର୍ଯ୍ୟନ୍ତ ସିଟ୍ ସଂରକ୍ଷଣ ବ୍ୟବସ୍ଥା କରାଯାଇଛି ।

ବିଶ୍ୱ ଦକ୍ଷତା କେନ୍ଦ୍ରରେ ଅନ୍ତର୍ଜାତୀୟ ଢାଂଚାର ପାଠ୍ୟକ୍ରମ ସହ ଆବଶ୍ୟକ ଭିତିଭୂମି ଓ ଅତ୍ୟାଧୁନିକ ଲାବୋରେଟୋରି ରହିଛି । ତା' ସହ ବିଶ୍ୱ ଦକ୍ଷତା କେନ୍ଦ୍ରରେ ବିଷୟଗତ ପାଠ୍ୟକ୍ରମ ଛଡ଼ା ଜୀବିକାନିର୍ବାହ ଏବଂ ନିଯୁକ୍ତିଭିତିକ ଦକ୍ଷତା ତାଲିମ ଅଧୀନରେ ଯୋଗାଯୋଗ, ନେତୃତ୍ୱ ଓ ବ୍ୟକ୍ତିତ୍ୱ ବିକାଶ ଏବଂ ଡିଜିଟାଲ ସାକ୍ଷରତା ଆଦି ଉପରେ ପ୍ରଶିକ୍ଷଣ ଦିଆଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ରହିବା ଲାଗି ହଷ୍ଟେଲ, ଖାଇବା ବ୍ୟବସ୍ଥା, ୟୁନିଫର୍ମ ଏବଂ ଯିବା ଆସିବା ଲାଗି ବସ୍ ସୁବିଧା ଆଦି ମାଗଣାରେ ଦିଆଯାଉଛି। ଶିକ୍ଷା ଓ ତାଲିମ ଶେଷ ହେବା ପରେ ଛାତ୍ରଛାତ୍ରୀମାନେ କିପରି ଦେଶ ବିଦେଶର ବିଭିନ୍ନ ପ୍ରମୁଖ ସଂସ୍ଥାରେ ନିଯୁକ୍ତି ପାଇପାରିବେ ସେଥିପାଇଁ 'ପ୍ଲେସମେଣ୍ଟ' ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି ।